# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଜୁଲାଇ ୨୯/୨୦୨୦ (୧୨ ପୃଷ୍ଠା) | Sambalpur, Wednesday, July 29/2020 | ★★

୧୬ଶ ଭାଗ ୧୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**କ୍ୱାରାଣ୍ଟାଇନ୍ ପରେ ବାହାରିଲେ ସୋନମ୍**

ଅଭିନେତ୍ରୀ ସୋନମ୍ କପୁରଙ୍କୁ ଲଣ୍ଡନରେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିଥିଲା। ଏହି ଅବଧି ପରେ ସେ ପ୍ରଥମ ଥର ପାଇଁ ଘରୁ ବାହାରକୁ ପାଦ କାଢ଼ିଛନ୍ତି।

୧୦

୧୨

**ଟେଷ୍ଟ କ୍ରିକେଟରେ ବ୍ରଡ୍‌ଙ୍କ ୫୦୦ ଉଇକେଟ**

ୱେଷ୍ଟଇଣ୍ଡିଜର କ୍ରେଗ୍ ବ୍ରାଥୱେଟ୍‌ଙ୍କୁ ଆଉଟ କରି ଟେଷ୍ଟ କ୍ରିକେଟରେ ୫୦୦ ଉଇକେଟ ପୂରଣ କରିଛନ୍ତି ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡ୍।



# ବାଘଛାଲ ଚାଲାଣରେ ଭାରତ ଆଗୁଆ



**ନୂଆଦିଲ୍ଲୀ/ୱାଶିଂଟନ,୨୮।୭**

ବାଘର ଛାଲ, ନଖ, ହାଡ଼ ଓ ଅଙ୍ଗଗୁଡ଼ିକ ଚୋରା ଚାଲାଣ କ୍ଷେତ୍ରରେ ଭାରତ ଅନ୍ୟ ଦେଶ ଅପେକ୍ଷା ଆଗରେ ରହିଛି। ଭାରତ ଓ ଥାଇଲାଣ୍ଡରୁ ବିଦେଶକୁ ବାଘର ଅଙ୍ଗପ୍ରତ୍ୟଙ୍ଗ ସର୍ବାଧିକ ଚୋରା ଚାଲାଣ ହୋଇ ଯାଉଛି। ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ପ୍ରକାଶିତ ଜାତିସଂଘ ବନ୍ୟପ୍ରାଣୀ ଅପରାଧ ରିପୋର୍ଟରେ ଏହା ଦର୍ଶାଯାଇଛି। ୟୁନାଇଟେଡ୍ ନେଶନ୍ସ ୱାର୍ଲ୍ଡ କ୍ରାଇମ୍ ରିପୋର୍ଟରେ ୨୦୦୭ରୁ ୨୦୧୮ ମଧ୍ୟରେ ବିଭିନ୍ନ ଦେଶକୁ ଚାଲାଣ ହୋଇଥିବା ବାଘ ଅଙ୍ଗପ୍ରତ୍ୟଙ୍ଗର ପରିମାଣ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏଥିରେ କୁହାଯାଇଛି ଯେ, ବିଶ୍ୱର ବିଭିନ୍ନ ଭାଗକୁ ଚାଲାଣ ହୋଇଯାଇଥିବା ବାଘ ଅଙ୍ଗପ୍ରତ୍ୟଙ୍ଗର ୮୨% କେବଳ କେବଳ ଭାରତ ଓ ଥାଇଲାଣ୍ଡକୁ ଯାଇଛି।

ଦିନକୁ ଦିନ ବାଘ ସଂଖ୍ୟା ହ୍ରାସ ପାଇବା ଉଦ୍‌ବେଗର କାରଣ ପାଲଟିଛି। ୨୦୧୦ରେ ବିଶ୍ୱରେ ମାତ୍ର ୩,୨୦୦ ବାଘ ଥିଲେ। ସେଣ୍ଟ ପିଟର୍ସବର୍ଗ ଟାଇଗର ସମିଟ୍ ପରଠାରୁ ଜୁଲାଇ ୨୯କୁ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଭାବେ ପାଳନ କରାଯାଉଛି। ଜୈବ ବିବିଧତାରେ ସନ୍ତୁଳନ ଆଣିବା ଲାଗି ୨୦୨୨ (ଚାଇନିଜ୍ ଇୟର ଅଫ୍ ଦି ଟାଇଗର) ସୁଦ୍ଧା ବାଘ ସଂଖ୍ୟା ଦୁଇଗୁଣ ବୃଦ୍ଧି କରିବା ପାଇଁ ୧୩ଟି ଦେଶ ଏହି ସମ୍ମିଳନୀରେ ଐତିହାସିକ ନିଷ୍ପତ୍ତି ନେଇଥିଲେ। ସେହି ଦେଶଗୁଡ଼ିକ ହେଲା ଭାରତ, ବାଂଲାଦେଶ, ଭୁଟାନ, କାମ୍ବୋଡିଆ, ଚାଇନା, ଇଣ୍ଡୋନେସିଆ, ଲାଓ ପିଡିଆର୍, ମାଲେସିଆ, ମ୍ୟାନ୍‌ମାର, ନେପାଳ, ରୁଷିଆ, ଥାଇଲାଣ୍ଡ ଓ ଭିଏତ୍‌ନାମ। ବାଘ ବଂଶ ବୃଦ୍ଧି ଓ ସଂରକ୍ଷଣ ଉଦ୍ଦେଶ୍ୟରେ ଜୁଲାଇ ୨୯ରେ ଏହି ଦିବସ ବିଶ୍ୱବ୍ୟାପୀ ପାଳନ କରାଯାଉଥିଲେ ହେଁ ଅଧିକାଂଶ ଦେଶ ଲକ୍ଷ୍ୟ ହାସଲରେ ବିଫଳ ହୋଇଛନ୍ତି। ୨୦୧୫ରେ ବିଶ୍ୱର ବାଘ ସଂଖ୍ୟା ୩,୦୬୨ରୁ ୩,୯୪୮ ମଧ୍ୟରେ ରହିଥିଲା। ଜଙ୍ଗଲ ଧ୍ୱଂସ ପାଇବା, ବାଘ ଶିକାର, ମଣିଷ-ପ୍ରାଣୀ ଲଢ଼େଇ ଆଦିକୁ ବାଘ ବଂଶ ହ୍ରାସ ପାଇବାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଏବେ ମଧ୍ୟ ବାଘର ଛାଲ, ନଖ ଓ ହାଡ଼କୁ ଔଷଧୀୟ କାର୍ଯ୍ୟରେ ଲଗାଇବା ପାଇଁ ଏହି ପ୍ରାଣୀକୁ ହତ୍ୟା କରାଯାଉଥିବା ସାମ୍ନାକୁ ଆସୁଛି। ବ୍ୟାଘ୍ର ସାମଗ୍ରୀ ଚାଲାଣକାରୀ ଦେଶ ଭାବେ ଚାଇନା ଓ ଭାରତ ଶୀର୍ଷରେ ରହିଛି। ଚାଲାଣ ବେଳେ ଧରାପଡ଼ିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୧୮% ଭାରତୀୟ ହୋଇଥିବାବେଳେ ଭିଏତ୍‌ନାମର ୧୪% ଓ ଇଣ୍ଡୋନେସିଆ ୮% ନାଗରିକ ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ। ସେହିପରି ୨୯% ଚାଲାଣକାରୀ ଚାଇନାର ବୋଲି ବିଶ୍ୱବ୍ୟାପୀ ସଂଗୃହୀତ ତଥ୍ୟରୁ ଜଣାପଡ଼ିଛି।

ଅନ୍ୟପକ୍ଷରେ ବିଶ୍ୱର ପ୍ରାୟ ୭୦% ବାଘ ଭାରତରେ ରହିଥିବା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର ସୂଚନା ଦେଇଛନ୍ତି। ବିଶ୍ୱ ବ୍ୟାଘ୍ର ଦିବସ ପାଳନ ପୂର୍ବରୁ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଜାଭଡେକର ଟାଇଗର ଗଣନା ରିପୋର୍ଟ ଜାରି କରିଛନ୍ତି। ସେ କହିଛନ୍ତି, ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ରରେ ଭାରତ ନିର୍ଦ୍ଧାରିତ ସମୟର ୪ ବର୍ଷ ପୂର୍ବରୁ ଲକ୍ଷ୍ୟ ହାସଲ କରିଛି, ଯାହାକି ଆମ ପାଇଁ ଗର୍ବର ବିଷୟ। ସୂଚନାଯୋଗ୍ୟ, ୨୦୧୪ରେ ଭାରତରେ ୨୨୨୬ ବାଘ ଥିବାବେଳେ ୨୦୧୮ର ଗଣନା ଅନୁସାରେ ସେମାନଙ୍କ ସଂଖ୍ୟା ୨୯୬୭ରେ ପହଞ୍ଚିଥିଲା। ଦେଶରେ ବ୍ୟାଘ୍ର ସଂରକ୍ଷଣ ପାଇଁ ଏମ୍-ଷ୍ଟ୍ରାଇପ୍ ନାମରେ ଏକ ଆପ୍ ମଧ୍ୟ ବିକଶିତ କରାଯାଇଛି, ଯାହା ଭାରତର ୫୦% ଟାଇଗର ରିଜର୍ଭ ଉପରେ ନଜର ରଖିଥାଏ। ଶିକାରୀମାନଙ୍କୁ ଧରିବା ପାଇଁ ମଧ୍ୟ ଏହା ସହାୟକ ହୋଇଥାଏ।




# ଗୁରୁତ୍ୱ ହରାଇଛି ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ

**ବନ୍ତଲା, ୨୮।୭ (ଡି.ଏନ.ଏ.)**

■ ସ୍ଥଗିତ ରହିଛି ବାଘ ବଂଶ ବିସ୍ତାର ଯୋଜନା
■ ସମନ୍ୱୟ ଓ ସହଯୋଗ ଉପରେ ଭବିଷ୍ୟତ ନିର୍ଭର

ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ରରେ ଦିନେ ଅନୁଗୋଳ ଜିଲାର ସାତକୋଶିଆ ବେଶ୍ ଖ୍ୟାତି ଅର୍ଜନ କରିଥିଲା। ମହାବଳ ବାଘ ବଂଶ ବିସ୍ତାର ପାଇଁ ଏହା ଏକ ଉପଯୁକ୍ତ କ୍ଷେତ୍ର ବୋଲି କୁହାଯାଉଥିଲା। ମାତ୍ର ଆବଶ୍ୟକ ସୁରକ୍ଷା ଓ ପରିଚାଳନାଗତ ତ୍ରୁଟି ଯୋଗୁ ଏବେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ତା'ର ଗୁରୁତ୍ୱ ହରାଇ ବସିଛି। ଧୀରେ ଧୀରେ ଏଠାରେ ବାଘ ସଂଖ୍ୟା ହ୍ରାସ ହେବା ଓ ପୁନଃ ବଂଶ ବିସ୍ତାର ଯୋଜନା ପ୍ରାରମ୍ଭରୁ ବିଫଳ ସହ ବିବାଦୀୟ ହୋଇପଡ଼ିବା ପ୍ରକଳ୍ପର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପରିବେଶପ୍ରେମୀ ପ୍ରସନ୍ନ କୁମାର ବେହେରା ଓ ସ୍ୱପ୍ନା ଷଡ଼ଙ୍ଗୀଙ୍କ କହିବା ଅନୁଯାୟୀ, ୨୦୦୪ ମସିହା ବେଳକୁ ସାତକୋଶିଆରେ ୧୮ଟି ମହାବଳ ଓ ୩୨ଟି କଲରାପତରିଆ ବାଘ ଥିବା ଗଣନାରୁ ଜଣାପଡ଼ିଥିଲା। କିନ୍ତୁ ଧୀରେ ଧୀରେ ଏଠାରୁ ବାଘ ନିଶ୍ଚିହ୍ନ ହେବାର ଯୁକ୍ତିସଙ୍ଗତ କାରଣ ବନ ବିଭାଗ ପାଖରେ ନାହିଁ। ସେହିପରି ଆରମ୍ଭ ହୋଇଥିବା ବାଘ ବଂଶ ବିସ୍ତାର ଯୋଜନା କାହିଁକି ବିଫଳ ହେଲା ତାହାର କାରଣ ମଧ୍ୟ ବନ ବିଭାଗ ଖୋଜି ବାହାର କରିପାରୁନାହିଁ। ବାଘ ସଂରକ୍ଷଣ ଓ ପରିଚାଳନା ଯୋଜନା ଆଇନଗତ ଭାବେ ବିଜ୍ଞାନସମ୍ମତ, ବୈଷୟିକ ଧାରାର ଉପଯୋଗ ଓ ସରକାରଙ୍କ ବିଭିନ୍ନ ବିଭାଗର ସମନ୍ୱୟ ସହିତ ସ୍ଥାନୀୟ ଅଧିବାସୀଙ୍କ ସହଯୋଗରେ କାର୍ଯ୍ୟକାରୀ ହେବା କଥା। ମାତ୍ର ଏ କ୍ଷେତ୍ରରେ ବନବିଭାଗ ସହଯୋଗର ହାତ ବଢ଼ାଇ ☞ପୃଷ୍ଠା-୪




## ଆଜି ମାଟ୍ରିକ୍ ରେଜଲ୍ଟ

**ଭୁବନେଶ୍ୱର, ୨୮।୭(ବ୍ୟୁରୋ):** ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇବ। ଅପରାହ୍ନ ସାଢ଼େ ୧୧ଟାରୁ ବୋର୍ଡର ୨ଟି ୱେବ୍‌ସାଇଟ୍‌ରେ ରେଜଲ୍ଟ ଉପଲବ୍ଧ ହେବ। ଏହି ୱେବ୍‌ସାଇଟ୍ ହେଲା www.bseodisha.ac.in ଏବଂ www.bseodisha.nic.in। ଏଥିସହ ୫୬୭୬୭୫୦ରେ ଏସ୍‌ଏମ୍‌ଏସ୍ କରିଲେ ମଧ୍ୟ ରେଜଲ୍ଟ ମିଳିପାରିବ। ଏହି ପରୀକ୍ଷା ଫଳ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଜିଜ୍ଞାସା ପୂର୍ତ୍ତି ପାଇଁ କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଫଳ ପ୍ରକାଶନଠାରୁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ (ସକାଳ ୧୧ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ) ଏହି କଣ୍ଟ୍ରୋଲ ରୁମ୍ ଖୋଲା ରହିବ। ୦୬୭୧-୨୪୧୨୦୫୯ ଏବଂ ୦୬୭୧-୨୪୧୨୦୬୦ ଟେଲିଫୋନ ନମ୍ବରରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଉକ୍ତ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ।

## ମାଲେସିଆର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ୧୨ ବର୍ଷ ଜେଲ



ନଜିବ୍ ରଜାକ୍

**କୁଆଲା ଲୁମ୍ପୁର,୨୮।୭:** ମାଲେସିଆର ଏକ କୋର୍ଟ ମଙ୍ଗଳବାର ପୂର୍ବତନ ପ୍ରଧାନମନ୍ତ୍ରୀ ନଜିବ୍ ରଜାକ୍‌ଙ୍କୁ ୧୨ ବର୍ଷ ଜେଲ ସହ ୪୯.୪୦ ନିୟୁତ ଡଲାର ଜରିମାନାଦେଶ ଶୁଣାଇଛନ୍ତି। ରାଜକୋଷର ବହୁକୋଟି ଟଙ୍କା ଆର୍ଥିକ ଦୁର୍ନୀତି ମାମଲାରେ ସେ କ୍ଷମତାର ଅପବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ମନିଲଣ୍ଡରିଂ କରି ସେ ମାଲେସିଆ ଡେଭେଲପ୍‌ମେଣ୍ଟ ବର୍‌ହାଡ ୟୁନିଟ୍ ଏସ୍‌ଆର୍‌ସି ଇଣ୍ଟରନ୍ୟାଶନାଲଠାରୁ ବେଆଇନ ଭାବେ ପ୍ରାୟ ୧୦ ନିୟୁତ ଡଲାର ଗ୍ରହଣ କରିଥିଲେ। ତାଙ୍କ ବିରୋଧରେ ୩ ଗୁରୁତର ଅଭିଯୋଗ ଆସିଥିଲା। ପ୍ରକାଶଥାଉ କି, ନଜିବ୍‌ଙ୍କୁ ୨୦୧୮ ନିର୍ବାଚନରେ ପରାଜୟ ବରଣ କରିବାକୁ ପଡ଼ିଥିଲା। ଏହା ପରେ ତାଙ୍କ ବିରୋଧରେ ୧୨ ସଙ୍ଗିନ ଅଭିଯୋଗ ଅଣାଯାଇଥିଲା।

## ଅଭିନେତ୍ରୀ କୁମ୍‌କୁମ୍‌ଙ୍କ ପରଲୋକ



**ମୁମ୍ବାଇ,୨୮।୭:** ଅଭିନେତ୍ରୀ କୁମ୍‌କୁମ୍‌ଙ୍କ ମୁମ୍ବାଇର ବାନ୍ଦ୍ରାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ସେ ଫିଲ୍ମ 'ମଦର ଇଣ୍ଡିଆ', 'ନୟା ଦୌର', 'ସିଆଇଡି', 'କୋହିନୂର', 'ଉଜାଲା', 'ମିଷ୍ଟର ଏକ୍ସ ଇନ୍ ମୁମ୍ବାଇ', 'ଲଲ୍‌କାର', 'ଆଖେଁ', 'ଗୀତ୍'ରେ ଅଭିନୟ କରିଥିଲେ। ୧୯୫୪ରେ ସେ ପ୍ରଥମେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଫିଲ୍ମ 'ଆର୍ ପାର୍'ରେରେ ତାଙ୍କ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ବଲିଉଡ୍ ସହ କେତେକ ଭୋଜ୍‌ପୁରୀ ଫିଲ୍ମ ମଧ୍ୟ ସେ କରିଛନ୍ତି। ବିହାରରେ ୧୯୩୪ରେ ଜନ୍ମଗ୍ରହଣ କରିଥିବା କୁମ୍‌କୁମ୍ ୧୧୫ ଫିଲ୍ମରେ ନିଜର ଅଭିନୟର ଯାଦୁ ଛାଡ଼ିଯାଇଛନ୍ତି। କିଶୋର କୁମାର, ଗୁରୁଦତ୍ତଙ୍କ ଭଳି ଅଭିନେତାଙ୍କ ସହ ସେ ଅଭିନୟ କରିଛନ୍ତି।

# ୧୫୦ ଟପିଲା କରୋନା ମୃତ୍ୟୁ

**ଭୁବନେଶ୍ୱର, ୨୮।୭(ବ୍ୟୁରୋ)**

**ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୨୮,୧୦୭**

ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୫୦ ଟପିଛି। ମଙ୍ଗଳବାର ନୂଆ ୭ ମୃତକଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୫୪ରେ ପହଞ୍ଚିଛି। ୭ ମୃତକଙ୍କ ମଧ୍ୟରେ ଗଞ୍ଜାମରୁ ୩ଜଣ ଥିବାବେଳେ ରାୟଗଡ଼ା ୨, ଭୁବନେଶ୍ୱର ଓ କଟକରୁ ଜଣେ ଲେଖାଏ ରହିଛନ୍ତି। କରୋନା ମୃତ୍ୟୁରେ ଗଞ୍ଜାମ ଜିଲା ସବୁଠୁ ଆଗରେ ରହିଛି। ଏପର୍ଯ୍ୟନ୍ତ ଗଞ୍ଜାମରେ ୮୫, ଖୋର୍ଦ୍ଧାରେ ୧୯, କଟକରେ ୧୧, ଗଜପତିରେ ୯ ଏବଂ ରାୟଗଡ଼ା ଓ ସୁନ୍ଦରଗଡ଼ରେ ୬ଜଣ ଲେଖାଏ ମୃତ୍ୟୁବରଣ କଲେଣି। ସେହିପରି ଜଗତ୍‌ସିଂହପୁର, ଅନୁଗୋଳ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ପୁରୀରେ ୨ଜଣ ଲେଖାଏ ଏବଂ ବରଗଡ଼, ଯାଜପୁର, ଝାରସୁଗୁଡ଼ା ଓ ମାଲକାନଗିରିରୁ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି।

ଆଉ ଜଣେ କରୋନା ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ଘଟିଛି। ଫଳରେ ରାଜ୍ୟରେ ଅଣକୋଭିଡ୍ ମୃତ୍ୟୁ ସଂଖ୍ୟା ୩୫ ଛୁଇଁଛି। ଅନ୍ୟପଟେ ୨୮ ଜିଲାରୁ ୧୨୧୫ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୮,୧୦୭ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୩୩୨ ଥିବାବେଳେ ଖୋର୍ଦ୍ଧାରୁ ୩୧୨, ଗଜପତି ୮୯, କେନ୍ଦୁଝର ୭୭, କୋରାପୁଟ ୭୩ ଓ କଟକରୁ ୬୦ ଚିହ୍ନଟ ହୋଇଛନ୍ତି। ସେହିଭଳି ଜଗତ୍‌ସିଂହପୁର ୪୭, ବାଲେଶ୍ୱର ୨୯, ରାୟଗଡ଼ା ୨୪, ମୟୂରଭଞ୍ଜ ୨୨, ବଲାଙ୍ଗୀର ୨୧, ଯାଜପୁର ୨୦, କନ୍ଧମାଳ, ☞ପୃଷ୍ଠା-୪

## ବଜ୍ରପାତ ନେଲା ୫ ଜୀବନ

**ବଲାଙ୍ଗୀର ଅଫିସ/କୁଟିଣ୍ଡା/ ଜଗନ୍ନାଥପ୍ରସାଦ, ୨୮।୭(ଡି.ଏନ.ଏ.)**

ରାଜ୍ୟର ବିଭିନ୍ନ ସ୍ଥାନରେ ମଙ୍ଗଳବାର ବଜ୍ରପାତ ଘଟି ୪ଜଣ ମହିଳାଙ୍କ ସମେତ ୫ଜଣଙ୍କ ମୃତ୍ୟୁ ଘଟିଛି। ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ବଡତେଲେନ୍‌ପାଲି ଗାଁରେ ବଜ୍ରପାତରେ ୩ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବିଳାସିନୀ ରାଉତ(୨୯), ଯଶୋବନ୍ତୀ ଶବର (୨୮) ଓ ପୂର୍ଣ୍ଣମୀ ଧରୁଆ (୨୮)। ଏଥିରେ ସୀମା ଧରୁଆ (୧୬) ନାମ୍ନୀ ଅନ୍ୟ ଜଣେ ନାବାଳିକା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ ☞ପୃଷ୍ଠା-୪

# ଅନ୍‌ଲାଇନ ପାଠପଢ଼ା ବେଳେ ମୋବାଇଲ ଫୋନ୍ ଫାଟିଲା






ଫାଟିଯାଇଥିବା ମୋବାଇଲ୍ ଫୋନ୍ ଓ ଆହତ ଛାତ୍ରୀ।

**ପୁରୀ ଅଫିସ,୨୮।୭**

■ ଛାତ୍ରୀଙ୍କ ହାତରେ ଲାଗିଛି ଆଘାତ
■ ଛାତ୍ରୀଛାତ୍ର ଓ ଅଭିଭାବକ ଭୟଭୀତ

ଅନ୍‌ଲାଇନରେ ପାଠପଢାବେଳେ ମୋବାଇଲ ଫୋନ୍ ଫାଟିଲା। ତେବେ ସୌଭାଗ୍ୟବଶତଃ ରକ୍ଷା ପାଇଛନ୍ତି ଜଣେ ସପ୍ତମଶ୍ରେଣୀ ଛାତ୍ରୀ। ତାଙ୍କ ବାମ ହାତରେ ଆଘାତ ଲାଗିଛି। କିନ୍ତୁ ମୋବାଇଲ ଫୋନ୍‌ଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଏମିତି ଏକ ଅଭାବନୀୟ ଘଟଣା ମଙ୍ଗଳବାର ପୁରୀ ବାଲିଘାଇ ଆଦର୍ଶ ନଗର ଅଞ୍ଚଳରେ ଘଟିଛି। ଏହି ଘଟଣା ପରେ ଅନ୍‌ଲାଇନ ମାଧ୍ୟମରେ ପାଠପଢାକୁ ନେଇ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ଏକପ୍ରକାର ଭୟଭୀତ ହୋଇପଡ଼ିଛନ୍ତି। କରୋନା ସଂକ୍ରମଣ ବ୍ୟାପୁଥିବାରୁ ସ୍କୁଲ, କଲେଜ, କୋଚିଂ ସେଣ୍ଟର ଆଦିକୁ ବନ୍ଦ କରିଦିଆଯାଇଛି। ଏହି ସମୟରେ ଛାତ୍ରୀଛାତ୍ର ଘରେ ରହି ମୋବାଇଲ ଫୋନ୍ ମାଧ୍ୟମରେ ଅନ୍‌ଲାଇନରେ ପାଠ ପଢିବେ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଫଳରେ ପିଲାମାନେ ଅନ୍‌ଲାଇନରେ ପାଠ ପଢିବା ସହ ହୋମ୍‌ୱର୍କ ମଧ୍ୟ କରୁଛନ୍ତି। ହ୍ୱାଟ୍ସଆପ୍ ଜରିଆରେ ଏଭଳି ଶିକ୍ଷାଦାନ ପ୍ରକ୍ରିୟା ଜାରି ରହିଛି। ତେବେ ମଙ୍ଗଳବାର ସକାଳେ ଆଦର୍ଶ ନଗରର ବିଦ୍ୟାଧର ପଲେଇଙ୍କ ଝିଅ ରୂପ୍‌ସା ପଲେଇ (ପୁରୀ କେନ୍ଦ୍ରୀୟ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ) ଘରେ ଅନ୍‌ଲାଇନରେ ପାଠ ପଢୁଥିଲେ। ଶିକ୍ଷକ ହ୍ୱାଟ୍ସଆପ୍‌ରେ ଦେଇଥିବା ପ୍ରଶ୍ନର ଉତ୍ତର ରଖୁଥିଲେ। ଏହି ସମୟରେ ସେ ବାମ ହାତରେ ମୋବାଇଲ ଧରିଥିଲେ। ହଠାତ୍ ମୋବାଇଲ ଫୋନ୍‌ଟି ଫାଟିଯାଇଥିଲା। ସୌଭାଗ୍ୟବଶତଃ ରୂପ୍‌ସାଙ୍କର ବିଶେଷ କିଛି କ୍ଷତି ହୋଇ ନ ☞ପୃଷ୍ଠା-୪

# କ୍ୟାପିଟାଲ ହସ୍ପିଟାଲରେ ପ୍ଲାଜ୍‌ମା ବ୍ୟାଙ୍କ

■ ରାଜ୍ୟରେ ଦ୍ୱିତୀୟ
■ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
■ ପଞ୍ଜୀକରଣ ପାଇଁ ୱେବ୍ ପୋର୍ଟାଲ ଉନ୍ମୋଚିତ

**ଭୁବନେଶ୍ୱର, ୨୮।୭(ବ୍ୟୁରୋ)**

ଭୁବନେଶ୍ୱରସ୍ଥ କ୍ୟାପିଟାଲ ହସ୍ପିଟାଲରେ ମଙ୍ଗଳବାର ରାଜ୍ୟର ଦ୍ୱିତୀୟ ପ୍ଲାଜ୍‌ମା ବ୍ୟାଙ୍କ ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କଟକ ଏସ୍‌ସିବିର ଡାକ୍ତରମାନେ ରାଜ୍ୟରେ ଆଧୁନିକ ପ୍ଲାଜ୍‌ମା ଥେରାପିର ସଫଳ ପ୍ରୟୋଗ କରି ଓଡ଼ିଶାକୁ ଗର୍ବିତ କରିଛନ୍ତି। କୋଭିଡ୍‌ରୁ ଆରୋଗ୍ୟ ଲାଭ କରିଥିବା ଏ ପର୍ଯ୍ୟନ୍ତ ୨୩ଜଣ ବ୍ୟକ୍ତିଙ୍କଠାରୁ ପ୍ଲାଜ୍‌ମା ସଂଗ୍ରହ କରାଯାଇଛି। ଜଣେ ବ୍ୟକ୍ତିଙ୍କ ପ୍ଲାଜ୍‌ମା ଦୁଇଜଣ ରୋଗୀଙ୍କୁ ଦିଆଯାଇପାରିବ। ତେଣୁ ଏହାଦ୍ୱାରା ୪୬ଜଣ ରୋଗୀ ଚିକିତ୍ସିତ ହୋଇପାରିବେ। ରାଜ୍ୟର ବିଭିନ୍ନ ସ୍ଥାନକୁ ଏହି ଚିକିତ୍ସା ସେବା ସମ୍ପ୍ରସାରଣ କରିବା ପାଇଁ ଏହା ଆମକୁ ☞ପୃଷ୍ଠା-୪




ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ୍‌ରେ ପ୍ଲାଜ୍‌ମା ବ୍ୟାଙ୍କକୁ ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।


**ଆଜିର ସମ୍ପାଦକୀୟ**
**୧୧ ଲକ୍ଷ କୋଟି**



ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୫.୩୦ ଲକ୍ଷକୁ ବୃଦ୍ଧିପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୪୭ ହଜାର ନୂଆ ମାମଲା ଦେଖିବାକୁ ମିଳିଛି। ଦେଶରେ ଏହି ମହାମାରୀ ଯୋଗୁ ୩୪, ୨୨୫ ଲୋକଙ୍କ ଜୀବନ ଗଲାଣି। ଏବେ ୫ ଲକ୍ଷରୁ ଅଧିକ ଆକ୍ଟିଭ୍ ମାମଲା ରହିଥିବାବେଳେ ସୁସ୍ଥ ହାର ୬୪% ଉପରେ ପହଞ୍ଚିଛି।

# ବିବାଦରେ ନେତାନ୍ୟାହୁ ବାପପୁଅ

- ଦୁର୍ଗାଙ୍କ ଫଟୋକୁ ବିକୃତ କଲେ ୟାଇର୍
- ବିବାଦ ପରେ କ୍ଷମା ମାଗିଲେ



ପୁଅ ୟାଇର୍ ନେତାନ୍ୟାହୁଙ୍କ ସହ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ।

**ଜେରୁଜେଲମ୍,୨୮।୭**

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏକାଧିକ ଦୁର୍ନୀତି ମାମଲାରେ ଛନ୍ଦି ହୋଇ କୋର୍ଟକୁ ଧାଉଁଥିବାବେଳେ ତାଙ୍କ ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ ମୁଣ୍ଡ ଟେକିଛି। ତାଙ୍କ ଇସ୍ତଫା ଦାବିରେ ଇସ୍ରାଏଲ ଜନସାଧାରଣ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏଭଳି ସମୟରେ ବେଞ୍ଜାମିନଙ୍କ ବଡ଼ପୁଅ ୟାଇର୍ ନେତାନ୍ୟାହୁ ଗୋଟିଏ ପରେ ଗୋଟିଏ ଆପତ୍ତିଜନକ ଟୁଇଟ୍ କରି ବାପାଙ୍କ ସମସ୍ୟାକୁ ବଢ଼ାଇବାରେ ଲାଗିଛନ୍ତି। ନିକଟରେ ୟାଇର୍ ଦେବୀ ଦୁର୍ଗାଙ୍କୁ ଅପମାନିତ କରିଛନ୍ତି।

ସୋସିଆଲ ମିଡିଆରେ ସକ୍ରିୟ ରହି ବାପାଙ୍କ ରାଜନୀତି ସପକ୍ଷରେ ମତାମତ ଦେଉଥିବା ୨୯ ବର୍ଷୀୟ ୟାଇର ରବିବାର ଏକ ଟୁଇଟ୍ କରିଥିଲେ। ଏଥିରେ ସେ ହିନ୍ଦୁଧର୍ମର ଦେବୀ ଦୁର୍ଗାଙ୍କ ଫଟୋ ପୋଷ୍ଟ କରିଥିଲେ। ଉକ୍ତ ଫଟୋରେ ଲିଆଟ ବେନ୍ ଆରିଙ୍କ ମୁହଁ ରହିଥିଲା। ଲିଆଟ୍ ବେନ୍ ଆରି ହେଉଛନ୍ତି ନେତାନ୍ୟାହୁଙ୍କ ବିରୋଧରେ ଦୁର୍ନୀତି ମାମଲା ଲଢୁଥିବା ଆଇନଜୀବୀ। ଫଟୋରେ ଦୁର୍ଗାଙ୍କ ୮ଟି ହାତ ରହିଛି ଓ ସେଥିରୁ ମଧ୍ୟମା ଅଙ୍ଗୁଳିଗୁଡ଼ିକ ଉପରକୁ ଉଠିଥିବା ଦେଖିବାକୁ ମିଳିଛି। ଦୁର୍ଗାଙ୍କ ବାହନ ବାଘର ମୁହଁ ବଦଳରେ ଆର୍ଟର୍ନି ଜେନେରାଲ ଅଭିଚାଇ ମେନଡେଲବିଟ୍ଙ୍କ ମୁହଁ ଉକ୍ତ ଫଟୋରେ ରହିଛି। ସେଥିରେ କ୍ୟାପ୍ଶନ ଲେଖାଯାଇଛି, ‘ଘୃଣ୍ୟ ବ୍ୟକ୍ତିମାନେ, ତୁମ ସ୍ଥାନ କେଉଁଠି ଜାଣ।’ ଭାରତୀୟମାନେ ଉକ୍ତ ଟୁଇଟ୍ ଦେଖିବା ପରେ ‘ଅତ୍ୟନ୍ତ ଅପମାନଜନକ’ ବୋଲି ଆପତ୍ତି ଉଠାଇଛନ୍ତି। ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରୁ ୟାଇର୍ ନିଜ କାର୍ଯ୍ୟ ପାଇଁ କ୍ଷମା ମାଗିଛନ୍ତି। ଅନ୍ୟ ଏକ ଟୁଇଟ୍‌ରେ ସେ କହିଛନ୍ତି, ଇସ୍ରାଏଲ୍‌ର ସାମ୍ପ୍ରତିକ ରାଜନୀତିକୁ ସମାଲୋଚନା କରିବାକୁ ଯାଇ ସେ ଏପରି ବ୍ୟଙ୍ଗ କରିଥିଲେ। ହିନ୍ଦୁଧର୍ମ ସହିତ ଉକ୍ତ ଫଟୋର ସମ୍ପର୍କ ଥିବା ନେଇ ତାଙ୍କୁ ଜଣା ନ ଥିଲା। ଭାରତୀୟ ବନ୍ଧୁମାନଙ୍କ ପ୍ରତିକ୍ରିୟା ଆସିବା ପରେ ସେ ତାକୁ ହଟାଇ ଦେଇଥିବା ୟାଇର୍ ଏଥିରେ ଉଲ୍ଲେଖ କରିଛନ୍ତି। କୋଭିଡ୍-୧୯ ମୁକାବିଲା କ୍ଷେତ୍ରରେ ଇସ୍ରାଏଲ ସରକାର ବିଫଳ ହୋଇଛନ୍ତି। ମେ’ରୁ ଆରମ୍ଭ ହୋଇଥିବା ଲକ୍‌ଡାଉନ୍ ଫଳରେ ଦେଶରେ ୨୧% ବେରୋଜଗାର ସମସ୍ୟା ବୃଦ୍ଧି ପାଇଛି। ଏଥିଯୋଗୁ ଦେଶର ଅର୍ଥନୀତି ମଧ୍ୟ ବହୁଳ ଭାବେ ପ୍ରଭାବିତ ହୋଇଥିବା ଦର୍ଶାଇ ଦେଶବାସୀ ବିକ୍ଷୋଭ କରୁଛନ୍ତି। ବିଗତ କିଛି ସପ୍ତାହ ଧରି ଇସ୍ରାଏଲ୍ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବା ସହ ପ୍ରଧାନମନ୍ତ୍ରଙ୍କ ଜେରୁଜେଲମ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବିରୋଧରେ ଜେରୁଜେଲମ୍‌ର ଏକ କୋର୍ଟରେ ଚଳିତ ମାସରୁ ଦୁର୍ନୀତି ମାମଲା ଚାଲି ଥିବାବେଳେ ଏହି ବିକ୍ଷୋଭ ଆହୁରି ଉଗ୍ର ହୋଇଛି। ୨୦୨୧ ଜାନୁୟାରୀରୁ ଶୁଣାଣି ହେବାକୁ ଥିବା ମାମଲାଗୁଡ଼ିକରେ ଯେଉଁ ଅଭିଯୋଗ ଅଣାଯାଇଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ବେଞ୍ଜାମିନ ନେତାନ୍ୟାହୁ ଖଣ୍ଡନ କରିବା ସହ ନିଜେ ଏକ ବିରାଟ ଷଡ଼ଯନ୍ତ୍ରର ଶିକାର ହୋଇଥିବା ଦର୍ଶାଇଛନ୍ତି। ନେତାନ୍ୟାହୁଙ୍କ ପରିବାର ଜନସାଧାରଣଙ୍କ ବିକ୍ଷୋଭକୁ ଖୋଲାଖୋଲି ଭାବେ ସମାଲୋଚନା କରୁଛନ୍ତି। ନେତାନ୍ୟାହୁଙ୍କ ପୁଅ ୟାଇର୍ ସରକାରର କୌଣସି ପଦ ପଦବୀରେ ନ ଥାଇ ସୁଦ୍ଧା ବିକ୍ଷୋଭ ବିରୋଧରେ ନେତୃତ୍ୱ ନେଉଛନ୍ତି।




ୟାଇର୍ ନେତାନ୍ୟାହୁଙ୍କ ବିବାଦୀୟ ଟୁଇଟ୍

## ପୂର୍ବରୁ ବି ଏପରି କରିଥିଲେ ୟାଇର୍

ନିକଟରେ ୟାଇର୍ ନେତାନ୍ୟାହୁ ୫୧ ବର୍ଷୀୟା ଖବରଦାତା ଡାନା ୱେଇସ୍‌ଙ୍କୁ ନେଇ ଆପତ୍ତିଜନକ ଟୁଇଟ୍ କରିବା ପରେ ବିବାଦ ସୃଷ୍ଟି ହୋଇଥିଲା। ସେ ଏକାଧିକ ଟୁଇଟ୍‌ରେ ଲେଖିଥିଲେ, ଏହି ବରିଷ୍ଠ ଉପସ୍ଥାପିକା ଗଣମାଧ୍ୟମ ଜଗତରେ ଯେଉଁ ଉଚ୍ଚସ୍ଥାନ ଅଧିକାର କରିଛନ୍ତି ତାହା କେବଳ ଯୌନ ଅନୁଗ୍ରହ ଜରିଆରେ ସମ୍ଭବ ହୋଇଛି, ତାଙ୍କ ଟ୍ୟାଲେଣ୍ଟ ଯୋଗୁ ନୁହେଁ। ୟାଇର୍‌ଙ୍କ ଅନୁଗାମୀମାନେ ଏହା ଉପରେ ଆହୁରି ଅନେକ ଆପତ୍ତିଜନକ ଭାଷା ବ୍ୟବହାର କରି ମହିଳା ଖବରଦାତାଙ୍କୁ ସମାଲୋଚନା କରିଥିଲେ। ଚ୍ୟାନେଲ ୧୨ର ଡିପ୍ଲୋମାଟିକ୍ କରେସପୋଣ୍ଡେଣ୍ଟ ଡାନା ୱେଇସ୍ ଏହାକୁ ନେଇ ୟାଇର୍‌ଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ନୋଟିସ କରିଥିଲେ। ଆପତ୍ତିଜନକ ଟୁଇଟ୍ ପାଇଁ ସେ ୟାଇର୍‌ଙ୍କ ବିରୋଧରେ ମାନହାନି ମାମଲା ଦାଏର କରିବେ ବୋଲି ଚେତାବନୀ ଦେଇଥିଲେ। ଫଳରେ ୟାଇର୍ ନିଜ ମହିଳା ବିରୋଧୀ ମନ୍ତବ୍ୟ ପାଇଁ ତାଙ୍କୁ କ୍ଷମା ମାଗି ଆଉ ଏକ ଟୁଇଟ୍ କରିଥିଲେ। ଏଥିରେ ସେ ଲେଖିଥିଲେ, ମେ ୨୩, ୨୪ ଓ ୨୫ ତାରିଖରେ ଡାନା ୱେଇସ୍‌ଙ୍କ ସମ୍ପର୍କରେ କରିଥିବା ପୋଷ୍ଟଗୁଡ଼ିକ ଭିତ୍ତିହୀନ। ଏହାକୁ ନେଇ ସେ ନ୍ୟୁଜ ଆଙ୍କରଙ୍କୁ କ୍ଷମା ମାଗୁଛନ୍ତି। ସମସ୍ତ ଅନ୍‌ଲାଇନ୍ ୟୁଜର୍ସ ଉକ୍ତ ପୋଷ୍ଟଗୁଡ଼ିକୁ ଡିଲିଟ୍ କରିଦିଅନ୍ତୁ ବୋଲି ସେ ଅନୁରୋଧ କରିଥିଲେ। ପୁଅଙ୍କ କ୍ଷମା ମାଗିବା ଟୁଇଟ୍‌କୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଧ୍ୟ ଶେୟାର କରିଥିଲେ।



ଖବରଦାତା ଡାନା ୱେଇସ୍



ଇସ୍ରାଏଲ ପ୍ରାଧାନମନ୍ତ୍ରୀଙ୍କ ଜେରୁଜେଲମ ବାସଭବନ ଆଗରେ ରବିବାର ବିକ୍ଷୋଭ ବେଳେ ପ୍ରଦର୍ଶନକାରୀଙ୍କୁ ଉଠାଇ ନେଉଛି ପୋଲିସ।

# କଶ୍ମୀର ପାଇଲଟ୍ ହିଲାଲ୍ ପ୍ରଥମେ ଚଳାଇବେ ରାଫାଲ

**ଶ୍ରୀନଗର,୨୮।୭**

କଶ୍ମୀର ପାଇଲଟ୍ ହିଲାଲ୍ ଅହମଦ ରାଥର ଫ୍ରାନ୍ସରୁ ଭାରତ ଆସୁଥିବା ଯୁଦ୍ଧବିମାନ ରାଫାଲକୁ ପ୍ରଥମେ ଚଳାଇବେ ବୋଲି ଜଣାପଡ଼ିଛି। ଭାରତୀୟ ବାୟୁସେନାର ଏହି ଅଧିକାରୀ ଏବେ ଫ୍ରାନ୍ସରେ ପ୍ରଶିକ୍ଷଣ ନେଉଛନ୍ତି। ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲାର ଏକ ମଧ୍ୟବିତ୍ତ ପରିବାରରେ ତାଙ୍କର ଜନ୍ମ। ତାଙ୍କ ବାପା ସ୍ୱର୍ଗତ ମହମ୍ମଦ ଅବଦୁଲ୍ଲା ଜମ୍ମୁ-କଶ୍ମୀର ପୋଲିସର ଜଣେ ଡିଏସ୍‌ପି ଥିଲେ। ହିଲାଲ୍ ଜମ୍ମୁର ନାଗ୍ରୋଟାସ୍ଥିତ ସୈନିକ ସ୍କୁଲରେ ପାଠପଢ଼ି ୧୯୮୮ ଡିସେମ୍ବର ୧୭ରେ ଭାରତୀୟ ବାୟୁସେନାର ପାଇଲଟ୍ ଭାବେ ଯୋଗ ଦେଇଥିଲେ। ୧୯୯୩ରେ ସେ ଫ୍ଲାଇଟ୍ ଲ୍ୟୁଟ୍‌ନାଣ୍ଟ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ୨୦୦୪ରେ ସେ ୱିଙ୍ଗ୍ କମାଣ୍ଡର, ୨୦୧୬ରେ ଗ୍ରୁପ୍ କ୍ୟାପ୍‌ଟେନ୍ ଓ ୨୦୧୯ରେ ଏୟାର୍ କୋମ୍ମୋଡୋର ହୋଇଥିଲେ। ଆମେରିକାର ଏୟାର୍ ୱାର୍ କଲେଜରେ ସେ ଡିଷ୍ଟିଙ୍କଶନ ସହ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏନ୍‌ଡିଏରେ ତାଙ୍କୁ ସୋଡ୍ ଅଫ୍ ଅନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେ ବାୟୁସେନା ମେଡାଲ ଓ ବିଶିଷ୍ଟ ସେବା ମେଡାଲ ହାସଲ କରିଛନ୍ତି। ମିରେଜ୍-୨୦୦୦, ମିଗ୍-୨୯, କିରନ୍ ବିମାନ ଚଳାଇବାରେ ସେ ସିଦ୍ଧହସ୍ତ। ଏବେ ତାଙ୍କୁ ପ୍ରଥମ ଥର ଲାଗି ରାଫାଲ ଯୁଦ୍ଧବିମାନ ଉଡ଼ାଇବାର ସୁଯୋଗ ମିଳିଛି।



ହିଲାଲ୍ ଅହମଦ ରାଥର

# ଜିଦ୍‌ରେ ଅଡ଼ିବସିଲେ ଗେହଲଟ୍

**ଜୟପୁର,୨୮।୭**

**୩୧ରେ ହେଉ ବିଧାନସଭା ଅଧିବେଶନ**

ରାଜସ୍ଥାନ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ମଙ୍ଗଳବାର ରାଜସ୍ଥାନର ଗେହଲଟ୍ ସରକାର ରାଜ୍ୟପାଳ କଲରାଜ୍ ମିଶ୍ରଙ୍କୁ ଏକ ସଂଶୋତ ପ୍ରସ୍ତାବ ଦେବା ସହ ଜୁଲାଇ ୩୧ରେ ବିଧାନସଭା ଅଧିବେଶନ ଆରମ୍ଭ କରିବା ଲାଗି ଦାବି କରିଛନ୍ତି। ତେବେ ଆସ୍ଥାଭୋଟ ଲୋଡ଼ିବା ନେଇ ଏଥିରେ କିଛି ଲେଖା ନ ଥିବା ଜଣାପଡ଼ିଛି। ପ୍ରଥମ ପ୍ରସ୍ତାବକୁ ରାଜ୍ୟପାଳ ଏଡ଼ାଇ ଯାଇଥିବାବେଳେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ ଦେଖିବାକୁ ମିଳିଥିଲା। ସୋମବାର ପୁନଃ ଚିଠାପ୍ରସ୍ତାବ ଲାଗି ସେ କହିଥିଲେ। ନୂଆ ପ୍ରସ୍ତାବରେ ଆସ୍ଥାଭୋଟ ଲାଗି ଯୋଜନା ଥିଲେ ବିଧାନସଭା ଡ଼କାଯାଇପାରିବ ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ। ସେପଟେ ପରିବହନ ମନ୍ତ୍ରୀ ପ୍ରତାପ ସିଂ ଖଚରିୟାୱାସ କହିଛନ୍ତି, ରାଜ୍ୟପଶଳଙ୍କ ସହ ଆମର କୌଣସି ଶତ୍ରୁତା ନାହିଁ। କେବଳ ବିଧାନସଭା ଅଧିବେଶନ ଡ଼କାଯିବା ଲାଗି ରାଜ୍ୟ ସରକାର ଚାହୁଁଛନ୍ତି। ଏଥିଲାଗି ସରକାରଙ୍କ ଅଧିକାର ରହିଛି। ମୁହାଁମୁହିଁ ହେବାକୁ ଚାହୁଁନାହୁଁ, କିନ୍ତୁ ଏଥର ସେ ସ୍ୱୀକୃତି ଦେବା ଉଚିତ।



# ଅପୂର୍ବ ମେହଟାଙ୍କୁ ୩ ଘଣ୍ଟା ଜେରା

**ଅଭିନେତା ସୁଶାନ୍ତ ସିଂ ଆତ୍ମହତ୍ୟା ମାମଲା**

ମୁମ୍ବାଇ,୨୮।୭: ଅଭିନେତା ସୁଶାନ୍ତ ସିଂ ରାଜପୁତ ଆତ୍ମହତ୍ୟା ମାମଲାରେ ମଙ୍ଗଳବାର ଧର୍ମା ପ୍ରଡକ୍ସନ ସିଇଓ ଅପୂର୍ବ ମେହଟାଙ୍କୁ ୩ ଘଣ୍ଟା ଜେରା କରାଯାଇଛି। ମୁମ୍ବାଇ ପୋଲିସ ପକ୍ଷରୁ ଅପୂର୍ବଙ୍କୁ ଏଥିଲାଗି ସମନ ଜାରି କରାଯାଇଥିଲା। ଆମ୍ବୋଲି ପୋଲିସ ତାଙ୍କର ସମସ୍ତ ବୟାନ ରେକର୍ଡ କରିଛି। ଫିଲ୍ମ ଲାଗି ସୁଶାନ୍ତ ସିଂ କରିଥିବା ଚୁକ୍ତିପତ୍ର ଅପୂର୍ବ ଦାଖଲ କରିଛନ୍ତି। ତରୁନ୍ ମାନ୍‌ସୁଖାନି ନିର୍ଦ୍ଦେଶିତ ସୁଶାନ୍ତ ସିଂଙ୍କ ଶେଷ ଫିଲ୍ମ ଥିଏଟରରେ ରିଲିଜ୍ ହେବାରେ ବିଳମ୍ବ ହୋଇଥିଲା। ପରେ ଗତବର୍ଷ ନଭେମ୍ବରରେ ନେଟ୍‌ଫ୍ଲିକ୍ସରେ ଏହାର ପ୍ରିମିୟର ଆସିଥିଲା। ଡିପ୍ରେସନରେ ରହିବା ପରେ ସୁଶାନ୍ତ ଜୁନ୍ ୧୪ରେ ଆତ୍ମହତ୍ୟା କରିଥିଲେ। ବଲିଉଡ୍‌ରେ ତାଙ୍କ ଉତ୍ଥାନକୁ କେତେକେ ବିରୋଧ କରୁଥିବା ଅଭିଯୋଗ କରାଯାଇଥିଲା। ମୁମ୍ବାଇ ପୋଲିସ ଏ ସବୁର ତଦନ୍ତ ଜାରି ରଖିଛି। ମୋଟ ୩୮ ଜଣଙ୍କୁ ଜେରା କରାଯାଇଥିବା ବେଳେ ଅଭିନେତ୍ରୀ କଙ୍ଗନା ରାଣାୱତ ଓ କରନ୍ ଜୋହରଙ୍କ ମ୍ୟାନେଜରଙ୍କୁ ସମନ ଜାରି କରାଯାଇଛି। ସୁଶାନ୍ତଙ୍କ ଭଉଣୀ ଶ୍ୱେତା ଓ ଫ୍ୟାନ୍‌ମାନେ ଏହି ଘଟଣାର ସିବିଆଇ ତଦନ୍ତ ଲାଗି ଦାବି କରିଆସୁଛନ୍ତି।



## ରିଆଙ୍କ ବିରୋଧରେ ମାମଲା ରୁଜୁ

ମୁମ୍ବାଇ,୨୮।୭: ଅଭିନେତା ସୁଶାନ୍ତ ସିଂ ରାଜପୁତ ଆତ୍ମହତ୍ୟା ମାମଲାରେ ଫସିଛନ୍ତି ଅଭିନେତ୍ରୀ ତଥା ପ୍ରେମିକା ରିଆ ଚକ୍ରବର୍ତ୍ତୀ। ସୁଶାନ୍ତଙ୍କ ବାପା କେ. କେ. ସିଂ ପାଟନାର ରାଜୀବନଗର ଥାନାରେ ରିଆଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛନ୍ତି। ସେ ଅଭିଯୋଗ କରି କହିଛନ୍ତି ଯେ, ରିଆ ପ୍ରତାରଣା କରି ସୁଶାନ୍ତଙ୍କଠାରୁ ଟଙ୍କା ନେଇ ତାଙ୍କୁ ଆତ୍ମହତ୍ୟା ଲାଗି ଉସୁକାଇଥିଲେ। ରିଆଙ୍କ ବିରୋଧରେ ପୋଲିସ ଆଇପିସିର ଦଫା ୩୪୧, ୩୪୨, ୩୮୦, ୩୦୬, ୪୦୬, ୪୨୦ରେ ମାମଲା ରୁଜୁ କରିଛି। ପାଟନା ପୋଲିସ ଏହି ଘଟଣାରେ ମୁମ୍ବାଇ ପୋଲିସ ଡିସିପିଙ୍କ ସହ ମିଶି ତଦନ୍ତ ଆରମ୍ଭ କରିଛି। ପ୍ରକାଶଥାଉ କି, ପୂର୍ବରୁ ମୁମ୍ବାଇର ବାନ୍ଦ୍ରା ପୋଲିସ ରିଆଙ୍କୁ ଜେରା କରିଥିଲା।



# ୨ ଯୁବକଙ୍କୁ ପିଟି ହତ୍ୟା

**ଜାମୁଇ,୨୮।୭**

**ଗୋରୁ ଚୋରି ଅଭିଯୋଗ**

ବିହାରର ଜାମୁଇ ଜିଲା ସିମୁଲତାଲା ଥାନା ଅଧୀନରେ ୨ ଯୁବକଙ୍କୁ ଗ୍ରାମବାସୀ ପିଟି ପିଟି ହତ୍ୟା କରିଥିବା ଜଣାପଡ଼ିଛି। ମଙ୍ଗଳବାର ପୋଲିସ ସୂଚନା ମତାବକ ଯୁବକ ଦ୍ୱୟ ଏକ ଷଣ୍ଢ ଚୋରିକରି ସୋମବାର ରାତିରେ ଟିଲୋନା ଗ୍ରାମରେ ରଖିଥିଲେ। ଗ୍ରାମବାସୀ ଏହା ଜାଣିପାରି ୨ ଚୋରଙ୍କୁ ନିଘୁଞ୍ଚ ମାଡ଼ ମାରିବା ସହ ଜୀବନରୁ ମାରିଦେଇଥିଲେ। ମୃତକ ଦ୍ୱୟ ହେଲେ ମାନ୍‌ସିଂଘାଡ଼ି ଗ୍ରାମର ଲାଲ୍‌ମୋହନ ପାଶ୍ୱାନ ଓ ନାଗେଶ୍ୱର ପାଶ୍ୱାନ। ଆଉ କେତେଜଣ ଚୋର ଫେରାର୍ ହୋଇଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖବରପାଇ ସିମୁଲତାଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଜାମୁଇ ଏସ୍‌ପି ଇନାମୁଲ ହକ୍ କହିଛନ୍ତି, ୨ ମୃତକଙ୍କ ବିରୋଧରେ ଅନେକ ଆପରାଧିକ ମାମଲା ରହିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।





ପ୍ରଥମ ପର୍ଯ୍ୟାୟରେ ଭାରତ ଆସୁଥିବା ୫ ରାଫାଲ ଯୁଦ୍ଧବିମାନ ବୁଧବାର ଅମ୍ବାଲା ଏୟାରବେସ୍‌ରେ ପହଞ୍ଚିବ। ସେଥିମଧ୍ୟରୁ ଗୋଟିଏ ଫାଇଟର ଜେଟ୍‌ରେ ରବିବାର ୟୁଏଇର ୩୦ ହଜାର ଫୁଟ୍ ଉଚ୍ଚ ଆକାଶରେ ତେଲ ଭରିବା ବେଳର ଦୃଶ୍ୟ।

# ଅଯୋଧ୍ୟାରେ ଆଇଏସ୍‌ଆଇର ଆକ୍ରମଣ ଯୋଜନା

**ଶ୍ରୀନଗର,୨୮।୭**

- ୧୫ରେ ରାମ ଜନ୍ମଭୂମିକୁ କରିପାରେ ଟାର୍ଗେଟ
- ଗୋଇନ୍ଦା ବିଭାଗ ସତର୍କ କରାଇଲା

ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇ ଅଗଷ୍ଟ ୧୫ରେ ଅଯୋଧ୍ୟାର ରାମ ଜନ୍ମଭୂମି ଉପରେ ଆକ୍ରମଣ କରିବା ଲାଗି ଯୋଜନା କରିଥିବା ଭାରତୀୟ ଗୋଇନ୍ଦା ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଏହି ଆକ୍ରମଣ ଲାଗି ଆଫଗାନିସ୍ତାନରେ ଆଇଏସ୍‌ଆଇ କେତେକ ଲଶ୍କର ଓ ଜୈଶ୍ ଆତଙ୍କବାଦୀଙ୍କୁ ପ୍ରଶିକ୍ଷଣ ଦେଉଛି। ବିଭିନ୍ନ ଆତଙ୍କବାଦୀ ଭାରତର ଭିନ୍ନ ଭିନ୍ନ ଅଞ୍ଚଳରେ ଆକ୍ରମଣ କରିବା ଲାଗି ପାକିସ୍ତାନ ଚାହୁଁଛି। ଉତ୍ତରପ୍ରଦେଶର ଅଯୋଧ୍ୟାକୁ ଆଇଏସ୍‌ଆଇ ପ୍ରଥମ ଟାର୍ଗେଟରେ ରଖିଥିବା ଗୋଇନ୍ଦା ଅଧିକାରୀମାନେ ମଙ୍ଗଳବାର ପ୍ରକାଶ କରିଛନ୍ତି। ଆକ୍ରମଣ ଲାଗି ୩ରୁ ୫ ଆତଙ୍କବାଦୀ ଗୋଷ୍ଠୀଙ୍କୁ ଅଯୋଧ୍ୟା ପଠାଇବା ଲାଗି ଯୋଜନା କରାଯାଇଛି। କେତେକ ଭିଭିଆଇପିଙ୍କୁ ଟାର୍ଗେଟ କରାଯାଇପାରେ ବୋଲି ଗୋଇନ୍ଦା ବିଭାଗ ପକ୍ଷରୁ ସତର୍କ କରାଯାଇଛି।

ଗୋଇନ୍ଦା ବିଭାଗର ଏଭଳି ସତର୍କତା ପରେ ରାଜଧାନୀ ଦିଲ୍ଲୀ, ଅଯୋଧ୍ୟା, କଶ୍ମୀର ଆଦି ଅଞ୍ଚଳରେ ଯାଞ୍ଚ କଡ଼ାକଡ଼ି କରାଯିବା ଆରମ୍ଭ ହୋଇଛି। ଅଗଷ୍ଟ ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଯୋଧ୍ୟା ଗସ୍ତକରିବେ। ରାମ ଜନ୍ମଭୂମିଠାରେ ଭୂମି ପୂଜା ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ମଧ୍ୟ ବର୍ଷକ ପୂର୍ବରୁ ଏହିଦିନ ହୋଇଥିଲା। ତେଣୁ ଆଇଏସ୍‌ଆଇ ରକ୍ତମୁଖା ହୋଇ ଉଠିଛି। ଭାରତର ବିଭିନ୍ନ ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣ କରିବା ଲାଗି ଯୋଜନା ଚଳାଇଛି ବୋଲି ଭାରତୀୟ ଗୋଇନ୍ଦା ବିଭାଗ ପକ୍ଷରୁ କୁହାଯାଇଛି।





# ସୁରକ୍ଷା ଦେଇପାରୁନି ବନ ବିଭାଗ

**ଅସମାପିକା ସାହୁ**
**ଭୁବନେଶ୍ୱର, ୨୮।୭(ବ୍ୟୁରୋ)**

## ଆଜି ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ

ବିଶ୍ୱବ୍ୟାପୀ ଲୋକଙ୍କ ମଧ୍ୟରେ ବାଘ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଜୁଲାଇ ୨୯ତାରିଖରେ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳନ କରାଯାଏ। ୨୦୧୦ରେ ସେଣ୍ଟ ପିଟର୍ସବର୍ଗ ବ୍ୟାଘ୍ର ସମ୍ମିଳନୀରେ ଏହି ସମ୍ପର୍କିତ ନିଷ୍ପତ୍ତି ନିଆଯାଇଥିଲା। ଏହି ଦିବସର ଲକ୍ଷ୍ୟ ହେଉଛି ବାଘର ପ୍ରାକୃତିକ ବାସସ୍ଥାନକୁ ସୁରକ୍ଷା ଦେଇ ଏକ ବିଶ୍ୱସ୍ତରୀୟ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଏବଂ ବାଘ ସଂରକ୍ଷଣ ପ୍ରସଙ୍ଗରେ ଜନସଚେତନତା ତଥା ସମର୍ଥନ ବୃଦ୍ଧି କରିବା। ଭାରତରେ ବାଘ ସଂଖ୍ୟା ବଢ଼ିଛି। ଦେଶର ବାଘ ଗଣନା ପ୍ରକ୍ରିୟା ଗିନିଜ୍ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛି। କିନ୍ତୁ ଓଡ଼ିଶା ସ୍ଥିତି ଅତ୍ୟନ୍ତ ଶୋଚନୀୟ। ରାଜ୍ୟରେ ମହାବଳ ବାଘଙ୍କ ସଂଖ୍ୟା କ୍ରମାଗତ କମିବାରେ ଲାଗିଛି। ୨୦୧୯ ଜୁଲାଇ ୨୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ ବ୍ୟାଘ୍ର ଗଣନା ଫଳାଫଳ ଘୋଷଣା କରିଥିଲେ। ଯେଉଁଥିରେ କି ଭାରତରେ ୨୯୬୭ ମହାବଳ ବାଘ ଥିବା ସ୍ପଷ୍ଟ ହୋଇଥିଲା। ସେଥିରେ ଓଡ଼ିଶାରେ ୨୮ଟି ମହାବଳ ଥିବାର ଦର୍ଶାଯାଇଥିଲା। ଯଦି ଆମେ ପୂର୍ବ ବର୍ଷର ସଂଖ୍ୟାକୁ ଅବଲୋକନ କରିବା ତେବେ ୨୦୦୬ରେ ଓଡ଼ିଶାରେ ୪୫ଟି ମହାବଳ ଥିବାବେଳେ ୨୦୧୦ରେ ୩୨, ୨୦୧୪ରେ ୨୮ ବାଘ ଥିବା ଦର୍ଶାଯାଇଥିଲା। ଅର୍ଥାତ୍ ୨୦୦୬ରେ ଥିବା ବାଘ ସଂଖ୍ୟା ୨୦୧୮ବେଳକୁ ପ୍ରାୟ ୩୮%କୁ କମି ଆସିଥିଲା। କିନ୍ତୁ ଓଡ଼ିଶା ବନ ବିଭାଗ ଏହି ଗଣନା ଭୁଲ୍ ବୋଲି କହିବା ସହିତ ନିଜ ତରଫରୁ ଆଉ ଥରେ ଗଣନା କରିଥିଲା। ଶେଷରେ ଓଡ଼ିଶାରେ ୪୦ଟି ବାଘ ଥିବା ବିଭାଗ ପକ୍ଷରୁ କୁହାଯାଇଥିଲା। ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ)କୁ ଚ୍ୟାଲେଞ୍ଜ କରି ବନ ବିଭାଗ ରାଜ୍ୟରେ ବାଘ ଅଧିକ ଥିବା କହିଥିଲା ସତ, କିନ୍ତୁ ବାଘଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି। ୨୦୧୮ ଅକ୍ଟୋବରରେ ବରଗଡ଼ ଜିଲାରେ ଏକ ମହାବଳ ବାଘକୁ ମାରି ପୋତି ଦିଆଯାଇଥିଲା। ଡିସେମ୍ବରରେ ମଧ୍ୟପ୍ରଦେଶରୁ ଆନ୍ତଃରାଜ୍ୟ ବ୍ୟାଘ୍ର ପ୍ରକଳ୍ପ ପାଇଁ ଆସିଥିବା ମହାବୀର ବାଘର ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଭିତରେ ରହସ୍ୟମୟ ମୃତ୍ୟୁ ଘଟିଥିଲା। ଏହି ୨ଟି ବାଘର ମୃତ୍ୟୁ ଓଡ଼ିଶା ବନ ବିଭାଗର ଅନେକ କଳାକାରନାମାକୁ ପଦାକୁ ଆଣିଥିଲା।



## ବରଗଡ଼ ମହାବଳ ମୃତ୍ୟୁ

ବରଗଡ଼ ଜିଲାର ଦେବ୍ରୀଗଡ଼ ଅଭୟାରଣ୍ୟ ମହାବଳ ବାଘଙ୍କ ପାଇଁ ଉପଯୁକ୍ତ ବାସସ୍ଥାନ। କ୍ୟାମେରା ଟ୍ରାପିଂରୁ ଏକ ଅଣ୍ଡିରା ମହାବଳ ବାଘର ଫଟୋ ଦେଖିବା ପରେ ରାଜ୍ୟ ସରକାରଙ୍କ ତରଫରୁ ଦେବ୍ରୀଗଡ଼କୁ ଏକ ବ୍ୟାଘ୍ର ପ୍ରକଳ୍ପ ମାନ୍ୟତା ପାଇଁ କେନ୍ଦ୍ରକୁ ପ୍ରସ୍ତାବ ମଧ୍ୟ ଦିଆଯାଇଥିଲା। ହେଲେ ୨୦୧୮ ଅକ୍ଟୋବରରେ ବରଗଡ଼ ଜିଲାରେ ଏକ ମହାବଳ ବାଘର ମୃତଦେହ ଠାବ କରାଯାଇଥିଲା। କିନ୍ତୁ ତତ୍କାଳୀନ ବରଗଡ଼ ଡିଏଫ୍‌ଓ ଏବଂ ଆରସିସିଏଫ୍ ତାକୁ ଏକ କଲରାପତରିଆ ବାଘର ମୃତଦେହ ବୋଲି ସରକାରଙ୍କୁ ରିପୋର୍ଟ ଦେଲେ। ଖାଲି ସେତିକି ନୁହେଁ ତତ୍କାଳୀନ ବରଗଡ଼ ଡିଏଫ୍‌ଓ ଅଭୟ ଦଳେଇ ଜଣେ ଫରେଷ୍ଟର ଏବଂ ଜଣେ ଫରେଷ୍ଟ ଗାର୍ଡଙ୍କୁ ନିଲମ୍ବିତ ମଧ୍ୟ କରିଥିଲେ। ତେବେ ପାରିପାର୍ଶ୍ୱିକ ସ୍ଥିତିକୁ ଲକ୍ଷ୍ୟ କରି ରାଜ୍ୟ ସରକାର ବରଗଡ଼ ଡିଏଫ୍‌ଓଙ୍କ ରିପୋର୍ଟକୁ ବିଶ୍ୱାସ କରିପାରି ନ ଥିଲେ ଏବଂ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ। ତେବେ ଆଶ୍ଚର୍ଯ୍ୟଜନକ ଭାବରେ କ୍ରାଇମବ୍ରାଞ୍ଚ ତଦନ୍ତ ଘୋଷଣା ହେବା ୨୪ଘଣ୍ଟା ନ ପୂରୁଣୁ ସେହି ଡିଏଫ୍‌ଓ ଏକ ମହାବଳ ବାଘର ପଞ୍ଝା ଏବଂ ନିଶ ଆଦି ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଥିଲେ। ଶେଷରେ ବିଭାଗ ପକ୍ଷରୁ କୁହଗଲା ଯେ, ଦେବ୍ରୀଗଡ଼ରେ ଦେଖାଦେଇଥିବା ମହାବଳ ବାଘକୁ ମାରି ଦିଆଯାଇଛି। ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଶିକାରୀମାନେ ବାଘଟିକୁ ମାରି ଥିଲେ ସୁଦ୍ଧା ଏଯାବତ୍ କୌଣସି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏସମ୍ପର୍କରେ ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ମହାବଳ ବାଘକୁ ମାରି ଶିକାରୀମାନେ ଯେତିକି ଦୋଷୀ ଥିଲେ, ତାଙ୍କ ଠାରୁ ଅଧିକ ଦୋଷୀ ଥିଲେ ବରଗଡ଼ର ତତ୍କାଳୀନ ଡିଏଫ୍‌ଓ ଏବଂ ସମ୍ବଲପୁରର ତତ୍କାଳୀନ ଆର୍‌ସିସିଏଫ୍। କାରଣ ସେମାନେ ମହାବଳ ବାଘର ପରିଚୟ ଲୁଚେଇବା ପାଇଁ ପ୍ରଥମେ ଚେଷ୍ଟା କରିଥିଲେ। କିନ୍ତୁ ସେମାନଙ୍କ ବିରୋଧରେ ନା ବିଭାଗ ନା କ୍ରାଇମବ୍ରାଞ୍ଚ କେହି ବି କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ।

## ମହାବୀର ମୃତ୍ୟୁ

ସାତକୋଶିଆ ଟାଇଗର ରିଜର୍ଭରେ ବାଘ ବଂଶ ବିସ୍ତାର ପାଇଁ ଦେଶର ପ୍ରଥମ ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏଥିପାଇଁ ପ୍ରାୟ ୨୬କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ମଧ୍ୟ ହେଲା। ଏହି ପ୍ରକଳ୍ପରେ ମଧ୍ୟପ୍ରଦେଶରୁ 'ମହାବୀର' ଓ 'ସୁନ୍ଦରୀ' ଦୁଇଟି ବାଘ ପର୍ଯ୍ୟାୟ କ୍ରମେ ଅଣାଯାଇଥିଲା। ତେବେ 'ସୁନ୍ଦରୀ' ମଣିଷମରା ଅଭିଯୋଗରେ ବନ୍ଦୀ ହୋଇ ରହିଥିବାବେଳେ ବନ ବିଭାଗର ଅବହେଳା କାରଣରୁ 'ମହାବୀର'ର ମୃତ୍ୟୁ ଘଟିଲା। 'ମହାବୀର'ର ଗତିବିଧି ମନିଟରିଂ କରିବା ପାଇଁ ତା'ର ବେକରେ ରେଡିଓ କଲାର ଲଗାଯିବା ସହ ସ୍ୱତନ୍ତ୍ର କର୍ମଚାରୀଙ୍କୁ ନିଯୁକ୍ତି କରାଯାଇଥିଲା। ହେଲେ ମହାବୀରର ମୃତ୍ୟୁ ପାଇଁ କେହି ବି ଦାୟୀ ରହିଲେ ନାହିଁ। ନା କେଉଁ ଶିକାରୀ ଧରାପଡ଼ିଲେ ନା କେଉଁ ବନ କର୍ମଚାରୀଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହେଲା। ସବୁଠୁ ହାସ୍ୟାସ୍ପଦ କଥା ହେଲା, ତତ୍କାଳୀନ ସାତକୋଶିଆ ଫିଲ୍ଡ ଡାଇରେକ୍ଟର ଝିଙ୍କକାଠି ଖାଇ ମହାବୀର ମରିଛି ବୋଲି କହିଥିଲେ। ମହାବୀର ବେକରେ ଥିବା କ୍ଷତ ସ୍ପଷ୍ଟ ଦର୍ଶାଉଥିଲା କି ଫାଶରେ ପଡ଼ି ମରିଛି, କାରଣ ତା'ର ବେକ ଛିଣ୍ଡି ପଡ଼ିବା ଅବସ୍ଥାରେ ଥିଲା। ଘା ହୋଇଥିବା ସ୍ଥାନରେ ମ୍ୟାଗଟ୍ ମଧ୍ୟ ଲାଗିଥିଲେ। ଏହି ଭଳି ଅବସ୍ଥାରେ ବାଘଟି ଅତି କମ୍‌ରେ ୩-୪ ଦିନ ପୂର୍ବରୁ ଚଲାବୁଲା କରିପାରି ନ ଥିବ। ତେଣୁ ବିଭାଗୀୟ କର୍ମଚାରୀ କିପରି ବାଘକୁ ମନିଟରିଂ କରୁଥିଲେ, ତାହା ଏଥିରୁ ବାରି ହୋଇପଡ଼ିଥିଲା। ଯଦିଓ କିଛିମାସ ପରେ ଏନ୍‌ଟିସିଏ ତରଫରୁ ମହାବୀର ମୃତ୍ୟୁ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ବନ ବିଭାଗକୁ ଅନୁରୋଧ କରାଯାଇଥିଲା, ହେଲେ ରାଜ୍ୟ ବନ ବିଭାଗ ସେହି ଫାଇଲ୍‌କୁ ଚାପି ଦେଇ ବସି ପଡ଼ିଲା। କିନ୍ତୁ କିଛି ଦିନ ପରେ ଏନ୍‌ଟିସିଏ ସାତକୋଶିଆରେ ବାଘ ବଂଶ ବିସ୍ତାର ପାଇଁ ଆରମ୍ଭ କରିଥିବା ଆନ୍ତଃରାଜ୍ୟ ବ୍ୟାଘ୍ର ପ୍ରକଳ୍ପକୁ ବାତିଲ କଲା ଏବଂ ସୁନ୍ଦରୀକୁ ମଧ୍ୟପ୍ରଦେଶକୁ ଫେରେଇବା ପାଇଁ ଚିଠି ଲେଖିଲା।



ଏହି ଦୁଇଟି ଘଟଣାକୁ ଦେଖିଲେ, ବନ ବିଭାଗର ଆଭିମୁଖ୍ୟ ସବୁବେଳେ ସନ୍ଦେହ ଘେରରେ ରହୁଛି। କୌଣସି ଘଟଣା ଘଟିଲେ ତଳିଆ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ବଡ଼ ବଡ଼ ଅଧିକାରୀଙ୍କୁ ମାଫ୍ କରାଯାଉଛି। 'ମହାବୀର' ମୃତ୍ୟୁ ଓ 'ସୁନ୍ଦରୀ'କୁ ପ୍ରାୟ ଦେଢ଼ବର୍ଷ ବନ୍ଦୀ କରି ରଖି ଓଡ଼ିଶା ବନ ବିଭାଗ ଭୁଲ କରିଥିବା ଏନ୍‌ଟିସିଏ ଚିଠି ଲେଖି ରାଜ୍ୟ ସରକାରଙ୍କୁ ଅବଗତ କରିଥିଲା। ଏପରି କି ସାତକୋଶିଆ ପ୍ରକଳ୍ପରେ ମିଳିଥିବା ଟଙ୍କାକୁ ଅନ୍ୟତ୍ର ଖର୍ଚ୍ଚ କରାଯାଇ ଓ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏନ୍‌ଟିସିଏ ସରକାରଙ୍କୁ କହିଥିଲା। କିନ୍ତୁ ଏପର୍ଯ୍ୟନ୍ତ କାହା ବିରୋଧରେ ସେମିତି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ତେଣୁ ରାଜ୍ୟର ବନ ବିଭାଗ ଯେତେ ବାହୁସ୍ଫୋଟ ମାରୁ ନା କାହିଁକି ପ୍ରକୃତରେ ରାଜ୍ୟରେ ବାଘ ସଂଖ୍ୟା ବୃଦ୍ଧି ପାଇଁ ଆନ୍ତରିକତା ଦେଖାଉ ନ ଥିବା ଜଣାପଡ଼ିଛି। ଯେ ପର୍ଯ୍ୟନ୍ତ ରାଜ୍ୟ ସରକାର ବନ ବିଭାଗର ମୁଣ୍ଡିଆଳ ଆଇଏଫ୍‌ଏସ୍ ଅଧିକାରୀଙ୍କୁ ଘଣ୍ଟ ଘୋଡ଼େଇ ରଖିଥିବେ ସେ ପର୍ଯ୍ୟନ୍ତ ରାଜ୍ୟରେ ବାଘ ସଂଖ୍ୟା ବୃଦ୍ଧି ଅସମ୍ଭବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଦାବି କରୁଛନ୍ତି।

> ରାଜ୍ୟରେ ବାଘଙ୍କ ପାଇଁ ପ୍ରଶସ୍ତ ବାସସ୍ଥାନ ରହିଛି। ବନ ବିଭାଗ ବାଘ ଶିକାରୀଙ୍କୁ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଫଳରେ ରାଜ୍ୟରେ ବାଘ ସଂଖ୍ୟା ବୃଦ୍ଧି ପାଇବା ପରିବର୍ତ୍ତେ ହ୍ରାସ ପାଇବାରେ ଲାଗିଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ବାଘ ସଂଖ୍ୟା ହ୍ରାସର ଆଉ ଏକ ପ୍ରମୁଖ କାରଣ। ଯେତେବେଳେ କୌଣସି ଘଟଣା ଘଟୁଛି ସେତେବେଳେ କୌଣସି ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଉତ୍ତରଦାୟୀ ରହୁ ନାହାନ୍ତି। କେବଳ ତଳତଳିଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ସୀମିତ ରଖାଯାଉଛି।
>
> **- ବିଶ୍ୱଜିତ୍ ମହାନ୍ତି, ବନ୍ୟପ୍ରାଣୀ ବିଶେଷଜ୍ଞ**

## କରୋନା ସଂକ୍ରମଣ ସ୍ଥିତି

(ମଙ୍ଗଳବାର ରାତି ୧୦ଟା ସୁଦ୍ଧା)

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧,୬୭,୬୪,୭୯୧ | ୬,୫୯,୭୮୭ | ୧,୦୩,୧୮,୧୩୯ |
| ଭାରତ | ୧୫,୨୯,୬୫୩ | ୩୪,୨୨୩ | ୯,୮୭,୧୭୪ |
| ଓଡ଼ିଶା | ୨୮,୧୦୭ | ୧୫୪(+୩୫) | ୧୮,୦୬୧ |

(+ ଅନ୍ୟ ରୋଗରେ କରୋନା ରୋଗୀଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୟୁଏନ୍ 'କ୍ଲାଇମେଟ୍ ଚେଞ୍ଜ' ଗ୍ରୁପ୍‌ରେ ଓଡ଼ିଆ ଆଦିବାସୀ ଝିଅ

**ଭୁବନେଶ୍ୱର,୨୮।୭(ବ୍ୟୁରୋ)**

ୟୁନାଇଟେଡ୍ ନେସନ୍ସ (ମିଳିତ ଜାତିସଂଘ)ର 'କ୍ଲାଇମେଟ୍ ଚେଞ୍ଜ' ବା ଜଳବାୟୁ ପରିବର୍ତ୍ତନ ୟୁଥ୍ ଆଡ୍‌ଭାଇଜରି ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି ଜଣେ ଓଡ଼ିଆ ଝିଅ। ସୁନ୍ଦରଗଡ଼ ଜିଲାର ଖଡ଼ିଆ ଆଦିବାସୀ ସମ୍ପ୍ରଦାୟର ଝିଅ ଅର୍ଚ୍ଚନା ସୋରେଙ୍ଗ ଭାରତରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ସମଗ୍ର ବିଶ୍ୱରୁ ମାତ୍ର ୭ଜଣ ଏହି ଆଡ୍‌ଭାଇଜରି ଗ୍ରୁପ୍‌ର ସଦସ୍ୟ ହେବାକୁ ମନୋନୀତ ହୋଇଥିବାବେଳେ ଏମାନଙ୍କ ମଧ୍ୟରେ ଅର୍ଚ୍ଚନା ଅଛନ୍ତି। ଅର୍ଚ୍ଚନାଙ୍କ ଏହି ସଫଳତା ରାଜ୍ୟବାସୀଙ୍କ ପାଇଁ ଗୌରବ ଆଣିଦେଇଛି।

ମିଳିତ ଜାତିସଂଘ ବା ୟୁନାଇଟେଡ୍ ନେସନ୍ସ (ୟୁଏନ୍)ର ମହାସଚିବଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଗ୍ରୁପ୍ ୟୁଏନ୍ ୟୁଥ୍ ଷ୍ଟ୍ରାଟେଜିର ଏକ ପ୍ରମୁଖ ଅଂଶ। ଗତ ୨୭ ତାରିଖରେ ୟୁଏନ୍ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ୧୮ରୁ ୨୮ବର୍ଷ ବୟସ ମଧ୍ୟରେ ଏହି ୭ଜଣିଆ ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି। ଆଗାମୀ ଦିନରେ ଏହି ଯୁବ କ୍ଲାଇମେଟ୍ ଲିଡରମାନେ ଆଣ୍ଟୋନିଓଙ୍କୁ ବିଶ୍ୱରେ ଜଳବାୟୁ ପରିବର୍ତ୍ତର ସ୍ଥିତି, ଏହାର ପ୍ରଭାବ, ସମାଧାନ ଏବଂ ରାଷ୍ଟ୍ରମାନେ ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇବେ। ବିଶ୍ୱ ଏବେ ଏକ ସଙ୍କଟଜନକ ପରିସ୍ଥିତି ମଧ୍ୟଦେଇ ଗତି କରୁଥିବାବେଳେ ଜଳବାୟୁ ପରିବର୍ତ୍ତନ ଏକ ଜରୁରିକାଳୀନ ସ୍ଥିତିରେ ପହଞ୍ଚିଛି। ତେଣୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଭବିଷ୍ୟତରେ କୋଭିଡ୍-୧୯ ଭଳି ସମସ୍ୟା ଅଧିକ ଉପୁଜିବ ବୋଲି ଆଣ୍ଟୋନିଓ ଭିଡିଓ କନ୍‌ଫରେନ୍ସରେ ଏହି ଯୁବ ନେତୃତ୍ୱମାନଙ୍କୁ କହିଛନ୍ତି। ଏହି ୭ଜଣିଆ ଗ୍ରୁପ୍‌ରେ ଭାରତ ସମେତ ସୁଦାନ, ଫିଜି, ଯୁକ୍ତରାଷ୍ଟ୍ର ଆମେରିକା, ଫ୍ରାନ୍ସ, ମାଲ୍‌ଡିଭସ୍ ଏବଂ ବ୍ରାଜିଲର ଜଣେ ଜଣେ ପ୍ରତିନିଧି ରହିଛନ୍ତି। ଅର୍ଚ୍ଚନା ମୁମ୍ବାଇର ଏକ ଶିକ୍ଷାନୁଷ୍ଠାନରୁ ଆର୍ଟସରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ବର୍ତ୍ତମାନ ସେ କଟକସ୍ଥିତ ଷ୍ଟେ ହୋମ୍ 'ବସୁନ୍ଧରା'ର ରିସର୍ଚ୍ଚ ଅଫିସର ଭାବେ କାର୍ଯ୍ୟ କରିଛନ୍ତି। ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ବହୁ ଆଲୋଚନାରେ ସାମିଲ ହୋଇଥିବା ଅର୍ଚ୍ଚନାଙ୍କ ନିବନ୍ଧ ଜାତୀୟ ଓ ଅନ୍ତର୍ଜାତୀୟ ୟୁଥ୍ ୱେବ୍‌ସାଇଟ୍‌ରେ ପ୍ରକାଶିତ ହୋଇଛି। ସେହିଭଳି ଆଞ୍ଚଳିକସ୍ତରରେ ସେ ବହୁ ଯୁବଗୋଷ୍ଠୀ ସହ ଜଡ଼ିତ ରହି ଓଡ଼ିଶାର ଜନଜାତି ସମ୍ପ୍ରଦାୟର ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି। ଜନଜାତି ନୃତ୍ୟ ଓ ସଙ୍ଗୀତରେ ତାଙ୍କର ବିଶେଷ ଆଗ୍ରହ ରହିଛି।



ଅର୍ଚ୍ଚନା ସୋରେଙ୍ଗ

# ଫୋନ୍‌ରେ ଶୁଣାଯିବ ଅଭିଯୋଗ

**କଟକ ଅଫିସ,୨୮।୭**

- ଏସ୍‌ଓପି ଜାରି କଲା ପୋଲିସ
- ପ୍ରତି ପୋଲିସ ଜିଲା ମୁଖ୍ୟାଳୟରେ କଣ୍ଟ୍ରୋଲ୍ ରୁମ୍

ରାଜ୍ୟର ବିଭିନ୍ନ ଥାନାରେ ପୋଲିସ ଅଧିକାରୀ ଓ କର୍ମଚାରୀ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ଜାରି କରିଛି। ଥାନାକୁ ଅଭିଯୋଗକାରୀଙ୍କ ପ୍ରବେଶକୁ ଯଥା ସମ୍ଭବ କମ୍ କରିବା ସହ ଫୋନ୍‌ରେ ଅଭିଯୋଗ ଶୁଣିବା ଉପରେ ଗୁରୁତ୍ୱ ଦିଆଯାଇଛି। ସୋସିଆଲ୍ ମିଡିଆରେ ସକ୍ରିୟ ରହିବା ପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ଜାରି କରିଥିବା ଏସ୍‌ଓପିରେ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରତ୍ୟେକ ପୋଲିସ ଜିଲା ମୁଖ୍ୟାଳୟରେ ଏକ କଣ୍ଟ୍ରୋଲ୍ ରୁମ୍ କରାଯିବ। ସାଧାରଣ ଲୋକ ସେଠାରେ ନିଜର ଅଭିଯୋଗ ଦାଖଲ କରିବେ। ଆବଶ୍ୟକତାକୁ ଦେଖି ଫୋନ୍ ନମ୍ବର ଓ ନିୟୋଜିତ କର୍ମଚାରୀଙ୍କ ସଂଖ୍ୟା ବଢ଼ାଯିବ। ଏହି କଣ୍ଟ୍ରୋଲ୍ ରୁମ୍‌ର ନମ୍ବର ଟୁଇଟର୍, ଫେସ୍‌ବୁକ୍ ଓ ପ୍ରେସ୍ ବିଜ୍ଞପ୍ତିରେ ସାର୍ବଜନୀନ କରାଯିବ। ପ୍ରତ୍ୟେକ ଥାନାର ଲ୍ୟାଣ୍ଡଲାଇନ ଓ ସିୟୁଜି ନମ୍ବର ସହ ଇ-ମେଲ୍ ଠିକଣା ପ୍ରଚାର କରାଯିବ। ସମସ୍ତ ନମ୍ବର ୨୪ ଘଣ୍ଟା କାମ କରୁଥିବା ଆବଶ୍ୟକ। ଫୋନ୍ ରିସିଭ୍ କରିବା ପାଇଁ ଆବଶ୍ୟକ କର୍ମଚାରୀଙ୍କୁ ନିଯୁକ୍ତ କରାଯିବ। ଫୋନ୍ ଜରିଆରେ ଦାଖଲ ହେଉଥିବା ଅଭିଯୋଗ ସମ୍ପର୍କରେ ଏସ୍‌ପି ଓ ଡିସିପିମାନେ ନିୟମିତ ସମୀକ୍ଷା କରିବେ। ଥାନାରେ ଥିବା ଅଭ୍ୟର୍ଥନା ଗୃହ ପର୍ଯ୍ୟନ୍ତ ଲୋକେ ଯାଇପାରିବେ। ଏହି ଅଭ୍ୟର୍ଥନା ଗୃହ ଥାନା ବାହାରେ ଥିବା ଆବଶ୍ୟକ। ଥାନା ବାହାରେ କୌଣସି ଗୃହ ଥିଲେ, ତାକୁ ଅଭ୍ୟର୍ଥନା ଗୃହ କରାଯିବ। ତାହା ନ ଥିଲେ, ଟେଣ୍ଟ ପକାଇ ଅଭ୍ୟର୍ଥନା ଗୃହ କାର୍ଯ୍ୟକ୍ଷମ କରିବା ପାଇଁ କୁହାଯାଇଛି। ପୋଲିସ କର୍ମଚାରୀ ଓ ଭ୍ରମଣକାରୀଙ୍କ ମଧ୍ୟରେ ଯୋଗାଯୋଗ ପାଇଁ ଇଣ୍ଟରକମ୍ କିମ୍ବା ସ୍କ୍ରିନ୍ ରହିବ। ଥାନା ଓ ସମସ୍ତ ପୋଲିସ କାର୍ଯ୍ୟାଳୟ ପ୍ରବେଶ ପଥରେ ଅଧିକାରୀଙ୍କ ଫୋନ୍ ନମ୍ବର ଲେଖାଯିବ। ଫାଟକରେ ଏକ ଅଭିଯୋଗ ବକ୍ସ ଖଞ୍ଜାଯିବ, ଯେଉଁଠି ଲୋକେ ନିଜ ଅଭିଯୋଗ ଦେବେ। ଅଭିଯୋଗକାରୀ ଅଭିଯୋଗ ବେଳେ ଫୋନ୍ ନମ୍ବର ଦେବେ, ଯେଉଁଥିରେ ଅଭିଯୋଗ ରଖିଥିବା ଅଧିକାରୀ ଜଣକ ତାଙ୍କୁ ଯୋଗାଯୋଗ କରିପାରିବେ।


## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଖରିଫ୍ - ୨୦୨୦

(ଭାରତ ସରକାର, ଓଡ଼ିଶା ସରକାର ଏବଂ ଏଗ୍ରିକଲ୍‌ଚର ଇନ୍‌ସ୍ୟୁରାନ୍ସ କମ୍ପାନୀଙ୍କ ମିଳିତ ସହଯୋଗରେ କାର୍ଯ୍ୟକାରୀ)
(ଭାରତ ସରକାରଙ୍କ ଏହି ଯୋଜନାକୁ ଓଡ଼ିଶା ସରକାର ଖରିଫ୍ – ୨୦୨୦ ଋତୁପାଇଁ ଏଗ୍ରିକଲ୍‌ଚର ଇନ୍‌ସ୍ୟୁରାନ୍ସ କମ୍ପାନୀ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏ.ଆଇ.ସି.) ମାଧ୍ୟମରେ ନିମ୍ନଲିଖିତ ୯ ଜିଲ୍ଲାରେ କାର୍ଯ୍ୟକାରୀ କରିବା ନିମନ୍ତେ ଅଧିକୃତ କରିଛନ୍ତି।

| ଜିଲ୍ଲା | ବିଜ୍ଞପିତ ବୀମା ଯୋଗ୍ୟ ଫସଲ | ବିଜ୍ଞପିତ ବୀମା ଏକକ |
|---|---|---|
| ଗଞ୍ଜାମ, କଳାହାଣ୍ଡି, ପୁରୀ, ସୁବର୍ଣ୍ଣପୁର, ବାଲେଶ୍ୱର, ବଲାଙ୍ଗୀର, ଢେଙ୍କାନାଳ, ମାଲକାନଗିରି ଓ ନୟାଗଡ଼ | ଧାନ, ଚିନାବାଦାମ, ମକା, ହରଡ଼, ମାଣ୍ଡିଆ, କପା, ହଳଦୀ, ଅଦା | ୧. ଧାନ ଫସଲ ପାଇଁ ସମସ୍ତ ଗ୍ରାମପଞ୍ଚାୟତ, ଏନ୍.ଏ.ସି., ମ୍ୟୁନିସିପାଲିଟି। ୨. ଅନ୍ୟ ଫସଲ ପାଇଁ ନିର୍ଦ୍ଦିଷ୍ଟ ବ୍ଲକ। |

### ବିଜ୍ଞପିତ ଅଞ୍ଚଳରେ ବିଜ୍ଞପିତ ଫସଲ ଚାଷ କରୁଥିବା ସମସ୍ତ କୃଷକ ଏହି ଯୋଜନାରେ ସାମିଲ ହୋଇପାରିବେ

| ଋଣୀ କୃଷକ | ଅଣଋଣୀ କୃଷକ |
|---|---|
| ଯେଉଁ ଋଣୀ କୃଷକମାନେ ଯୋଜନାରେ ସାମିଲ ହେବାକୁ ଚାହୁଁ ନାହାନ୍ତି ସେମାନେ ଭାରତ ସରକାରଙ୍କ ଦ୍ୱାରା ଜାରି ସ୍ୱହସ୍ତାକ୍ଷରିତ ଚୟନ ଘୋଷଣା ପତ୍ର (Optout Declaration) ବୀମା କରିବା ପାଇଁ ଅନ୍ତିମ ତାରିଖର ୭ଦିନ ପୂର୍ବରୁ ବ୍ୟାଙ୍କ ଶାଖାରେ ଦାଖଲ କରିବାକୁ ପଡ଼ିବ ଅନ୍ୟଥା ବ୍ୟାଙ୍କ ଦ୍ୱାରା ସ୍ୱୀକୃତ/ନବୀକୃତ କୃଷି ଋଣର ବାଧ୍ୟତାମୂଳକ ବୀମା କରାଯିବ। | ଅଣଋଣୀ କୃଷକମାନେ ଯୋଜନାରେ ସାମିଲ ହେବା ପାଇଁ ନିମ୍ନଲିଖିତ ଦସ୍ତାବିଜ ଦାଖଲ କରିବା ଆବଶ୍ୟକ। (୧) ବ୍ୟାଙ୍କ ପାସ୍ ବହି କିମ୍ବା ଚେକ୍‌ର ନକଲ, (୨) ଭୂମି ପ୍ରମାଣ ପତ୍ରର ନକଲ, (୩) ନିର୍ଦ୍ଧାରିତ ଫର୍ମରେ ସ୍ୱୀକାରୋକ୍ତି (Self-Declaration), (୪) ବୀମା ପ୍ରସ୍ତାବପତ୍ର ପୂରଣ, (୫) ଆଧାରକାର୍ଡ଼ର ନକଲ ବାଧ୍ୟତାମୂଳକ। |

### ବିଜ୍ଞପିତ ଜିଲ୍ଲାର ବିଜ୍ଞପିତ ଫସଲ ପାଇଁ କୃଷକଙ୍କ ପ୍ରିମିୟମ ଦର, ବୀମିତ ରାଶି (ହେକ୍ଟର ପ୍ରତି) ଓ କୃଷକଙ୍କ ପ୍ରିମିୟମ (ହେକ୍ଟର ପ୍ରତି)

| ଜିଲ୍ଲା | ଫସଲ | କୃଷକଙ୍କ ପ୍ରିମିୟମ ଦର | ବୀମିତ ରାଶି ହେକ୍ଟର ପ୍ରତି (ଟଙ୍କାରେ) | କୃଷକଙ୍କ ପ୍ରିମିୟମ ହେକ୍ଟର ପ୍ରତି (ଟଙ୍କାରେ) |
|---|---|---|---|---|
| ଗଞ୍ଜାମ | ଧାନ | ୨.୦୦% | ୬୫୦୦୦ | ୧୩୦୦ |
| | ଚିନାବାଦାମ | ୨.୦୦% | ୭୦୦୦୦ | ୧୪୦୦ |
| | ମକା | ୨.୦୦% | ୬୬୦୦୦ | ୧୩୨୦ |
| | ହରଡ଼ | ୨.୦୦% | ୩୦୦୦୦ | ୬୦୦ |
| | ମାଣ୍ଡିଆ | ୨.୦୦% | ୩୫୦୦୦ | ୭୦୦ |
| | କପା | ୫.୦୦% | ୭୫୦୦୦ | ୩୭୫୦ |
| କଳାହାଣ୍ଡି | ଧାନ | ୨.୦୦% | ୭୫୦୦୦ | ୧୫୦୦ |
| | ଚିନାବାଦାମ | ୨.୦୦% | ୫୩୧୨୭.୫୦ | ୧୦୬୨.୫୫ |
| | ମକା | ୨.୦୦% | ୫୦୦୦୦ | ୧୦୦୦ |
| | ହରଡ଼ | ୨.୦୦% | ୩୨୫୦୦ | ୬୫୦ |
| | ମାଣ୍ଡିଆ | ୨.୦୦% | ୨୬୨୫୦ | ୫୨୫ |
| | କପା | ୫.୦୦% | ୬୦୦୦୦ | ୩୦୦୦ |
| ପୁରୀ | ଧାନ | ୨.୦୦% | ୬୯୭୫୦ | ୧୩୯୫ |
| ସୁବର୍ଣ୍ଣପୁର | ଧାନ | ୨.୦୦% | ୭୦୦୦୦ | ୧୪୦୦ |
| | କପା | ୫.୦୦% | ୭୫୦୦୦ | ୩୭୫୦ |
| ବାଲେଶ୍ୱର | ଧାନ | ୨.୦୦% | ୭୨୫୦୦ | ୧୪୫୦ |
| | ଅଦା | ୨.୫୦% | ୧୫୪୪୫୦ | ୩୮୬୧.୨୫ |
| ବଲାଙ୍ଗୀର | ଧାନ | ୨.୦୦% | ୭୦୪୫୦ | ୧୪୦୯ |
| | ଚିନାବାଦାମ | ୨.୦୦% | ୪୯୫୫୦ | ୯୯୧ |
| | ମକା | ୨.୦୦% | ୪୬୨୦୦ | ୯୨୪ |
| | ହରଡ଼ | ୨.୦୦% | ୨୭୦୦୦ | ୫୪୦ |
| | କପା | ୫.୦୦% | ୬୬୦୨୫ | ୩୩୦୧.୨୫ |
| ଢେଙ୍କାନାଳ | ଧାନ | ୨.୦୦% | ୬୨୫୦୦ | ୧୨୫୦ |
| | ଚିନାବାଦାମ | ୨.୦୦% | ୭୦୦୦୦ | ୧୪୦୦ |
| | ହଳଦୀ | ୪.୦୦% | ୧୨୮୭୫୦ | ୫୧୫୦ |
| ମାଲକାନଗିରି | ଧାନ | ୨.୦୦% | ୭୩୭୫୦ | ୧୪୭୫ |
| | ଚିନାବାଦାମ | ୨.୦୦% | ୭୫୮୭୫ | ୧୫୧୭.୫୦ |
| | ମକା | ୨.୦୦% | ୭୧୭୫୦ | ୧୪୩୫ |
| | ହରଡ଼ | ୨.୦୦% | ୩୪୦୦୦ | ୬୮୦ |
| ନୟାଗଡ଼ | ଧାନ | ୨.୦୦% | ୬୨୫୦୦ | ୧୨୫୦ |
| | ମକା | ୨.୦୦% | ୪୫୦୦୦ | ୯୦୦ |

### ବୀମା ସୁରକ୍ଷା

| ବ୍ୟକ୍ତିଗତ ଆଧାରିତ | ବିଜ୍ଞପିତ ଅଞ୍ଚଳ ଆଧାରିତ |
|---|---|
| ୧. ସ୍ଥାନୀୟ ଆପଦା ଯଥା: ଭୂସ୍ଖଳନ, କରକାପାତ, ବାଦଲଫଟା ବର୍ଷା, ବଜ୍ରପାତ ଜନିତ ଅଗ୍ନିକାଣ୍ଡ ଓ ଜଳପ୍ଲାବନ କାରଣରୁ ଫସଲ କ୍ଷତି ହେଲେ। ୨. ଧାନକଟାର ୧୪ ଦିନ ଭିତରେ ବାତ୍ୟା, କରକାପାତ କିମ୍ବା ଅଦିନିଆ ବର୍ଷା କାରଣରୁ ବିଲରେ ଶୁଖିବା ପାଇଁ ବିଛାଡ଼ିହୋଇ ପଡ଼ିଥିବା କଟା ଧାନର କ୍ଷତି ହେଲେ। (ଉପରୋକ୍ତ କାରଣରୁ ଫସଲ କ୍ଷତି ହେଲେ ୭୨ ଘଣ୍ଟା ମଧ୍ୟରେ ସୂଚନା ବୀମା କମ୍ପାନୀକୁ ଦେବା ଅନିବାର୍ଯ୍ୟ) | ୧. ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଧାନବୁଣା କିମ୍ବା ରୁଆରେ ବିଫଳତା ହେଲେ, ବୀମିତ ରାଶିର ୨୫% ପର୍ଯ୍ୟନ୍ତ କ୍ଷତିପୂରଣ। ୨. ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଫସଲ କ୍ଷତି ହେଲେ ସମ୍ଭାବ୍ୟ କ୍ଷତିପୂର୍ତ୍ତି ରାଶିର ୨୫% ପର୍ଯ୍ୟନ୍ତ ଅଗ୍ରିମ କ୍ଷତିପୂରଣ। ୩. ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ବୀମିତ ଫସଲର ବାସ୍ତବିକ ଉତ୍ପାଦନ (AY) ସେହି ଅଧିସୂଚିତ ବୀମା ଏକକ (ଗ୍ରାମପଞ୍ଚାୟତ/ବ୍ଲକ) ନିମନ୍ତେ ପୂର୍ବ ନିର୍ଦ୍ଧାରିତ ନିଶ୍ଚିତ ଉତ୍ପାଦନ (TY) ଠାରୁ କମ୍ ହେଲେ ବୀମାଭୁକ୍ତ ଚାଷୀଙ୍କୁ ସ୍ୱତଃପ୍ରବୃତ୍ତ ବୀମା କ୍ଷତିପୂରଣ ପ୍ରଦାନ। |

**ଖରିଫ୍ ଫସଲ ପାଇଁ ବୀମା କରିବାର ଶେଷ ତାରିଖ: ୩୧।୦୭।୨୦୨୦**

ବୀମା କ୍ଷତିପୂରଣ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ମାର୍ଗଦର୍ଶିକାରେ (Operational Guidelines) ବର୍ଣ୍ଣିତ ସର୍ତ୍ତ ଓ ନିୟମାବଳୀ ସାପେକ୍ଷ। ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଅଧିସୂଚନା www.pmfby.gov.in ୱେବ୍‌ସାଇଟ୍‌ରେ ଦେଖିପାରିବେ।

ଅଧିକ ଜାଣିବା ପାଇଁ ବ୍ୟାଙ୍କ ଶାଖା, ସମବାୟ ସମିତି, ସାର୍ବଜନିକ ସେବା କେନ୍ଦ୍ର (CSC), ଅଧିକୃତ ବୀମା ଦଲାଲ (Broker), ଭାରତ ସରକାରଙ୍କ PMFBY ପୋର୍ଟାଲ କିମ୍ବା ଏ.ଆଇ.ସି. କ୍ଷେତ୍ରୀୟ କାର୍ଯ୍ୟାଳୟ ସହିତ ସିଧାସଳଖ ଯୋଗାଯୋଗ କରନ୍ତୁ।

**ଏଗ୍ରିକଲ୍‌ଚର ଇନ୍‌ସ୍ୟୁରାନ୍ସ କମ୍ପାନୀ ଅଫ୍ ଇଣ୍ଡିଆ ଲିମିଟେଡ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଦି ମଦର (ପ୍ରଥମ ମହଲା), ପ୍ଲଟ୍ ନଂ.– ୮୭, ସତ୍ୟନଗର, ଭୁବନେଶ୍ୱର–୭୫୧୦୦୭
ଫୋନ୍ ନଂ.: ୦୬୭୪–୨୫୭୦୦୨୩, ଫ୍ୟାକ୍ସ ନଂ.: ୦୬୭୪–୨୫୭୨୪୦୯, CIN No.: U74999DL2002PLC118123
ଇ–ମେଲ୍: ro.bhubaneswar@aicofindia.com, ୱେବ୍‌ସାଇଟ୍: www.aicofindia.com
ମୁଖ୍ୟ କାର୍ଯ୍ୟାଳୟ: ପ୍ଲେଟ – ବି ଓ ସି, ପଞ୍ଚମ ମହଲା, ବ୍ଲକ – ୧, ପୂର୍ବ କିଦୱାଇ ନଗର, ନୂଆଦିଲ୍ଲୀ – ୧୧୦୦୨୩
ଫୋନ୍ ନଂ.: +୯୧–୦୧୧–୨୪୬୦୪୪୪୪, ଇ–ମେଲ୍: aicho@aicofindia.com

ଅଭିଯୋଗ ଥିଲେ କ୍ଷେତ୍ରୀୟ କାର୍ଯ୍ୟାଳୟର ଅଭିଯୋଗ ନିବାରଣ ଅଧିକାରୀଙ୍କ ସହ ୦୬୭୪–୨୫୭୦୦୨୩ରେ ସମ୍ପର୍କ କରନ୍ତୁ। କିମ୍ବା http://www.aicofindia.com/AICEng/Pages/Grievance-Home.aspxରେ ଲଗ୍‌ଅନ୍ କରନ୍ତୁ। ନିଃଶୁଳ୍କ ସହାୟକ ସେବା ୧୮୦୦–୧୧୬–୫୧୫ କିମ୍ବା fasalbima@aicofindia.comରେ ଇମେଲ୍ କରନ୍ତୁ।

UIN-IRDAN126P0001201617 | ଯଦି ଭାବୁଛନ୍ତି ଫସଲ ବୀମା, ଭାବନ୍ତୁ ଏ.ଆଇ.ସି. ସଦାସର୍ବଦା | ବୀମା ଆଗ୍ରହର ବିଷୟବସ୍ତୁ

OD/PMFBY/KH2020/01/NP

**ଆଜିର ମନ୍ତବ୍ୟ**

ରାଜସ୍ଥାନର ଗେହଲଟ୍ ସରକାରକୁ ଉଚିତ ଶିକ୍ଷାଦେବା ଲାଗି ଅପେକ୍ଷା କରିଛି।
– ମାୟାବତୀ,ବିଏସ୍‌ପି ଅଧ୍ୟକ୍ଷ





## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅଂଶୁ
ପରିବାରବର୍ଗ


ମାମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଏଏସ୍ ଅଫିସରସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୮।୭(ବ୍ୟୁରୋ)**

ରାଜ୍ୟ ସରକାର ମଙ୍ଗଳବାର ଓଏଏସ୍ ଅଫିସର ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ଏନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। କଳାହାଣ୍ଡି ଉପଜିଲାପାଳ ବିଶ୍ୱଜିତ ରାୟଙ୍କୁ କେନ୍ଦ୍ରାପଡ଼ା ଜିଲା ରାଜକନିକା ବିଡିଓ ଭାବେ ନିଯୁକ୍ତି ମିଳିଛି। ସେହିପରି ଆଉ କେତେଜଣ ଓଏଏସ୍ ଅଫିସରଙ୍କୁ ତାଙ୍କ ପୁରୁଣା ଜାଗାକୁ ଫେରାଇ ଅଣାଯାଇଛି। ଜନ୍ମେଜୟ ବେହେରାଙ୍କୁ ନବରଙ୍ଗପୁର ଜିଲା ରାଇଘର ବ୍ଲକ ବିଡିଓ ଭାବେ ନିଯୁକ୍ତି ଦିଆଯାଇଛି। ଶରତ କୁମାର ସେଠୀଙ୍କୁ ବାଣପୁର, ଧୋବେଲ ନାଏକଙ୍କୁ ବୋଲଗଡ଼ ବିଡିଓ, ବ୍ୟାସଦେବ ବେହେରାଙ୍କୁ ବନିକା ବିଡିଓ, ବିଶ୍ୱନାଥ ସାହୁଙ୍କୁ ଛେଣ୍ଡିପଦା ବିଡିଓ, ଦିଲୀପ କୁମାର ପଟ୍ଟନାୟକଙ୍କୁ ଲକ୍ଷ୍ମୀପୁର ବିଡିଓ, ଜ୍ୟୋତି ବିକାଶ ଦାସଙ୍କୁ ଚାନ୍ଦବାଲି ବିଡିଓ ଭାବେ ଦାୟିତ୍ୱ ଦିଆଯାଇଛି। ପ୍ରଶାନ୍ତ କୁମାର ଜେନାଙ୍କୁ କୃଷ୍ଣପ୍ରସାଦ ବିଡିଓ ଭାବେ ବଦଳି କରାଯାଇଛି। ସେହିପରି ବିନିକା ବିଡିଓ ବିଶ୍ୱନାଥ ମଲ୍ଲିକଙ୍କୁ ଲୋୟର ସୁକତେଲ ପ୍ରକଳ୍ପର ଜୋନ୍ ଅଫିସରଭାବେ ପୁନର୍ବାର ଫେରାଇ ଅଣାଯାଇଛି। ସେହିପରି ନବରଙ୍ଗପୁର ବିଡିଓ ଲଳିତ ମଣ୍ଡଳଙ୍କୁ କଳାହାଣ୍ଡି ଡେପୁଟି କଲେକ୍ଟର ଭାବେ ଫେରାଇ ଅଣାଯାଇଛି। ରାଇଘର ବିଡିଓ ଥିବା ଯୁଧିଷ୍ଠିର ନାଏକଙ୍କୁ ଗଜପତି ଜିଲା ଡେପୁଟି କଲେକ୍ଟର ଦାୟିତ୍ୱ ମିଳିଛି। ଯଶିପୁର ବିଡିଓ ଅନୁପମା ଘୋଷଙ୍କୁ ଭଦ୍ରକ ଡେପୁଟି କଲେକ୍ଟର ଭାବେ ଫେରାଇ ଅଣାଯାଇଛି। ଏହିଭଳି ଆଉ କେତେଜଣ ଅଫିସରଙ୍କୁ ସେମାନଙ୍କ ପଦବୀ ବଦଳରେ ଅନ୍ୟ ସ୍ଥାନରେ ନିଯୁକ୍ତି ମିଳିଛି। ସେହିପରି ଓଡ଼ିଶା ପ୍ରଶାସନିକ ସେବା(ଓଏଏସ) ଗ୍ରୁପ୍-ଏ ଜୁନିୟର ବ୍ରାଞ୍ଚର ୬୦ ଅଧିକାରୀଙ୍କୁ ବିଭିନ୍ନ ଜିଲାକୁ ଟ୍ରେନିଂ ରିଜର୍ଭ ଅଫିସର(ଟିଆର୍‌ଓ) କରି ରାଜ୍ୟ ସରକାର ପଠାଇଛନ୍ତି। ଏହି ସମସ୍ତ ଅଧିକାରୀଙ୍କୁ ଅଗଷ୍ଟ ୪ରେ କାର୍ଯ୍ୟରେ ଯୋଗଦେବା ଲାଗି କୁହାଯାଇଛି। ନୂତନଭାବେ ଓଏଏସ୍ ହୋଇଥିବା ୬୦ଜଣଙ୍କ ଲାଗି ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏହି ନିର୍ଦ୍ଦେଶନାମା ଜାରି କରିଛି।

# ଘରେ ପରୀକ୍ଷା ଦେବେ ବିପିୟୁଟି ଛାତ୍ରୀଛାତ୍ର

**ଭୁବନେଶ୍ୱର, ୨୮।୭(ବ୍ୟୁରୋ)**

ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି) ମଙ୍ଗଳବାର ଛାତ୍ରୀଛାତ୍ରଙ୍କୁ ନିଜ ଘରୁ ଅନ୍‌ଲାଇନ୍ ମାଧ୍ୟମରେ ଫାଇନାଲ ସେମିଷ୍ଟର ପରୀକ୍ଷା ଦେବାକୁ ଅନୁମତି ଦେଇଛି। ଡେସ୍କଟପ୍, ଲ୍ୟାପଟପ୍ ଉପଲବ୍ଧ ନ ହେବା ଏବଂ ନିକଟସ୍ଥ ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେବାର ସମ୍ଭାବ୍ୟ ବିପଦ ସମ୍ପର୍କରେ କଲେଜଗୁଡ଼ିକର ଅନୁରୋଧ ଉପରେ ବିଚାର କରିବା ପରେ ବିଶ୍ୱବିଦ୍ୟାଳୟ ଏହିନିଷ୍ପତ୍ତି ନେଇଛି। ଛାତ୍ରୀଛାତ୍ରମାନେ ପରୀକ୍ଷା କେନ୍ଦ୍ରକୁ ନ ଯାଇ ଘରୁ ଡେସ୍କଟପ୍ ଏବଂ ଲ୍ୟାପଟପ୍ ବ୍ୟତୀତ ସେମାନଙ୍କ ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍ କିମ୍ବା ଟାବଲେଟ୍ ବ୍ୟବହାର କରି ଅନ୍‌ଲାଇନ୍ ଫାଇନାଲ ସେମିଷ୍ଟର ପରୀକ୍ଷା ଦେଇପାରିବେ। ଏତଦ୍‌ବ୍ୟତୀତ ଯେଉଁ ଛାତ୍ରୀଛାତ୍ର ନିକଟସ୍ଥ ପରୀକ୍ଷା କେନ୍ଦ୍ରରୁ ପରୀକ୍ଷା ଦେବେ ବୋଲି ଚୟନ କରିଥିଲେ, ସେମାନେ ବିକଳ୍ପ ବଦଳାଇବା ପାଇଁ ଘରୁ ପରୀକ୍ଷା ଦେବା ପାଇଁ ଡେସ୍କଟପ୍, ଲାପଟପ୍, ମୋବାଇଲ୍ ଫୋନ୍ କିମ୍ବା ଟାବଲେଟରୁ ବାଛିବାକୁ ପଡ଼ିବ। ଏଥି ସହିତ www.bputevaluation.com ପୋର୍ଟାଲ ମାଧ୍ୟମରେ ନିଜ କଲେଜକୁ ଜଣାଇବେ। ଛାତ୍ରୀଛାତ୍ରମାନେ ୨୯ତାରିଖ ସୁଦ୍ଧା କଲେଜରେ ନାମ ପଞ୍ଜିକରଣ କରିବାକୁ କୁହାଯାଇଛି।


# classifieds Everyday
0674-2580101, 2549302


MATRIMONIAL

## BRIDE WANTED

Government job 48 ବୟସ୍କ unmarried brahmin ପୁଅଙ୍କୁ any caste married unmarried ଝିଅ ଦରକାର। 9668488654. D-67948

Wanted brahmin brides for engineer 5'8"/ 19/9 / 87 and Manager 5.4"/ 9/4 / 87. 7978736177. D-68253

Tanti Boy 1990 B.Tech Nationalised Bank Officer settle BBSR. 9861255959. D-17833

Looking bride for son age 31 B.Tech NIT Rourkela, MBA Ahmadabad work in Business development professional at Mumbai, salary 30 lakhs, 8144589551. D-17840

## GROOM WANTED

Govt. Schoolରେ Senior Teacher ଭାବରେ କାର୍ଯ୍ୟରତ ଥିବା ବିଧବା ମହିଳା ପାଇଁ ବରପାତ୍ର ଯୋଗାଯୋଗ କରନ୍ତୁ। ବୟସ-48ବର୍ଷ, (ପାରିବାରିକ ବା ଛାଡ଼ପତ୍ର ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 8895411143. D-68829

Very beautiful brahmin girl 24+1, 5'2", MSC, BED, "VAISNABI". 9337336614. D-69322

GUDIA groom (Service holder/businessman) required for 26 year beautiful graduate bride. Contact: 9778087458. D-17819


real estate

## SALE

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- outright. 9348232008, 6371569855. D-69131

**Book a fully furnished flat at Puri in 1.8 Lakhs and get loan subsidy by PMAY. 9078711724.** D-17830


construction

Building Repairing, Colouring, Plumbing, Mistri, Labour supply (day basis). 9658009658. D-69710


TO LET
to-let

3 BHK apartment in Banaja Apartment, Unit-6.Bhubaneswar contact- 7770010789. D-17820

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## EDUCATION

ଏ ବର୍ଷର ଲାଭ ଉଠାନ୍ତୁ ଏବଂ ଘରେରହି Course କରନ୍ତୁ। 10th/ 12th, BA, B.Com, B.Sc, D.Ed, B.Ed, M.Ed, BE, B.Tech, BAMS, BHMS, BUMS, D.Pharma, ANM, GNM only SMS/ WhatsApp: 9893869473. D-69711


business

**Hotel Rooms for home Quarantine with all facilities in Bhubaneswar. Contact: 9776048587.** D-67559

### ଶିକ୍ଷାରେ ପିଏଚ୍.ଡି ଲାଭ



DIET, Khallikote, Ganjamରେ କାର୍ଯ୍ୟରତ Smt. Swapna Rani Samantaray, Senior Teacher Educator, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାରରୁ ଶିକ୍ଷାରେ ଡକ୍ଟରେଟ ଉପାଧି ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ Dr. Basanta Manjari Roy, Principal, College of Teacher Education, Rourkelaଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭ "Effectiveness of Constructivist Approach in Teaching Science at Secondary Level" Professor N.K.Das, former Director, School of Education, IGNOU, New Delhi ଏବଂ Professor S.K.Kejriwal, Retired Professor, J.N.U, New Delhiଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ସେ ଖୋର୍ଦ୍ଧା ମଙ୍ଗଳା ନଗର ନିବାସୀ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ Retired Fire Officer Sri Sarat Chandra Samantaray ଓ Smt. Kumudini Samantarayଙ୍କର କନ୍ୟା ଅଟନ୍ତି। ସେ ଖୋର୍ଦ୍ଧା ଜିଲ୍ଲା ବେରୁହାଁ ନିବାସୀ Sri Bichhanda Bihari Samantaray, Retired Sr. Assistant ଓ Smt. Minalata Samantarayଙ୍କର ପୁତ୍ରବଧୂ ଅଟନ୍ତି। ସେ O.P.G.C.ରେ କାର୍ଯ୍ୟରତ Sri Sangram Keshari Samantaray, Sr. Asst. Manager (Finance)ଙ୍କର ଧର୍ମପତ୍ନୀ ଅଟନ୍ତି। ସେ ତାଙ୍କର ସଫଳତାର ଶ୍ରେୟ ସର୍ବ ପ୍ରଥମେ ମା ମଙ୍ଗଳାଙ୍କୁ ଅର୍ପଣ କରିବା ସହ ତାଙ୍କର ଗାଇଡ, ପିତା, ମାତା, ଶାଶୁ, ଶ୍ୱଶୁର, ସ୍ୱାମୀ, ପୁଅ ତଥା ପରିବାରବର୍ଗଙ୍କୁ କୃତଜ୍ଞତା ଜଣାଇଛନ୍ତି। ଧ-୧୭୮୩୧

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ପ୍ରଥମ ପୃଷ୍ଠାରୁ...**

## ଗୁରୁତ୍ୱ ହରାଇଛି...

ନାହିଁ। ମଧ୍ୟପ୍ରଦେଶର ବାନ୍ଧବଗଡ଼ରୁ ଆସିଥିବା ବାଘୁଣୀ ଗୋଟିଏ ମଣିଷକୁ ମାରିବା ପରେ ମଧ୍ୟ ଅଞ୍ଚଳବାସୀଙ୍କୁ ସତର୍କ କରିବା ପାଇଁ ବନ ବିଭାଗ ଗାଡ଼ି ଓ ମାଇକ୍‌ଟିଏ ଯୋଗାଡ଼ କରିପାରି ନ ଥିଲା। ଅନେକ ତ୍ରୁଟିକୁ ସୁଧାରିବା ପରିବର୍ତ୍ତେ ଆନ୍ଦୋଳନକାରୀଙ୍କ ଆଡ଼କୁ ଇଙ୍ଗିତ କରି ନିଜେ ସ୍ୱଚ୍ଛ ରହିବାକୁ ବନ ବିଭାଗ ଚେଷ୍ଟା କରିଥିଲା। ବାଘ ବଂଶ ବିସ୍ତାର ଯୋଜନା, ରାଇଗୁଡ଼ା ଗ୍ରାମ ସ୍ଥାନାନ୍ତର ଓ ଅନ୍ୟାନ୍ୟ କାର୍ଯ୍ୟଧାରାକୁ ନେଇ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ନ ଥିଲା। ଆର୍ଥିକ କାରବାରରେ ବାଦ ବିବାଦ ଲାଗି ରହିବା ସହ ମଧ୍ୟପ୍ରଦେଶର କାହ୍ନା ବ୍ୟାଘ୍ର ପ୍ରକଳ୍ପରୁ ଆସିଥିବା ମହାବଳ ବାଘ 'ମହାବୀର'ର ମୃତ୍ୟୁ ହେବା ଓ ବାସ୍ତବ ତଦନ୍ତ ହୋଇ ନ ପାରିବା ସାତକୋଶିଆ ପ୍ରକଳ୍ପର ପରିଚୟକୁ ମାଟିରେ ମିଶାଇ ଦେଲା। ତେଣୁ ଉତ୍ତମ ସମନ୍ୱୟ, ସହଯୋଗ, ସହଭାଗିତା ଓ ସ୍ୱଚ୍ଛତାକୁ ଆଧାର କରି ବାଘ ସଂରକ୍ଷଣ କାର୍ଯ୍ୟକୁ ବନ ବିଭାଗ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ସ୍ଥାନୀୟ ରାଜନେତାଙ୍କ ଇଚ୍ଛାଶକ୍ତି ମଧ୍ୟ ରହିବା ଦରକାର। ଅଭୟାରଣ୍ୟ ଉପଦେଷ୍ଟା କମିଟି, ପରିବେଶ ପର୍ଯ୍ୟଟନ ନିମନ୍ତେ ଜିଲାସ୍ତରୀୟ କମିଟି ଗଠନ, ବନ ସୁରକ୍ଷା ସମିତିର ବନାଞ୍ଚଳସ୍ତରୀୟ ଫୋରମ୍ ଗଠନ ସହ ଏହା କ୍ରିୟାଶୀଳ ହେବା ଏକାନ୍ତ ଆବଶ୍ୟକ। ଆଇନଗତ ଭାବେ ଏହିସବୁ କମିଟି ଓ ଅନୁଷ୍ଠାନ ରହିଥିଲେ ମଧ୍ୟ ତାହା ସାତକୋଶିଆରେ ସକ୍ରିୟ ନ ରହିବା ବ୍ୟାଘ୍ର ସଂରକ୍ଷଣ, ବଂଶବୃଦ୍ଧି ଯୋଜନା ଓ ପରିଚାଳନାକୁ ଦୁର୍ବଳ କରିଦେଇଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ପ୍ରଦୀପ ରାଜ କରାଟେ କୁହନ୍ତି, ସାତକୋଶିଆରେ ବାଘ ବଂଶ ବୃଦ୍ଧି ନିମନ୍ତେ ତୃଣଭୋଜୀ ପ୍ରାଣୀଙ୍କ ସଂଖ୍ୟା ବଢ଼ିବା ଏକାନ୍ତ ଆବଶ୍ୟକ। ସେଥିପାଇଁ ଅଧିକ ସଂଖ୍ୟାରେ ମିଡୋ (ଚାରଣ ଭୂମି) ତିଆରି ହେଉଛି। ବନ କର୍ମଚାରୀ ଓ ଅଧିବାସୀମାନଙ୍କ ମଧ୍ୟରେ ସୁ ସମ୍ପର୍କ ସ୍ଥାପନ ପାଇଁ ଇକୋ ଟୁରିଜମ୍‌କୁ ଗୁରୁତ୍ୱ ଦିଆଯାଉଛି। ସ୍ଥାନୀୟ ବାସିନ୍ଦାମାନଙ୍କୁ ବାହାର ରାଜ୍ୟର ବ୍ୟାଘ୍ର ପ୍ରକଳ୍ପକୁ ଭ୍ରମଣରେ ନିଆଯାଉଛି। ଲକ୍‌ଡାଉନ୍ ଯୋଗୁ ଏବେ ତାହା ସ୍ଥଗିତ ଅଛି। ଅଞ୍ଚଳବାସୀଙ୍କ ରୋଜଗାର ବଢ଼ାଇବା ଓ ସଚେତନ କରିବାକୁ ବିଭିନ୍ନ ସମୟରେ କାର୍ଯ୍ୟପନ୍ଥା ହାତକୁ ନିଆଯାଉଛି ବୋଲି କ୍ଷେତ୍ର ନିର୍ଦ୍ଦେଶକ କରାଟେ ପ୍ରକାଶ କରିଛନ୍ତି।

## କ୍ୟାପିଟାଲ ହସ୍ପିଟାଲରେ...

ପ୍ରେରଣା ଦେଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୋଭିଡ-୧୯ ପରି ଏକ ଅସାଧାରଣ ପରିସ୍ଥିତିରେ ରାଜ୍ୟର ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଯେଭଳି ନିଷ୍ଠା ଓ ତ୍ୟାଗର ସହ କୋଭିଡ୍ ଯୁଦ୍ଧରେ ସାମିଲ ହୋଇ ସେବା ଜାରି ରଖିଛନ୍ତି, ମୁଖ୍ୟମନ୍ତ୍ରୀ ତା'ର ଉଚ୍ଚପ୍ରଶଂସା କରିଛନ୍ତି। ଏଭଳି କଠିନ ସମୟରେ କୋଭିଡ୍ ଯୋଦ୍ଧାଙ୍କୁ ଉତ୍ସାହିତ କରିବା ଓ ସେମାନଙ୍କ ମନୋବଳକୁ ଦୃଢ଼ ରଖିବା ପାଇଁ ଆମେ ସମସ୍ତେ କାମ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ କୋଭିଡ୍‌ରୁ ଆରୋଗ୍ୟ ଲାଭ କରିଥିବା ପ୍ଲାଜ୍‌ମାଦାତାଙ୍କର ମଧ୍ୟ ମୁଖ୍ୟମନ୍ତ୍ରୀ ଉଚ୍ଚପ୍ରଶଂସା କରିଥିଲେ। ରାଜ୍ୟର ଦାୟିତ୍ୱବାନ ନାଗରିକ ଭାବେ ସମାଜ ପ୍ରତି ସେମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟବୋଧ ଓ ମାନବିକତାର ଶ୍ରେଷ୍ଠ ଉଦାହରଣ ଦେଇଛନ୍ତି। ପ୍ଲାଜ୍‌ମା ଦାନ କରିଥିବା ଓଡ଼ିଶା ପୋଲିସର ଯବାନ, ଏନ୍‌ଡିଆର୍‌ଏଫ୍ ଯବାନ ଏବଂ ଅଗ୍ନିଶମ କର୍ମଚାରୀଙ୍କର ମହତ୍ତ୍ୱ କାର୍ଯ୍ୟ ସମ୍ପର୍କରେ ସ୍ୱତନ୍ତ୍ର ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଖୁବଶୀଘ୍ର ପ୍ଲାଜମା ଦାନ ଏକ ଜନ ଆନ୍ଦୋଳନରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ପ୍ଲାଜ୍‌ମା ଦାନ କରିବାକୁ ଆଗ୍ରହୀ ବ୍ୟକ୍ତିମାନେ ଯେଭଳି ସୁବିଧାରେ ପଞ୍ଜୀକରଣ କରିପାରିବେ, ସେଥିପାଇଁ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଦ୍ୱାରା ବିକଶିତ ଏକ ୱେବ୍ ପୋର୍ଟାଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। ଏହି ପୋର୍ଟାଲରେ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିଙ୍କର ଡାଟାବେସ୍ ସନ୍ନିବେଶିତ ହୋଇଛି। https://covid19.odisha.gov.in/ରେ ଲଗ୍ ଇନ୍ କରି 'ପ୍ଲାଜ୍‌ମା ଡୋନର ସେଲ୍‌ଫ ରେଜିଷ୍ଟ୍ରେଶନ'ରେ କ୍ଲିକ୍ କରିବାକୁ ପଡ଼ିବ। ଏଥିରେ ଦାତାମାନଙ୍କ ଯୋଗ୍ୟତା ଓ ସମ୍ମତି ଆଦି ବିଷୟ ମଧ୍ୟ ସ୍ଥାନିତ ହେବ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଯୋଗଦେଇ ଅଧିକରୁ ଅଧିକ ବ୍ୟକ୍ତି ପ୍ଲାଜ୍‌ମା ଦାନ କରିବାକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ପ୍ଲାଜମା ଦାନ ପାଇଁ ଆଇଇସି ଅଭିଯାନକୁ ଜୋରଦାର କରାଯିବ ବୋଲି କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ପ୍ଲାଜ୍‌ମା ଚିକିତ୍ସା ପଦ୍ଧତି ସମ୍ପର୍କରେ ଖୁବଶୀଘ୍ର ଏସ୍‌ଓପି ଜାରି କରାଯିବ ବୋଲି ସୂଚନା ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ଲାଜ୍‌ମା ଚିକିତ୍ସା ପଦ୍ଧତି ସମ୍ପର୍କରେ ଏକ ଭିଡିଓ ଫିଲ୍ମ ଏବଂ ଏହି ଚିକିତ୍ସା ସମ୍ପର୍କିତ ବ୍ରୋଚର ଉନ୍ମୋଚନ କରିଛନ୍ତି। ବାଲେଶ୍ୱରର ପ୍ଲାଜ୍‌ମା ଦାତା ରଶ୍ମିରଞ୍ଜନ ବେହେରା କୋଭିଡ୍ ରୋଗ ସମ୍ପର୍କରେ ତାଙ୍କର ଅନୁଭୂତି ବର୍ଣ୍ଣନା କରିବା ସହ ଏପରି ମହତ୍ କାର୍ଯ୍ୟ ପାଇଁ ସରକାର ସୁଯୋଗ ସୃଷ୍ଟି କରିଥିବାରୁ ଧନ୍ୟବାଦ ଜଣାଇଥିଲେ। ସୂଚନାଯୋଗ୍ୟ, ଗତ ୧୬ତାରିଖରେ କଟକ ଏସ୍‌ସିବିରେ ପ୍ରଥମ ପ୍ଲାଜ୍‌ମା ବ୍ୟାଙ୍କ ଉଦ୍‌ଘାଟିତ ହୋଇଥିଲା। ଖୁବ୍‌ଶୀଘ୍ର ରାଉରକେଲାର ଆଇଜିଏଚ୍, ବୁର୍ଲାର ଭିମ୍‌ସାର୍ ଏବଂ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲରେ ପ୍ଲାଜ୍‌ମା ବ୍ୟାଙ୍କ ପ୍ରତିଷ୍ଠା କରାଯିବ।

## ବଜ୍ରପାତ ନେଲା...

କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବଡତେଲେନ୍‌ପାଲି ଗାଁର ଜଣେ ଚାଷୀଙ୍କ କ୍ଷେତରେ ମଙ୍ଗଳବାର ପହ୍ଲାରୁଆ କାର୍ଯ୍ୟରେ ପ୍ରାୟ ୧୮ଜଣ ମହିଳା ଓ ପୁରୁଷ ଲାଗିଥିଲେ। ଅପରାହ୍ନ ପ୍ରାୟ ୨ଟା ସମୟରେ ହଠାତ୍ ବଜ୍ରପାତ ହେବାରୁ ବିଳାସିନୀ କ୍ଷେତରେ ଟଳି ପଡ଼ିଥିଲେ। ଅନ୍ୟ ୩ ଗୁରୁତର ମହିଳାଙ୍କୁ ସେଠାରୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ଯଶୋବନ୍ତୀ ଓ ପୂର୍ଣ୍ଣମୀଙ୍କୁ ମୃତ ଘୋଷଣା କରିଥିଲେ। ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ମହୁଲପାଲି ଥାନା ଅଧୀନ ଝାରମାଲ ଗ୍ରାମର ଦୟାନିଧି ମାଝି (୪୨) ନାମକ ଜଣେ ଚାଷୀଙ୍କ ମଧ୍ୟ ବଜ୍ରପାତରେ ମୃତ୍ୟୁ ଘଟିଛି। ଦୟାନିଧି ନିଜ ଜମିରେ ଚାଷ କରୁଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ କୁଚିଣ୍ଡା ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଶିଶୁଣ୍ଡା ଗ୍ରାମରେ ବଜ୍ରପାତରେ ବିଷ୍ଣୁପ୍ରିୟା ରାଉତ(୪୮) ନାମ୍ନୀ ଜଣେ ମହିଳା ଚାଷୀଙ୍କ ମୃତ୍ୟୁ ଘଟିଛି। ବିଷ୍ଣୁପ୍ରିୟା ଅପରାହ୍ନରେ ବିଲରେ ତଳି ଉପାଡୁ ଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ପାଖରେ କାମ କରୁଥିବା କେତେଜଣ ଚାଷୀଙ୍କ ସହାୟତାରେ ଅଗ୍ନିଶମ ବାହିନୀ କର୍ମଚାରୀ ଉଦ୍ଧାର କରି ଜଗନ୍ନାଥପ୍ରସାଦ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୧୫୦ ଟପିଲା...

କେନ୍ଦ୍ରାପଡ଼ା ଓ ମାଲକାନଗିରିରୁ ୧୪ଜଣ ଲେଖାଏ, ଅନୁଗୋଳ ଓ ପୁରୀରୁ ୧୧ଜଣ ଲେଖାଏ, ବରଗଡ଼ ୧୦, କଳାହାଣ୍ଡି ଓ ନୂଆପଡ଼ାରୁ ୮ଜଣ ଲେଖାଏ, ନୟାଗଡ଼ରୁ ୭, ଭଦ୍ରକ, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ ଓ ସୁନ୍ଦରଗଡ଼ରୁ ୨ଜଣ ଲେଖାଏ ଏବଂ ଦେବଗଡ଼ ଓ ଢେଙ୍କାନାଳରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୪,୭୬,୫୬୦ଟି ନମୁନା ପରୀକ୍ଷା ହୋଇଥିବାବେଳେ ସେଥିରୁ ୫.୯% ପଜିଟିଭ୍ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ରାଜ୍ୟରେ ଆଉ ୬୮୭ଜଣ କରୋନାରୁ ଆରୋଗ୍ୟ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୧୮,୦୬୦କୁ ବୃଦ୍ଧି ପାଇଛି। ବର୍ତ୍ତମାନ ରାଜ୍ୟରେ ୯,୮୫୭ଜଣ ସକ୍ରିୟ ରୋଗୀ ଥିବା ବେଳେ ୧୦,୫୪୪ ଜଣ ହସ୍ପିଟାଲ ଆଇସୋଲେଶନରେ ଅଛନ୍ତି।

## ଅନ୍‌ଲାଇନ ପାଠପଢ଼ା...

ଥିବାବେଳେ ବାମହାତରେ ସାମାନ୍ୟ ଆଘାତ ଲାଗିଛି। ହାତର କେତୋଟି ଅଙ୍ଗୁଳିରେ ଫୋଟକା ହୋଇଯାଇଛି। କିନ୍ତୁ ଫାଟିବା ପରେ ମୋବାଇଲ ଫୋନ୍‌ଟି ଜଳି ଉଠିଥିଲା। ଏହି ଘଟଣା ପରେ ରୁପ୍‌ସା ଭୟଭୀତ ହୋଇପଡ଼ିଥିଲେ। ତେବେ ତାଙ୍କର ବିଶେଷ କିଛି କ୍ଷତି ହୋଇ ନ ଥିବା ସେ ପରେ ଜାଣିବାକୁ ପାଇ ଆଶ୍ୱସ୍ତ ହୋଇଥିଲେ। ରୂପ୍‌ସା କହିଛନ୍ତି, ଅନ୍‌ଲାଇନରେ ପାଠ ପଢୁଥିବାବେଳେ ମୋବାଇଲ ଫୋନ୍ ଫାଟିଯାଇଥିଲା। ଭଗବାନଙ୍କ ଦୟାରୁ ମୋର ବେଶି କିଛି ହୋଇନି, କେବଳ ହାତରେ କିଛି ଫୋଟକା ହୋଇଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଳଦଳ ମନ**
**ଦୁମ୍ ଦୁମ୍ ଗମନ**
**ଦାନ କଲା ଲୋକଠାରେ ଅଭିମାନ**
**ସଖୀ ବଡ଼ ମନ୍ଦ ଏ ।**

ମନରେ ଦୃଢତା ନ ଥିଲେ କୌଣସି କାର୍ଯ୍ୟ ସଫଳ ହୋଇପାରି ନ ଥାଏ। ଦୁମୁଦୁମୁ ଚାଲିବା ଉଚ୍ଛୃଙ୍ଖଳ ଭାବକୁ ଦର୍ଶାଇଥାଏ। ସେହିପରି ଦାନୀ ବ୍ୟକ୍ତିର ଦାନକୁ ନେଇ ଅଭିମାନ କରିବସିବା ଅଶୋଭନୀୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦି' ମାଇପର ଘଇତା**
**ପଖାଳ ଖାଇବୁ କି ତବତ ଖାଇବୁ**
**ବେଳ ଥାଉ ଥାଉ କହିଥା।**

ଦୁଇଟା ସ୍ତ୍ରୀ ଥିଲେ କାହା ମନକୁ ନେଇ ଚଳିବ ସେ ନେଇ ମଣିଷ ହରଡ଼ଘଣାରେ ପଡିଯାଇଥାଏ। ଦୁଇଜଣଙ୍କ ମନ ଏକାଠି ମିଶି ନ ପାରିବା କାରଣରୁ କାହାକୁ ତୁଷ୍ଟ କରିହେବ ସେନେଇ ବ୍ୟସ୍ତତା ବଢିଯାଇଥାଏ। ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ସ୍ଥଳବିଶେଷରେ ହଟହଟା ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ**
**ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

# ବଜାରକୁ ଗତି ଦେଇପାରିବେ ଏମ୍‌ଏସ୍‌ଏମ୍‌ଇ

**ନୂଆଦିଲ୍ଲୀ,୨୮।୭**

ବର୍ତ୍ତମାନ କ୍ଷତିଗ୍ରସ୍ତ ବଜାର ସ୍ଥିତିରେ ଦେଶର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡିକ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଏଭଳି ସ୍ଥିତିରେ କ୍ଷୁଦ୍ର ଶିଳ୍ପର ବିକାଶ ଲାଗି ଡିଜିଟାଲୀକରଣ ଉପରେ ଏକ ଅଧ୍ୟୟନରେ ଗୁରୁତ୍ୱାରୋପ କରାଯାଇଛି। ଏହି ଶିଳ୍ପର ଡିଜିଟାଲୀକରଣ ହେଲେ ଦେଶର ଜିଡିପିରେ ୨୧୬ ବିଲିୟନ ଡଲାରର ବୃଦ୍ଧି ଘଟିବ। କରୋନା ମହାମାରୀ ପାଇଁ ଦେଶ ସାମ୍ନାରେ ଆସିଥିବା ବିଭିନ୍ନ ଚ୍ୟାଲେଞ୍ଜରୁ ଦେଶକୁ ବାହାରକୁ ଆଣିବା ଲାଗି ଏହା ସହାୟତା କରିବ ବୋଲି ଅଧ୍ୟୟନରେ କୁହାଯାଇଛି। ବର୍ତ୍ତମାନର ପରିବର୍ତ୍ତନ ସହ ଆଗକୁ ବଢ଼ିବାକୁ ହେଲେ ଡିଜିଟାଲୀକରଣକୁ ଆପଣାଇବାକୁ ପଡିବ ବୋଲି କ୍ଷୁଦ୍ର ଶିଳ୍ପଗୁଡିକ ଉପଲବ୍ଧି କରିଛନ୍ତି। ବର୍ତ୍ତମାନ ଦେଶ ମଧ୍ୟରେ ୪.୨ କୋଟି ପଞ୍ଜୀକୃତ ଏବଂ ଅଣପଞ୍ଜୀକୃତ କ୍ଷୁଦ୍ର ଉଦ୍ୟୋଗ ରହିଥିବା ଏସ୍‌ଏମ୍‌ବି ଡିଜିଟାଲ ମାଚ୍ୟୁରିଟି ଷ୍ଟଡି-୨୦ରେ ପ୍ରକାଶ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବ୍ୟୟଭାବରେ ରାଶ୍ୟାଧିପ ରହିଥିବାରୁ ସ୍ୱେଚ୍ଛାକୃତ ଭାବରେ ଏକ ମହତ୍ତ୍ୱପୂର୍ଣ୍ଣ କାମରେ ଅର୍ଥ ବ୍ୟୟ କରିବେ। ଦୂରସ୍ଥ ସନ୍ତାନଙ୍କ ପାଇଁ ମନ ଉଦ୍‌ବେଗ ରହିବ, ଫଳରେ ମାନସିକ ଅସ୍ଥିରତା ଦେଖାଦେଇପାରେ। ଆଗାମୀ ସମୟର ଆନୁଷ୍ଠାନିକ କାମରେ ତତ୍ପରତା ବୃଦ୍ଧିପାଇବ।

**ବୃଷ** କେନ୍ଦ୍ରଯୁକ୍ତ ବୃହସ୍ପତି କାରଣରୁ କୌଣସି ନୂତନ ଯୋଜନା କାର୍ଯ୍ୟକାରୀ ନ ହୋଇପାରେ। କର୍ମ କ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ମତାନ୍ତର ମଧ୍ୟରେ କାମ କରିବେ। ପାରିବାରିକ କ୍ଷେତ୍ରରେ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ପ୍ରଶାସନ ଓ ପ୍ରକାଶନ କ୍ଷେତ୍ର ପ୍ରାୟତଃ ଭଲ ରହିବ।

**ମିଥୁନ** ଶତ୍ରୁ ଦୃଷ୍ଟିରେ ରବି ରହିଥିବାରୁ ପଦସ୍ଥବ୍ୟକ୍ତିଙ୍କ ସହ ମତପାର୍ଥକ୍ୟଜନିତ କଳହର ଆଶଙ୍କା ରହିଛି। ମୃଗଶିରା ନକ୍ଷତ୍ର ଅବଶ୍ୟ ବନ୍ଧୁଙ୍କ ସାହାଯ୍ୟରୁ କୌଣସି ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା,ସଙ୍ଗୀତ ଆସରର ମଉକା ମିଳିପାରେ।

**କର୍କଟ** ବଳହୀନ ଚନ୍ଦ୍ର ଦୈହିକ ଦୁର୍ବଳତା ସୃଷ୍ଟିକରିବ ଏବଂ ଅନ୍ୟମାନଙ୍କ ସହ ସୁସମ୍ପର୍କରେ ବାଧା ଆଣିବ। ତଥାପି ସମସ୍ୟା ଭିତରେ ମଧ୍ୟ ପରିବାର ଭିତରେ କାମ କରିବାକୁ ବାଧ୍ୟ ହେବେ। ପ୍ରାତଃ ଭ୍ରମଣ ସାଙ୍ଗକୁ କୌଣସି ନୂତନ ଜିନିଷ କିଣିବାକୁ ମନ ବଳାଇପାରନ୍ତି। ବାଣିଜ୍ୟ,ବ୍ୟବସାୟକ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ।

**ସିଂହ** ମଙ୍ଗଳ ଅଷ୍ଟମସ୍ଥ ଯୋଗୁ ଅଭାବନୀୟ ପରିସ୍ଥିତି ସଙ୍ଗକୁ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ଭାଇ, ଭଉଣୀ କିମ୍ବା ପଡୋଶିନୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ କୌଣସି ସମସ୍ୟା ସୃଷ୍ଟି କରିପାରନ୍ତି।

**କନ୍ୟା** ଧନସ୍ଥାନ ପ୍ରତି ମଙ୍ଗଳଙ୍କ ଦୃଷ୍ଟି ଅର୍ଥ କିମ୍ବା ଜମିଜମା ସମ୍ପର୍କକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟି କରିବ। କିନ୍ତୁ ଅନ୍ୟ ସବୁ କାମ ଶୃଙ୍ଖଳିତ ରହିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିପାରେ। ଆତ୍ମୀୟମାନଙ୍କର ମଧ୍ୟ ସାହାଯ୍ୟ ସହଯୋଗ ପାରିବାରିକ ଜୀବନରେ ଖୁସୀ ଆଣିଦେବ। କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ତୁଳା** ଅଭାବ ନ ଥିଲେ ମଧ୍ୟ ସମସ୍ୟା ଲାଗିରହୁଥିବାରୁ ମାନସିକ ସ୍ଥିତି ଭଲ ରହିବନାହିଁ। ତଥାପି ପାଉ ନ ଥିବା ଜିନିଷଟି ଆକସ୍ମିକ ଭାବରେ ପାଇ ମନ ଏକବାର ଖୁସୀ ହୋଇଯିବ। ଅତୀତରେ ଶତ୍ରୁତା କରୁଥିବା ଲୋକଠାରୁ ମଧ୍ୟ କାମ ହାସଲ କରିନେବେ। ଆଲୋଚନା କ୍ଷେତ୍ରରେ ଭୁଲ୍ ବୁଝାମଣା ନିଷ୍ପତ୍ତିକୁ ଅମୀମାଂସୀତ ରଖିବ।

**ବିଛା** ଶନିଙ୍କ ପ୍ରଭାବରେ ଦୃଢ ଇଚ୍ଛାଶକ୍ତି ଆପଣଙ୍କୁ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ। ଗମନାଗମନରେ ପ୍ରତିବନ୍ଧକଜନିତ ପରିବହନ, ବ୍ୟବସାୟ, ଯାତ୍ରା ଓ ବାଣିଜ୍ୟ ସମସ୍ୟାବହୁଳ ରହିପାରେ। କୌଣସି ବନ୍ଧୁଙ୍କ ତରଫରୁ ଅଭିଯୋଗ ଶୁଣି ମନଟା ଚହଲିଯାଇପାରେ।

**ଧନୁ** ସ୍ୱରାଶିରେ ଚତୁର୍ଥାଧିପ ଯୋଗୁଁ ନୂତନ ସ୍ଥାନ ପରିଦର୍ଶନ ଓ ବନ୍ଧୁମାନଙ୍କ ସହ ଭ୍ରମଣର ସୁଯୋଗ ପାଇପାରନ୍ତି। ଆଜି ଏକ ଆଧ୍ୟାତ୍ମିକ ପରିବେଶରେ ସତ୍‌ସଙ୍ଗୀଙ୍କ ସାନ୍ନିଧ୍ୟରେ ସମୟ କଟିପାରେ। ଶିକ୍ଷା କିମ୍ବା ପରୀକ୍ଷା କ୍ଷେତ୍ରରେ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମକର** ଶନି ଦୃଷ୍ଟିରେ ମଙ୍ଗଳ ପାରିବାରିକ ସ୍ତରରେ ବିବାଦୀୟ ସ୍ଥିତି ଉତ୍ପନ୍ନ କରିବ। ତେଣୁ ସବୁ କଥାରେ ଟିକିଏ ପଛକୁ ରହି କାମ କରିବା ଭଲ ହେବ। ଧନିଷ୍ଠା ନକ୍ଷତ୍ରର କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୋଷ ପ୍ରକାଶ କରିପାରନ୍ତି।

**କୁମ୍ଭ** ସପ୍ତମ ସ୍ଥିତିରେ ଶୁକ୍ର ଓ ଚନ୍ଦ୍ର ରହିଥିବାରୁ ଆଜି ଆପଣ ଅର୍ଥ,ସମ୍ମାନ ଓ ପ୍ରଶଂସା ପାଇ ଖୁସୀ ହେବେ। କିନ୍ତୁ କେତେକ କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁଁ ସୁସମ୍ପର୍କ ବ୍ୟାହତ ହୋଇପାରେ। ପ୍ରଶାସନ,ଆନୁଷ୍ଠାନିକ କାର୍ଯ୍ୟ ଓ ସଙ୍ଗୀତ, କଳା, ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ମଙ୍ଗଳ ରାଶିରେ ମାନସିକ ସ୍ଥିତିକୁ ଉତ୍ତେଜନାପ୍ରବଣ କରାଇପାରେ। କଥା କଥାକେ ତର୍କବିତର୍କ ଲାଗିରହିଲେ ମଧ୍ୟ ଆର୍ଥିକ ଦିଗରୁ ବହୁଳାଂଶରେ ଉପକୃତ ହେବେ। ବିଭିନ୍ନ ଅସୁବିଧାକୁ ନେଇ ମନ ଉଦ୍‌ବେଗ ରହିବାର ସୂଚନା ରହିଛି। ପରିସ୍ଥିତିକୁ ଯେତିକି ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

ଅନୁରାଧା/ବିଛା, କର୍କଟ ରାଶିର ଘାତବାର,ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୨୫ମି. ଗତେ ଘ.୦୭.୦୮ମି. ମଧ୍ୟେ, ଘ.୦୯.୪୩ମି. ଗତେ ଘ.୧୧.୨୭ମି. ମଧ୍ୟେ, ଘ.୦୩.୪୫ମି. ଗତେ ଘ.୦୫.୨୯ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୦୫ମି. ଗତେ ଘ.୦୯.୧୮ମି. ମଧ୍ୟେ, ରାତ୍ରି ଘ.୦୧.୪୪ମି. ଗତେ ଘ.୦୫.୨୫ମି. ମଧ୍ୟେ ଅମୃତବେଳା। ଦିବା ଘ. ୦୨.୦୨ମି. ଗତେ ଘ.୦୩.୪୫ ମି. ମଧ୍ୟେ, ରାତ୍ରି ଘ.୦୯.୧୮ମି. ଗତେ ଘ.୧୦.୪୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୫୩ମି. ଗତେ ଘ.୦୧.୩୦ମି. ମଧ୍ୟେ ରାହୁକାଳ।

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ୨୯ ଜୁଲାଇ, ୨୦୨୦

## ଗାଡ଼ି ଧକ୍କାରେ ରାଇସ ମିଲ୍ ଶ୍ରମିକଙ୍କ ମୃତ୍ୟୁ

ଅତାବିରା (ଡି.ଏନ.ଏ.): ଗୋଡ଼ଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର ଦେଶଭଟିଲି ଉଦେପୁର ଛକ ମଝିରେ ଏକ ଅଜଣା ଗାଡି ଧକ୍କାରେ ଆହତ ରାଇସ ମିଲ୍ ଶ୍ରମିକଙ୍କ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ମୃତ୍ୟୁ ଘଟିଛି। ମୃତକ ହେଲେ ଭେଡେନ ଥାନା ରୁଷୁଡା ଫାଣ୍ଡି ଅଧୀନ ଦବକା ଗ୍ରାମର ବୁଲୁ ଆଚାର୍ଯ୍ୟ(୫୦)। ସାଲନାସ୍ଥିତ ଶ୍ରୀରାମ ରାଇସ ମିଲ୍‌ରେ କାମ କରୁଥିବା ବୁଲୁ ଏକ ସାଇକେଲରେ ଘରକୁ ଫେରୁଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଗାଡିକୁ ନେଇ ଫେରାର ହୋଇଯାଇଛନ୍ତି।



# ନୂଆଁଖାଇ ଲାଗି ଉତ୍ସାହ ନାହିଁ

**ସମ୍ବଲପୁର,୨୮।୭ (ବ୍ୟୁରୋ)**

କରୋନା କଟକଣା ଯୋଗୁ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଲାଗି କାହା ମନରେ ଉତ୍ସାହ ନାହିଁ। କେବଳ ପରମ୍ପରା ରକ୍ଷା ପାଇଁ ପରିବାର ସଦସ୍ୟମାନେ ଘରେ ପୂଜାର୍ଚ୍ଚନା କରିବା ସହ ନୂଆ ଖାଇବାକୁ ସ୍ଥିର କରିଛନ୍ତି । ବହୁଦିନ ଧରି ଚାଲୁଥିବା ନୂଆଁଖାଇ ଭେଟ୍‌ଘାଟ ଚଳିତ ବର୍ଷ ବନ୍ଦ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏପରି କି ଆଗକୁ ଗଣେଶ ପୂଜା ଓ ରାଖୀପୂର୍ଣ୍ଣିମା ବି କରୋନା ଯୋଗୁ ପ୍ରଭାବିତ ହେବା ନିଶ୍ଚିତ ହୋଇଯାଇଛି।

ଚଳିତ ବର୍ଷ ଅଗଷ୍ଟ ୨୨ରେ ଗଣେଶ ପୂଜା ପଡୁଛି। ତା' ପରଦିନ ନୂଆଁଖାଇ। ଏଥିପାଇଁ ପଣ୍ଡିତମାନେ ଲଗ୍ନଧାର୍ଯ୍ୟ କରନ୍ତି। ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଇଙ୍କ ପାଖରେ ପ୍ରଥମେ ନବାନ୍ନ ଭୋଗ ଲାଗି କରାଯାଏ। ଏହାପରେ ପୁରପଲ୍ଲୀରେ ଲୋକେ ପରିବାରବର୍ଗଙ୍କ ସହ ଏକାଠି ମିଶି ନୂଆଁ ଖାଇଥାନ୍ତି। ଗୁରୁଜନଙ୍କୁ ପ୍ରଣାମ କରି ସାନମାନେ ଆଶୀର୍ବାଦ ନେଇଥାନ୍ତି।



ନୂଆଁଖାଇ ତିଥିରେ ସମସ୍ତେ ଏକାଠି ହୋଇ ନବାନ୍ନ ଖାଉଛନ୍ତି। (ଫାଇଲ ଫଟୋ)

ତେବେ କରୋନା କଟକଣା ଯୋଗୁ ଏବେ ଟ୍ରେନ୍ ଓ ବସ୍ ଚଳାଚଳ ବନ୍ଦ ରହିଛି। ଗୋଟିଏ ଜିଲାର ଲୋକେ ଅନ୍ୟ ଜିଲାକୁ ଆସିବାକୁ ବାରଣ କରାଯାଇଛି । ଏପରି ପରିସ୍ଥିତିରେ ରାଜ୍ୟ ବାହାରେ ରହୁଥିବା ପ୍ରବାସୀମାନେ ଘରକୁ ଫେରିବା ସମ୍ଭବ ନୁହେଁ । ଅନ୍ୟପକ୍ଷେ କରୋନା କଟକଣା ନୂଆଁଖାଇ ପାଇଁ ପ୍ରତିବନ୍ଧକ ସୃଷ୍ଟି କରିଛି । ଏପରି ସମୟରେ ସାମାଜିକ ଦୂରତା ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି । ସେଥିପାଇଁ ନୂଆଁଖାଇ ଭେଟଘାଟ ପାଇଁ କାହା ମନରେ ଉତ୍ସାହ ନାହିଁ । ପରିସ୍ଥିତି ଏପରି ହୋଇଛି ଯେ, ଭେଟଘାଟ କାର୍ଯ୍ୟକ୍ରମରେ ସାମିଲ କଳାକାରମାନେ ଏ ପର୍ଯ୍ୟନ୍ତ ପ୍ରସ୍ତୁତି ଆରମ୍ଭ କରି ନାହାନ୍ତି। ନୂଆଁଖାଇ ସମୟରେ ଅଧିକ ରୋଜଗାର

### ଗଣେଶ ପୂଜା, ରାଖୀପୂର୍ଣ୍ଣିମା ବି ପ୍ରଭାବିତ ହୋଇପାରେ

କରିବାକୁ ଆଶା ରଖିଥିବା କପଡା ବ୍ୟବସାୟୀ, କୁମ୍ଭକାର ପରିବାର, ପୂଜକ, ପଣ୍ଡିତ, ପୂଜା ସାମଗ୍ରୀ ବିକ୍ରି କରୁଥିବା ଦୋକାନୀ, ମୂର୍ତ୍ତି କାରିଗରମାନେ ଏବେ ବି ହାତବାନ୍ଧି ବସିଛନ୍ତି। ଦିନକୁ ଦିନ ରାଜ୍ୟରେ ପଜିଟିଭ ସଂଖ୍ୟା ବଢ଼ି ଚାଲିଛି । ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ଲୋକମାନେ ବି ସାମାଜିକ ଉତ୍ସବଠାରୁ ଦୂରେଇ ରହିବାକୁ ବାଧ୍ୟ ହୋଇଛନ୍ତି।

ଏ ସମ୍ପର୍କରେ ନୃତ୍ୟ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଶଶାଙ୍କ ଶେଖର ଦୁବେ କୁହନ୍ତି, ନୂଆଁଖାଇର ପ୍ରାୟ ଦୁଇ ମାସ ପୂର୍ବରୁ କଳାକାରମାନେ ପ୍ରସ୍ତୁତି ଆରମ୍ଭ କରନ୍ତି । ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟଘାଟ ଆୟୋଜନ ହୁଏ। ହେଲେ କରୋନା କଟକଣା ଯୋଗୁ ଚଳିତ ବର୍ଷ ଏ ପର୍ଯ୍ୟନ୍ତ କୌଣସି ଅନୁଷ୍ଠାନ ପକ୍ଷରୁ ଆମକୁ ଯୋଗାଯୋଗ କରାଯାଇନାହିଁ। ଏଥିଯୋଗୁ ହଜାରରୁ ଊର୍ଦ୍ଧ୍ୱ କଳାକାର ଆର୍ଥିକ ଅନଟନରେ ପଡିବେ । ମୂର୍ତ୍ତି କାରିଗର ମନୋଜ ଭୋଇ ନିଜ ପ୍ରତିକ୍ରିୟାରେ କହିଛନ୍ତି, କରୋନା କଟକଣା ଆମ ଭାତହାଣ୍ଡି ଉପରେ ଦାଉ ସାଜିଛି । ସ୍କୁଲ କଲେଜ ବନ୍ଦ ରହିଛି। କୌଣସି ପୂଜା କମିଟି ପକ୍ଷରୁ ଆଜି ପର୍ଯ୍ୟନ୍ତ ଆମକୁ ଗଣେଶ ମୂର୍ତ୍ତି ପାଇଁ ଅର୍ଡର ଆସିନାହିଁ। କେମିତି ଆମେ ପରିବାର ଚଳାଇବୁ ସେହି ଚିନ୍ତା ଘାରିଛି। କ୍ଷେତରାଜପୁର ନଟ୍‌ରାଜ କ୍ଲବ ପୂଜା କମିଟି ସଦସ୍ୟ ଗୋପାଳ ପନସାରୀ କୁହନ୍ତି, ଚଳିତ ବର୍ଷ ଗଣେଶ ପୂଜାକୁ ନିରାଡମ୍ବରରେ ପାଳନ ହେବ। କେବଳ ଛୋଟିଆ ମୂର୍ତ୍ତିରେ ପୂଜା କରାଯିବ । ଜନ ସାଧାରଣଙ୍କ ଦର୍ଶନ ବନ୍ଦ ରହିବ। କରୋନା ସଂକ୍ରମଣକୁ ରୋକିବା ପାଇଁ କମିଟି ଏପରି ପଦକ୍ଷେପ ଗ୍ରହଣ କରିଛି। ଅନ୍ୟପକ୍ଷେ ପରିସ୍ଥିତିକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ବି କଠୋର ହୋଇଛି। ଆଉ ଅଳ୍ପଦିନ ମଧ୍ୟର ଜିଲା ପ୍ରଶାସନ ଏ ସଂକ୍ରାନ୍ତରେ ସ୍ପଷ୍ଟ କରିବାର ସମ୍ଭାବନା ରହିଛି।

## ବନ୍ୟପ୍ରାଣୀ ଶିକାର, ଶିକାରୀ ଗିରଫ



ଗିରଫ ଅଭିଯୁକ୍ତ ଧର୍ମେନ୍ଦ୍ର ଗୁରୁ।

**ସମ୍ବଲପୁର, ୨୮।୭ (ବ୍ୟୁରୋ)**

ସମ୍ବଲପୁର ସଦର ରେଞ୍ଜରେ ବିଦ୍ୟୁତ୍ ତାର ବିଛାଇ ବନ୍ୟପ୍ରାଣୀ ଶିକାର କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ବନ ବିଭାଗ ତାଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ ଧମା ଥାନା ଅଧୀନ ବିରଘାଟ ଗ୍ରାମର ଧର୍ମେନ୍ଦ୍ର ଗୁରୁ (୩୦)। ଆଉ ୨ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିବା ସଦର ରେଞ୍ଜର ଗୌରୀ ଦାଶ କହିଛନ୍ତି। ଖୁବ ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଘଟଣା ସ୍ଥଳରୁ କାଚ ବୋତଲ, ବାଡି ଓ ଜେଇ ତାର ଜବତ ହୋଇଛି। ଏ ନେଇ ୫୬/୨୦ରେ ଏକ ମାମଲା ରୁଜୁ ହୋଇଛି । ସୂଚନାଯୋଗ୍ୟ, ବନ୍ୟପ୍ରାଣୀ ଶିକାର ଉଦ୍ଦେଶ୍ୟରେ ବସିଆପଡା ଓ ବିରସିଂଗଡ ସଂରକ୍ଷିତ ଜଙ୍ଗଲରେ ଅବାଧରେ ଶିକାର କରାଯାଉଛି । ନିକଟରେ ଥିବା ୧୧ କେଭି ବିଦ୍ୟୁତ ତାରରେ ଶିକାରୀମାନେ ସଂଯୋଗ କରି ଶିକାର କରୁଛନ୍ତି।

## ସଂକ୍ଷେପରେ

### ଶଟ୍‌ଡାଉନ୍ ଘୋଷଣା କଲେ ସରପଞ୍ଚ

ସରଣ୍ଡା,୨୮।୭(ଡି.ଏନ.ଏ): କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ବରଗଡ଼ ଜିଲା ଅତାବିରା ବ୍ଲକ ଚକୁଳି ପଞ୍ଚାୟତର ସରପଞ୍ଚ ସୁଲତା ପ୍ରଧାନ ୨୯ତାରିଖ ସକାଳ ୬ଟାରୁ ୩୧ତାରିଖ ରାତି ୯ଟା ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ଘୋଷଣା ମୁତାବକ ସରଣ୍ଡା ଶିବ ମନ୍ଦିର ଛକ ତଥା ଜାତୀୟ ରାଜପଥ ପାର୍ଶ୍ୱରେ ରହିଥିବା ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟତୀତ ଅନ୍ୟ ଦୋକାନ ଗୁଡ଼ିକରେ କଟକଣା ଲାଗୁ ହୋଇଛି। ସେହିପରି ପଞ୍ଚାୟତର ଗାଁ ଗହଳିରେ ରହିଥିବା କିରାନା ଦୋକାନ ଗୁଡ଼ିକ ସକାଳ ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲା ରହିପାରିବ ବୋଲି ସେ ସୂଚନା ଦେଇଛନ୍ତି। ଏହାକୁ ଉଲ୍ଲଂଘନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରପଞ୍ଚ ପ୍ରଧାନ କହିଛନ୍ତି ।

### ଶିକ୍ଷୟିତ୍ରୀ ହେଲେ ନୃତ୍ୟାଙ୍ଗନା

ଅତାବିରା, ୨୮।୭ (ଡି.ଏନ.ଏ.): ବରଗଡ଼ ଜିଲା ଅତାବିରା ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଟୋପ ସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ତଥା ଗାଇଡ୍ କ୍ୟାପଟେନ ଅନସୂୟା ଦେବତା ଓଡ଼ିଶା ରାଜ୍ୟ ସ୍କାଉଟ୍ସ ଓ ଗାଇଡ୍ସ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ପ୍ରାନ୍ତରୁ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଅନସୂୟା ଏ-ଗ୍ରେଡ୍ ପାଇଛନ୍ତି । ଏହା ସହିତ ସେ କରୋନା ସମୟରେ ଗାଁ ଗାଁ ବୁଲି ଜନସଚେତନତା ସୃଷ୍ଟି କରିଚାଲିଛନ୍ତି । ରାଜ୍ୟ ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ କରୋନା ଯୋଦ୍ଧା ଭାବେ ସେ ସମ୍ବର୍ଦ୍ଧିତ ହୋଇଛନ୍ତି । ଏହି ଅବସରରେ ଓଡ଼ିଶା ରାଜ୍ୟ କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ତାଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା।

### ବରଗଡ଼ରେ ୧୦ କରୋନା ପଜିଟିଭ

ବରଗଡ଼ ଅଫିସ୍,୨୮।୭ : ବରଗଡ଼ ଜିଲାରେ ମଙ୍ଗଳବାର ପୁଣି ନୂଆ ୧୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅତାବିରା ଏନଏସିର ସର୍ବାଧିକ ୯ଜଣ ରହିଥିବାବେଳେ ଅନ୍ୟ ଜଣକ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୩ର ଅଟନ୍ତି । ଆକ୍ରାନ୍ତମାନଙ୍କୁ ବରଗଡ଼ କୋଭିଡ୍ ହସ୍‌ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସେହିପରି ସଂକ୍ରମିତଙ୍କ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି ଏବଂ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଛି ବୋଲି ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି । କୋଭିଡ୍ ଗାଇଡ୍ ଲାଇନ୍‌କୁ ମାନି ଚଳିବା ଏବଂ ଜରୁରୀ କାମ ନ ଥିଲେ ବାହାରକୁ ନ ବାହାରିବା ପାଇଁ ଜିଲାପାଳ ପ୍ରଧାନ ପରାମର୍ଶ ଦେଇଛନ୍ତି ।

## ଗୋଳାବାରୁଦ କାରଖାନା ନିଗମୀକରଣକୁ ବିରୋଧ

**ସଇଁତଳା, ୨୮।୭(ଡି.ଏନ.ଏ.)**

ପ୍ରତିରକ୍ଷା ବିଭାଗର ଗୋଳାବାରୁଦ କାରଖାନାଗୁଡ଼ିକୁ ନିଗମୀକରଣ ସହ ବିଦେଶୀ ପୁଞ୍ଜିନିବେଶ ବୃଦ୍ଧିକୁ ବିରୋଧ କରି ଭାରତୀୟ ମଜଦୁର ସଂଘ ତରଫରୁ ଗତ ୨୪ତାରିଖରୁ ଏକ ସପ୍ତାହ ବ୍ୟାପୀ ଧାରଣା ଚାଲୁ ରହିଛି। ସଇଁତଳା ବଡ଼ମାଳ ଗୋଳାବାରୁଦ କାରଖାନାର ୱାର୍କର୍ସ ୟୁନିୟନ ପାଞ୍ଚଦଫା ଦାବିନେଇ ଗତ ୨୭ ଓ ୨୮ ତାରିଖରେ ଆନ୍ଦୋଳନ କରିଥିଲେ। ଆୟୁଧ ନିର୍ମାଣ ବୋର୍ଡ଼କୁ ନିଗମୀକରଣ ପ୍ରସ୍ତାବର ଅବିଳମ୍ବେ ପ୍ରତ୍ୟାହାର, ରକ୍ଷା ଉତ୍ପାଦନ କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶ ବୃଦ୍ଧିକୁ ବନ୍ଦ କରିବା, ସେନା ମୁଖ୍ୟାଳୟମାନଙ୍କରେ କାର୍ଯ୍ୟ କରୁଥିବା ମରାମତି ଡ଼ିପୁ /ୱାର୍କଶପରେ ଗୋକୋ ମୋଡ଼େଲ ଲାଗୁ ନ କରି ପୂର୍ବବତ କାର୍ଯ୍ୟକାରୀ କରିବା ଦାବି ନେଇ କାରଖାନାର ଗେଟ ନଂ.୨ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର କାରଖାନାର ଉପମହାପ୍ରବନ୍ଧକ ଡ଼.ଏ.ଏସ.ଖାନଙ୍କୁ ପ୍ରଦାନ କରାଯାଇଥିଲା। ସୋମବାର ସନ୍ଧ୍ୟାରେ ୟୁନିୟନର କାର୍ଯ୍ୟକର୍ତ୍ତା ଗେଟ ନଂ.୨ ସମ୍ମୁଖରେ ନିଗମୀକରଣର କୁଶପୁତ୍ତଳିକା ଦାହ କରି ବିରୋଧ ପ୍ରଦର୍ଶନ କରିଥିଲେ। ମହାସଂଘ ସହସମ୍ପାଦକ ରବିନ୍ଦ୍ର ମିଶ୍ର ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ନିଗମୀକରଣକୁ ପ୍ରତ୍ୟାହାର ସମେତ ଅନ୍ୟାନ୍ୟ ଦାବିଗୁଡ଼ିକୁ ସରକାର ମାନି ନ ନେଲେ ଆଗାମୀ ଦିନରେ ଗୋଳାବାରୁଦ କାରଖାନାମାନଙ୍କରେ କାର୍ଯ୍ୟରତ କର୍ମଚାରୀ ଅନିର୍ଦ୍ଦିଷ୍ଟ କାଳ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଘ ସଭାପତି ଭରତ ମାଝୀ, ସମ୍ପାଦକ ହରିହର ସିଂ, ସିଇ ସଭ୍ୟ ଅରୁଣ ପଟେଲ, ପ୍ରକାଶ ମହାପାତ୍ର, ପ୍ରଦୀପ କର, କିରଣ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

## ଲୁଟ୍ ଘଟଣା: ତୃତୀୟ ଅଭିଯୁକ୍ତ ଗିରଫ

ଦେଓଗାଁ,୨୮।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ରତନପୁର-ସିଂହପାଲି ରାସ୍ତାର କେନ୍ଦୁପତ୍ର ଫଡିଘର ନିକଟରେ ୨୦୧୯ ସେପ୍ଟେମ୍ବର ୧୨ରେ ହୋଇଥିବା ଲୁଟ୍ ଘଟଣାର ତୃତୀୟ ଅଭିଯୁକ୍ତଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଚନ୍ଦନ ବାଗ(୨୦)। ତାଙ୍କୁ ବିଜାଖମନଠାରୁ ଗିରଫ କରିବା ପରେ କୋର୍ଟଚାଲାଣ କରାଯାଇଥିବା ଏସ୍‌ଆଇ ବିଚିତ୍ରାନନ୍ଦ ପଧାନ ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ. ୫୬/୧୯) ରୁଜୁ ହୋଇଛି। ସୂଚନାନୁସାରେ ଘଟଣା ଦିନ ୩ଜଣ ଦୁର୍ବୃତ୍ତ ଏକ ବୋଲେରୋରେ ଆସି ରାସ୍ତାରେ ଯାଉଥିବା ଅର୍ଡାର ବାଳକୃଷ୍ଣ ସୁନାଙ୍କୁ ଅଟକାଇଥିଲେ। ମାଡ ମାରି ତାଙ୍କଠାରୁ ମୋବାଇଲ,ଏଟିଏମ୍ କାର୍ଡ ଓ ୨୫ଶହ ଟଙ୍କା ଲୁଟି ନେଇଥିଲେ । ଉକ୍ତ ଘଟଣାରେ ପୂର୍ବରୁ ପୋଲିସ ୨ଜଣଙ୍କୁ ଗିରଫ କରିଥିବା ବେଳେ ଲୁଟ୍‌ରେ ବ୍ୟବହୃତ ବୋଲେରୋ ନଂ ଓଡି୦୩ଏନ୫୫୨୨କୁ ଜବତ କରିଥିଲା।

**ସର୍ବସାଧାରଣଙ୍କ ପାଇଁ ନିଯୁକ୍ତି ସୁଯୋଗ**

BAP Foundation ତରଫରୁ ପ୍ରତ୍ୟେକ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ପାଇଁ **କମ୍ପ୍ୟୁଟର ଶିକ୍ଷକ** ନିମନ୍ତେ ଆସନ୍ତା 01.08.2020ରିଖରେ ଆବେଦନ ପତ୍ର ଗ୍ରହଣ କରାଯାଉଅଛି । ଯୁକ୍ତ ଦୁଇ ଓ ଯୁକ୍ତ ତିନି ଛାତ୍ରୀଛାତ୍ର ଆବଶ୍ୟକ ।

ଠିକଣା:

**BAP Foundation**
**Baramunda, BDA Colony, Flat No.67, Bhubaneswar**
ଫୋନ୍ - 7894092555, 7894068555
bapfoundation3@gmail.com

## ରାଜାମୁଣ୍ଡା ପଞ୍ଚାୟତର ପ୍ରଥମ କରୋନା ରୋଗୀ ଚିହ୍ନଟ

**ଲହୁଣୀପଡା, ୨୮।୭ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତର ଶରଧାପୁର ଗ୍ରାମରେ ମଙ୍ଗଳବାର ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏଣୁ ସଂକ୍ରମଣ ରୋକିବାକୁ ରାଜାମୁଣ୍ଡା ସରପଞ୍ଚ ମୂରଲୀଧର ମୁଣ୍ଡା ଉକ୍ତ ଗାଁର ଶରଧପୁରୁ, ଗରଗଡିଆ, ଦେଓପୋଷ ସାହିକୁ ମଙ୍ଗଳବାର ରାତି ୯ଟାରୁ ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି। ଶରଧାପୁର ଗ୍ରାମକୁ ସଂଯୋଗ କରୁଥିବା ୧୪୩ ନମ୍ବର ଜାତୀୟ ରାଜପଥର ମଡେଲ ସ୍କୁଲ ଓ ତାରିଣୀ ମନ୍ଦିର ସରସ୍ୱତୀ ଶିଶୁ ମନ୍ଦିର ଓ ବେଣୁବନ୍ଧ ପ୍ରମୁଖ ୪ଟି ରାସ୍ତାକୁ ବାଉଁଶ ବାଡ ଦେଇ ବନ୍ଦ କରି ଦିଆଯାଇଛି। ମାଇକ ଯୋଗେ ଗ୍ରାମବାସୀଙ୍କୁ ସଚନା ଦିଆଯାଇଛି ଯେ, ୪୮ ଘଣ୍ଟା ମଧ୍ୟରେ ୩ ସାହିର ଲୋକେ ନିତାନ୍ତ ଜରୁରୀ ନ ଥିଲେ ଘରୁ ବାହାରି ପାରିବେ ନାହିଁ ।

**OFFICE OF THE CDM & PHO, NAYAGARH**
**Tender for diet services in Covid Facilities**

Advt. No.2181/ Dt.28.07.20

Sealed quotations are invited from intending suppliers/bidders towards diet services in different Covid Health Facilities of Nayagarh district. Detail tender documents, terms and conditions can be downloaded from the official website i.e. www.nayagarh.nic.in. The tender documents must reach to the Office of the CDM&PHO, Nayagarh on or before dt.4.8.2020 upto 5.00 P.M. and the tenders will be opened on dt.5.8.2020 at 11.00 A.M. No tenders will be accepted after due date and time. The authority reserves the right to accept/ reject the tenders or cancellation of the entire process without assigning any reason thereof.

**Sd./- Chief District Medical & Public Health Officer**
**Nayagarh**

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆରରୋଡ୍**
email:nackhrd@rediffmail.com

**ନୋଟିସ**

ସଂ.୨୩୮୭/ ତା୨୮।୦୭।୨୦୨୦

ରାଜ୍ୟ ସରକାରୀଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ନିର୍ଦ୍ଦେଶକ୍ରମେ, ଖରିଆରରୋଡ୍ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଅଞ୍ଚଳରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଅଛି। ୫୦ ମାଇକ୍ରନ୍‌ରୁ କମ୍ ଓଜନ ବିଶିଷ୍ଟ ପଲିଥିନ ଜରି, ପ୍ଲାଷ୍ଟିକ ଇତ୍ୟାଦି ଉତ୍ପାଦନ କରିବା ବା ଆମଦାନୀ କରିବା, ବିକ୍ରୟ କରିବା ବା ବିକ୍ରି ଉଦ୍ଦେଶ୍ୟରେ ଗଚ୍ଛିତ ରଖିବା ଏବଂ ଏହାର ବ୍ୟବହାରକୁ ଆଇନ ଅନୁଯାୟୀ ନିଷିଦ୍ଧ କରାଯାଇଅଛି । ଆଇନ ଅମାନ୍ୟକାରୀଙ୍କ ବିରୁଦ୍ଧରେ ଆବଶ୍ୟକୀୟ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆରରୋଡ୍

**PARADIP PORT TRUST**
**e-Tendering Notice**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers/ Authorised Dealers/Distributors for supply of **Motorole Make VHF Walkie Talkie**. The last date and time of submission of the tender is **17.15 hrs. on dt. 12.08.2020.** For details, log on to website : **https://eprocure.gov.in/eprocure/app**

**Sr. Dy. Materials Manager,**
**PPT/PR/146/20-21 Dt : 28.07.2020**

## ହଳ କଳାବେଳେ ବଳଦ ସହ ଚାଷୀ ମୃତ

**ଭବାନୀପାଟଣା,୨୮।୭(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅଧୀନ ମେଦିନୀପୁର ଗାଁରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଓହଳି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଚାଷୀ ଓ ଗୋଟିଏ ବଳଦର ମୃତ୍ୟୁ ଘଟିଛି। ମୃତ ଚାଷୀ ଜଣକ ସେହି ଗାଁର କୈଳାସ ଚନ୍ଦ୍ର ସାହୁ। ସକାଳୁ ସକାଳୁ ସେ ହଳ ନେଇ ନିଜ ବିଲକୁ ଯାଇଥିଲେ। ସେଠାରେ ଚାଷ କରୁଥିବାବେଳେ ଓହଳି ପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିବା ସହ ଗୋଟିଏ ବଳଦର ବି ଜୀବନ ଯାଇଛି। ଏହି ଘଟଣାକୁ ନେଇଁ ଗାଁରେ ଉତ୍ତେଜନା ଦେଖା ଦେଇଥିଲା। ବିଦ୍ୟୁତ୍ ବିଭାଗର ଖାମଖିଆଲି ମନୋଭାବ ଯୋଗୁ ଏଭଳି ଦୁଃଖଦ ଘଟଣା ଘଟିଥିବା ଲୋକେ ଅଭିଯୋଗ କରିଛନ୍ତି। ଏଣୁ ବିଦ୍ୟୁତ୍ ବିଭାଗ ମୃତ ଚାଷୀଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ଗାଁ ଲୋକେ ଦାବି କରିଛନ୍ତି।

## ସ୍ୱାବ୍ ସଂଗ୍ରହ କରିବ ୨ ଭ୍ୟାନ୍

**ସମ୍ବଲପୁର,୨୮।୭ (ବ୍ୟୁରୋ)**

ସମ୍ବଲପୁର ଜିଲାରେ କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଲୋକାଲ କେସ୍ ଅଧିକ ରହୁଛି। ତେଣୁ ଜିଲା ପ୍ରଶାସନ ଗୁରୁବାରଠାରୁ ସ୍ୱାବ୍ ସଂଗ୍ରହ ପାଇଁ ୨ଟି ଭ୍ୟାନ୍ ଚଳାଇବାକୁ ବ୍ୟବସ୍ଥା କରିଛି। ଜିଲାପାଳ ଶୁଭମ୍ ସକ୍‌ସେନା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତିତ ଯେ, ଜିଲାବ୍ୟାପି ସ୍ୱାସ୍ଥ୍ୟ ସର୍ଭେ କରାଯାଇଛି । ବିଭିନ୍ନ ସ୍ଥାନରେ ଲକ୍ଷଣ ଥିବା ସୂଚନା ଆସୁଛି । ସ୍ୱାବ୍ ସଂଗ୍ରହରେ ଥିବା ସମସ୍ୟା ଏବେ ଦୂର ହୋଇଯିବ। ଯେଉଁ ସ୍ଥାନରେ ଅଧିକ ସ୍ୱାବ୍ ସଂଗ୍ରହ କରାଯିବ ସେ ସ୍ଥାନକୁ ଏହି ଭ୍ୟାନ୍ ଯିବ।

## ପୋଲ ତଳକୁ ଖସିଲା ଟିପ୍ପର

**ଲହୁଣୀପଡା, ୨୮।୭ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅଧୀନ ୧୪୩ ନମ୍ବର ଜାତୀୟ ରାଜପଥ ଗୌଡଣିପୋଷ ପୋଲରୁ ସୋମବାର ବିଳମ୍ବିତ ରାତିରେ ଏକ ଟିପ୍ପର ଖସି ପଡ଼ିଛି। ରାଉରକେଲାରୁ ଲହୁଣୀପଡା ପଟକୁ ଆସୁଥିବା ଏହି ଟିପ୍ପର (ନଂ. ଓଡି ୧୪ ପି- ୧୦୩୩) ଭାରସାମ୍ୟ ହରାଇ ଗୌଡଣିପୋଷ ନାଳର ପୋଲ ଉପରୁ ତଳକୁ ଖସି ପଡିଥିଲା । ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଗାଡି ଚାଳକଙ୍କୁ ଉଦ୍ଧାର କରିଥିଲା। ଏହାପରେ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଯାଇଛି।

**ତହସିଲ କାର୍ଯ୍ୟାଳୟ, ବଅଁରପାଳ**
**ଲଘୁ ଖଣିଜ ଖାଦାନ ଲିଜ୍ ଇସ୍ତାହାର**

**ବିଜ୍ଞପ୍ତି ସଂ.- ୫୯୭୩** ତା୨୩।୦୭।୨୦୨୦

No. F-17: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ବଅଁରପାଳ ତହସିଲ ଅନ୍ତର୍ଗତ ୮ (ଆଠ) ଗୋଟି ଲଘୁ ଖଣିଜ ଖାଦାନକୁ ଆସନ୍ତା ୫(ପାଞ୍ଚ)ବର୍ଷ ଅର୍ଥାତ୍ ୨୦୨୦-୨୧ ଆର୍ଥିକ ବର୍ଷଠାରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଲିଜ୍ ନିମନ୍ତେ ତହସିଲଦାର, ବଅଁରପାଳଙ୍କ ଦ୍ୱାରା ବନ୍ଦ ଲଫାପା ଟେଣ୍ଡର ମାଧ୍ୟମରେ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତି ସବିଶେଷ ତଥ୍ୟ OMMC Rules, 2016, Form-'M'ରେ ପୂରଣ କରି ଏହାର ତିନି କପି ସହ ଆବଶ୍ୟକୀୟ ଦଲିଲ ସଂଲଗ୍ନ କରି Sealed Coverରେ ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା୧୩।୦୮।୨୦୨୦ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଦାଖଲ କରିବେ। ସମସ୍ତ ପ୍ରାପ୍ତ ହୋଇଥିବା ବନ୍ଦ ଲଫାପା ଗୁଡ଼ିକ ତା୧୪।୦୮।୨୦୨୦ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତଗୁଡ଼ିକ ତନଖି କରାଯିବ ଏବଂ ସର୍ବୋଚ୍ଚ ଦର ଧାର୍ଯ୍ୟ ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ। ଯେଉଁ ସଇରାତ ଉତ୍ସଗୁଡ଼ିକ ପ୍ରଥମ ତାରିଖରେ ଲିଜ୍ ପାଇଁ ଚୂଡ଼ାନ୍ତ ହୋଇ ନ ପାରିବ ସେହି ଉତ୍ସଗୁଡ଼ିକ ପାଇଁ ଦ୍ୱିତୀୟ ତାରିଖ ତା୨୦।୦୮।୨୦୨୦ରିଖ ଅପରାହ୍ନ ୫ ଘଟିକା ଓ ତୃତୀୟ ତାରିଖ ତା୨୭।୦୮।୨୦୨୦ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯାଇ ଯଥାକ୍ରମେ ତା୨୧।୦୮।୨୦୨୦ରିଖ ଓ ତା୨୮।୦୮।୨୦୨୦ରିଖ ପୂର୍ବାହ୍ନ ଘ୧୧ଣ୍ଟା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯିବ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ଖାରଜ କରାଯିବ। ସଇରାତ ଉତ୍ସଗୁଡ଼ିକ ସମ୍ପୂର୍ଣ୍ଣ ବିବରଣୀ ତଥା ଦରଖାସ୍ତ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ ଅନୁଗୁଳ ଜିଲ୍ଲା Website ତଥା **www.angul.nic.in**ରେ ଉପଲବ୍ଧ ହୋଇପାରିବ।

ସ୍ୱା./- ତହସିଲଦାର, ବଅଁରପାଳ
**OIPR-24078/11/0001/2021**

**NESCO UTILITY**
**OFFICE OF THE SUPERINTENDING ENGINEER (ELECT.)**
**ELECTRICAL CIRCLE, BALASORE, email:nesco_sebls@rediffmail.com**

TENDER CALL NOTICE No.:3357 Date: 24.7.20

For and on behalf of NESCO Utility the undersigned invites sealed tenders in duplicate from Govt. Civil Contractors having valid Civil Licence Class 'C' or 'D' for Civil Construction Works as narrated below.

| Sl. No. | Name and description of works | Estimated value of work (Rs.) | EMD value (Rs.) | Cost of tender paper (Rs.) | Last date for submission of tender paper | Opening of tender |
|---|---|---|---|---|---|---|
| 1 | Construction of approach Road from Office of SEEC, Balasore to Office of SDO Supply-II, Balasore, 0/000 Km to 0/200 Km. | 3,46,100.00 (including GST @12% and Cess) | 3,470.00 | 2240.00 | 10.08.20 upto 2 P.M. | 10.08.20 at 4 P.M. |
| 2 | Repairing & Renovation of Chamber of SEEC, Balasore at Godipada, Balia, Balasore | 1,98,242.00 (excluding GST @ 12% and Cess) | 1,990.00 | 2240.00 | 10.08.20 upto 2 P.M. | 10.08.20 at 4 P.M. |

Tender documents & terms and conditions will be available in the office of undersigned on working days during office hour on application & payment of cost of tender paper in shape of Demand Draft drawn on any Nationalized Bank in favour of SEEC, Balasore payable at Balasore.

**Sd./- Superintending Engineer (E)**
**Electrical Circle, Balasore**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା**
**(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)**
**ବିଜ୍ଞାପନ**

No. g-10: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜଣେ ଶିଶୁ, ଖୋର୍ଦ୍ଧା ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କର ନିର୍ଦ୍ଦେଶନାମା ଅନୁସାରେ, ଭୁବନେଶ୍ୱର ପାତ୍ରପଡ଼ାସ୍ଥିତ, ଆମଘର ଶିଶୁ ଯତ୍ନ ଅନୁଷ୍ଠାନରେ ରହିଆସୁଛନ୍ତି। ଯଦି ଏହି ଶିଶୁର ପିତା, ମାତା, ଅଭିଭବାକ ବା ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତିର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଫୋନ୍ - 06755-296065 ଅଥବା ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ଖୋର୍ଦ୍ଧା, ମୋ.- 9437359431ଙ୍କ ସହିତ ଯୋଗାଯୋଗ କରନ୍ତୁ। ଅନ୍ୟଥା ଏହି ଶିଶୁମାନଙ୍କୁ କିଶୋର ନ୍ୟାୟ ଆଇନ-2015, ସେକ୍ସନ 38(1) ଅନୁଯାୟୀ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧାଙ୍କ ଦ୍ୱାରା ପୋଷ୍ୟସନ୍ତାନ ପାଇଁ ବିବେଚିତ କରାଯିବ।

**କ୍ଷୀରାବ୍ଧ (ଝିଅ), ବୟସ: ନବଜାତ ଶିଶୁ କନ୍ୟା**

ତା୧୬।୦୭।୨୦୨୦ରିଖ ଦିନ ଏହି ଶିଶୁ କନ୍ୟାଟି ବାଘମାରୀସ୍ଥିତ ଜାତୀୟ ରାଜପଥ କଡ଼ରେ ଅସହାୟ ଅବସ୍ଥାରେ ପଡ଼ିଥିବା ବେଳେ ସାଧାରଣ ଲୋକଙ୍କ ଦ୍ୱାରା ଉଦ୍ଧାର କରାଯାଇ ଖୋର୍ଦ୍ଧା ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କ ନିକଟରେ ହାଜର କରାଯାଇଥିଲା। ଶିଶୁ ମଙ୍ଗଳ କମିଟି, ଖୋର୍ଦ୍ଧାଙ୍କ ନିର୍ଦ୍ଦେଶକ୍ରମେ ବର୍ତ୍ତମାନ ଏହି ଶିଶୁଟିକୁ ପାତ୍ରପଡ଼ା, ଭୁବନେଶ୍ୱରସ୍ଥିତ ଆମଘର ଶିଶୁ ଯତ୍ନ ଅନୁଷ୍ଠାନରେ ଯତ୍ନ ଓ ସୁରକ୍ଷା ନିମନ୍ତେ ଅବସ୍ଥାପିତ କରାଯାଇଅଛି।



ସ୍ୱା./- ଜିଲ୍ଲାପାଳ, ଖୋର୍ଦ୍ଧା
OIPR-33016/11/0008/2021

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ**
**(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)**

ଇସ୍ତାହାର ସଂଖ୍ୟା: ୪୧୮ ତା୨୮।୦୭।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଅଜଣା ଶିଶୁକୁ ଉଦ୍ଧାର କରାଯାଇ ଶିଶୁମଙ୍ଗଳ କମିଟି, ଅନୁଗୋଳଙ୍କ ନିର୍ଦ୍ଦେଶରେ ଅନୁଗୋଳ ପଞ୍ଚମହଲା ସ୍ଥିତ ଆଦୃତା ଶିଶୁ ସଦନ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତାମାତା/ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ, ଫୋନ୍ ନଂ.- ୦୬୭୬୪-୨୩୦୩୨୯କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ଉକ୍ତ ଶିଶୁ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଟିକୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍ - ୨୦୧୫ର ଧାରା ୩୮ (ଉପ-ଧାରା - ୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

| କ୍ର.ସଂ. | ଶିଶୁଟିର ନାମ | ପୁଅ/ ଝିଅ | ଜନ୍ମ ତାରିଖ | କେଉଁ ସ୍ଥାନରୁ ଉଦ୍ଧାର | ଶିଶୁ ମଙ୍ଗଳ କମିଟି କେସ୍ ନମ୍ବର | ବର୍ତ୍ତମାନର ଠିକଣା | ଫଟୋ |
|---|---|---|---|---|---|---|---|
| ୧ | ସୁଭଦ୍ରା | ଝିଅ | ୩୦।୦୬।୨୦୨୦ | ସୁଆଝରୀ ଜଙ୍ଗଲ ସା: ସୁଆଝରୀ, ଥା: ରେଙ୍ଗାଳି ଡ୍ୟାମ୍ ସାଇଟ୍, ଜିଲ୍ଲା: ଅନୁଗୋଳ | ୧୯/୨୦୨୦ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |

ସ୍ୱା./- ଜିଲ୍ଲାପାଳ, ଅନୁଗୋଳ

# ୧୧ ଲକ୍ଷ କୋଟି

ଏମ୍ପ୍ଲଇଜ୍ ପ୍ରୋଭିଡେଣ୍ଟ ଫଣ୍ଡ୍ ଅର୍ଗାନାଇଜେଶନ୍ (ଇପିଏଫ୍‌ଓ) ବା କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ ଏକ ସରକାରୀ ବ୍ୟବସ୍ଥା, ଯେଉଁଥିରେ ଉଭୟ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ଅର୍ଥ ପ୍ରତ୍ୟେକ ମାସରେ ଏକ ନିର୍ଦ୍ଦିଷ୍ଟ ପରିମାଣରେ ଜମା ହୋଇଥାଏ। ଏହି ସଂଗୃହୀତ ପାଣ୍ଠିରୁ କର୍ମଚାରୀ ନିଜର ଜରୁରୀ ଆବଶ୍ୟକତାକୁ ଦେଖି ବା ଅବସର ପରେ ଉଠାଇ ପାରିବେ। ଦେଖିବାକୁ ଗଲେ ଏହା ସରକାରୀ ଅର୍ଥ ନୁହେଁ। ସଦ୍ୟ ତଥ୍ୟ ଅନୁଯାୟୀ ଇପିଏଫ୍‌ଓରେ ୧୧ ଲକ୍ଷ କୋଟି ଭାରତୀୟ ଟଙ୍କା ଜମାଅଛି। ଆମେରିକୀୟ ଡଲାରରେ ଏହାର ମୂଲ୍ୟ ହେବ ୧୫୭.୮ ବିଲିୟନ। ଇତିମଧ୍ୟରେ କରୋନାଜନିତ ଆର୍ଥିକ ସଙ୍କଟ ଯୋଗୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏକ ଯୋଜନା ଘୋଷଣା କରିଥିଲେ। ତାଙ୍କ କହିବା ଅନୁଯାୟୀ ଘୋଷଣା ଦିନଠାରୁ ଆରମ୍ଭକରି ୩ ମାସ ପର୍ଯ୍ୟନ୍ତ ଇପିଏଫ୍‌ଓରେ କର୍ମଚାରୀମାନଙ୍କ ଜମାକୁ ସରକାର ଭରଣା କରିବେ। ଏହା ମାତ୍ର ୩ ମାସ ପାଇଁ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ତାହାକୁ ଆଉ ତିନି ମାସ ବଢ଼ାଯାଇଛି। ତେବେ ଏଥିସହିତ ଯୋଡ଼ାଯାଇଥିବା ସର୍ତ୍ତ ଅତ୍ୟନ୍ତ ହାସ୍ୟାସ୍ପଦ। ସୀତାରାମନ କହିଛନ୍ତି ଯେ, ଯେଉଁ ଘରୋଇ କମ୍ପାନୀରେ ସର୍ବାଧିକ ୧୦୦ ଜଣ କର୍ମଚାରୀ ଥିବେ ଏବଂ ତନ୍ମଧ୍ୟରୁ ୯୦ ପ୍ରତିଶତ କର୍ମଚାରୀ ମାତ୍ର ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ଦରମା ପାଉଥିବେ ସେମାନଙ୍କର ଭବିଷ୍ୟନିଧି ଜମାକୁ ସରକାର ବହନ କରିବେ। ଏଭଳି ନିୟମାବଳୀ ଯୋଗୁ ଅଧିକାଂଶ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ସୁବିଧା ପାଇବାରୁ ବଞ୍ଚିତ ହେବେ। ଅର୍ଥାତ୍ ଏଥିପାଇଁ ବ୍ୟବସ୍ଥା କରାଯାଇଥିବା ୪, ୮୦୦ କୋଟି ଟଙ୍କା ବାଟମାରଣା ହେବାର ଦୁଆର ଫିଟାଇ ଦିଆଯାଇଛି।

ଏହା ବ୍ୟତୀତ ଏବେ ଜାତୀୟ ଗଣମାଧ୍ୟମରେ ଅନ୍ୟ ଏକ ଦିଗ ସମ୍ପର୍କରେ ଖବର ପ୍ରକାଶ ପାଇବା ଚିନ୍ତାଜନକ। ଦେଶରେ ଏପ୍ରିଲରୁ ଜୁଲାଇ ତୃତୀୟ ସପ୍ତାହ ମଧ୍ୟରେ ଇପିଏଫ୍‌ଓରୁ ୮୦ ଲକ୍ଷ କର୍ମଚାରୀ ୩୦,୦୦୦ କୋଟି ଟଙ୍କା ଉଠାଣ କରିସାରିଲେଣି। ମହାମାରୀଜନିତ ନିଯୁକ୍ତିହାନି ଓ ଦରମାକାଟ ଯୋଗୁ କର୍ମଚାରୀମାନେ ଚଳିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତରୀ ଖର୍ଚ୍ଚ ମେଣ୍ଟାଇବା ପାଇଁ ମଧ୍ୟ ଅନେକେ ଇପିଏଫ୍‌ଓରେ ଥିବା ଅର୍ଥ ଉଠାଣ କରିବାକୁ ବାଧ୍ୟ ହେଉଛନ୍ତି। ସାଧାରଣତଃ କର୍ମଚାରୀମାନେ ଚାକିରିର ଶେଷ ଆଡ଼କୁ ଘର କରିବା, ଝିଅ ବାହାଘର କିମ୍ବା କୌଣସି ଦୁରାରୋଗ୍ୟ ବ୍ୟାଧି ହୋଇଥିଲେ ଚିକିତ୍ସା ନିମନ୍ତେ ଏହି ପାଣ୍ଠି କଥା ଭାବିଥାଆନ୍ତି। ହେଲେ ଦୈନନ୍ଦିନ ଖର୍ଚ୍ଚ ମେଣ୍ଟାଇବା ପାଇଁ ଅର୍ଥର ଆବଶ୍ୟକତା ପଡ଼ିବାରୁ ଶେଷ ଭରସାଟିକୁ ଆବୋରି ନେଇଗଲେଣି। କୋଭିଡ୍-୧୯ ସଂକ୍ରମଣ ବଢୁଥିବାରୁ ତତ୍‌ଜନିତ ଲକ୍‌ଡାଉନ୍ ଯୋଗୁ ଅନେକ କାର୍ଯ୍ୟାଳୟ ମନ୍ଥର ହୋଇ ଚାଲିବା କିମ୍ବା ବନ୍ଦ ହୋଇଯାଇଥିବାରୁ କର୍ମଚାରୀ ଜୀବିକା ହରାଇ ବେରୋଜଗାର ପାଲଟିଯାଉଛନ୍ତି। ପିଲାଛୁଆଙ୍କୁ ନେଇ ଚଳିବା ଯେତେବେଳେ କଷ୍ଟକର ହୋଇପଡୁଛି ସେତେବେଳେ ଅନନ୍ୟୋପାୟ ହୋଇ କର୍ମଚାରୀ ଇପିଏଫ୍ ଉଠାଣ କରୁଛନ୍ତି ବୋଲି ଗଣମାଧ୍ୟମରୁ ଜଣାପଡୁଛି। ଆଗକୁ ଆହୁରି ୧ କୋଟି ଲୋକ ଇପିଏଫ୍‌ଓରେ ଜମା ରଖିଥିବା ଅର୍ଥ ଉଠାଇବା ପାଇଁ ଆବେଦନ କରିଛନ୍ତି ବୋଲି ଖବର ମିଳୁଛି।

ଏଠାରେ ଭାରତୀୟ ବ୍ୟବସ୍ଥା ସମ୍ପର୍କରେ ଏକ ବିରାଟବଡ଼ ପ୍ରଶ୍ନ ଉଠୁଛି। ଅନେକ ଦେଶରେ ସୋସିଆଲ ସିକ୍ୟୁରିଟି ବା ସାମାଜିକ ନିରାପତ୍ତା ବ୍ୟବସ୍ଥା କଡ଼ାକଡ଼ି ଥିବାରୁ ତାହା ସେହି ଦେଶର ନାଗରିକଙ୍କୁ କଷ୍ଟ ସମୟରେ ବଞ୍ଚାଇଥାଏ। ଭାରତର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ ଭଳି ଆମେରିକା ଓ ଅନ୍ୟ ଦେଶରେ ସାମାଜିକ ନିରାପତ୍ତା ପ୍ରଶାସନ କାର୍ଯ୍ୟ କରିଥାଏ। ସେହି ପାଣ୍ଠି ଉପରେ ସମ୍ପୃକ୍ତ ଦେଶର କେନ୍ଦ୍ର ବା ସଂଘୀୟ ସରକାରଙ୍କ ନିୟନ୍ତ୍ରଣ ରହେ ନାହିଁ। କିନ୍ତୁ ସରକାର ତାହାକୁ ଏକପ୍ରକାର ପ୍ରୋତ୍ସାହନ ଦେଉଥିବା ହେତୁ ତାହା କର୍ମଚାରୀମାନଙ୍କ ଚାକିରି ଚାଲିଗଲେ, ଶାରୀରିକ ଭିନ୍ନକ୍ଷମ କିମ୍ବା ମୃତ୍ୟୁ ଘଟିଲେ ପରିବାରବର୍ଗଙ୍କୁ ସାହାଯ୍ୟ ମିଳିଥାଏ। ଭାରତର ଇପିଏଫ୍ ବ୍ୟବସ୍ଥାରେ ସମାନ ପ୍ରକାର ସୁବିଧା ଦିଆଯାଇଥିଲେ ମଧ୍ୟ କର୍ମଚାରୀମାନେ ସେମାନଙ୍କ ବିପଦ ସମୟରେ ସହଯୋଗ ପାଇ ନ ଥାନ୍ତି। ଏହା ବ୍ୟତୀତ ଅନେକ ମାଲିକ ଇପିଏଫ୍‌ଓ ଅର୍ଥକୁ ଉଚିତ୍ ଭାବେ ଜମା କରୁ ନ ଥିବା ହେତୁ ସେମାନଙ୍କ କର୍ମଚାରୀମାନେ ଅସୁବିଧାରେ ପଡ଼ିଥାନ୍ତି। କିନ୍ତୁ ଭାରତର ଏହି ପ୍ରବଳମାତ୍ରାରେ ପାଣ୍ଠି ଉଠାଇବା ପଛରେ ଆର୍ଥିକ ଦୁରବସ୍ଥା ବ୍ୟତୀତ ଅନ୍ୟ ଚିନ୍ତା ମଧ୍ୟ ରହିଛି। ଜମାକାରୀ କର୍ମଚାରୀମାନେ ସ୍ୱାଭାବିକ ଭାବେ ସନ୍ଦେହ କରିବସିଲେଣି ଯେ ଭବିଷ୍ୟନିଧି ପାଣ୍ଠିକୁ ହାତ ନ ମାରି ଅଧିକ ଦିନ ସରକାର ରହିପାରିବେ ନାହିଁ। ଏହି ଆଶଙ୍କାର ସତ୍ୟାସତ୍ୟ ଏବେ କହିବା କଷ୍ଟକର। ବିଶେଷକରି ଯେଉଁଭଳି ଭାବେ କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଉଦ୍ୟୋଗଗୁଡ଼ିକୁ ଘରୋଇକରଣ କରିବାରେ ତତ୍ପରତା ପ୍ରଦର୍ଶନ କରୁଛନ୍ତି, ସେଥିରୁ ମନେହେଉଛି ଗଚ୍ଛିତ ୧୧ ଲକ୍ଷ କୋଟି କେବେ ହେଲେ ଦୃଷ୍ଟିବାହାରକୁ ଯାଇ ନ ଥିବ। ସମ୍ଭବତଃ କର୍ମଚାରୀମାନେ ସରକାରଙ୍କ ଏହି ଗତିମତି ଦେଖି ଇପିଏଫ୍‌ଓ ଅର୍ଥକୁ ଉଠାଇବାରେ ଲାଗିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଜୁଲାଇ ୧୯୯୫

- ଶ୍ରୀଲଙ୍କାର ୱେଲିଓୟାଠାରେ ଥିବା ସୈନ୍ୟବାହିନୀର ଏକ ଘାଟି ଉପରେ ସୈନ୍ୟଙ୍କ ପ୍ରତିଆକ୍ରମଣରେ ୨୦୦ ଏଲ୍‌ଟିଟିଇ ଉଗ୍ରପନ୍ଥୀ ପ୍ରାଣ ହରାଇଛନ୍ତି।
- କୋଇଲା କ୍ଷେତ୍ରରେ ସହଯୋଗ ନେଇ ଭାରତ ଓ ରୁଷିଆ ମଧ୍ୟରେ ଏକ ପ୍ରୋଟୋକଲ ସ୍ୱାକ୍ଷରିତ ହୋଇଛି।
- ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ କଂଗ୍ରେସ ନେତା ଏଚ୍.ଟି. ରେଡ୍ଡୀ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | | | | | 7 | | | 6 | | | | D | 0 | |
| 5 | | | 4 | | | | | | | | | 9 | 3 | |
| | | 6 | | | 2 | C | 1 | | | A | | B | | |
| 2 | 4 | | | | | | | D | C | 3 | 0 | | | |
| 7 | 1 | | 3 | | 0 | | B | | 6 | | | C | | |
| | | C | | B | D | | | 2 | | | | | 8 | 9 |
| | | | | | | | | E | | 6 | C | 4 | | 2 |
| | | | | | | 1 | | C | 8 | | A | | 5 | E |
| | | | | | | A | | B | 5 | 4 | 2 | 6 | | |
| | | | A | E | | | 9 | | | | D | | | 3 |
| | 0 | | | 1 | C | | 2 | | | | B | | | |
| | | | B | | | | D | | 3 | | 8 | E | | |
| | D | | | | 9 | B | | 3 | | 5 | | 2 | | 1 |
| | | | | D | | | 8 | | | E | | | | 0 |
| | | | | 8 | 6 | | | A | 4 | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 3 | 0 | D | 4 | B | 1 | E | 9 | C | 5 | A | 8 | 6 | 7 |
| 4 | 5 | 7 | 8 | 9 | 6 | 3 | B | A | D | 0 | 2 | 1 | E | C |
| B | 6 | A | C | 0 | 1 | 2 | 7 | 4 | 3 | 8 | E | 9 | 5 | D |
| 1 | E | 8 | 2 | 7 | 5 | D | 6 | C | B | 4 | 9 | 3 | A | 0 |
| C | 9 | D | A | E | 3 | 0 | 8 | 5 | 1 | 7 | 6 | 4 | 2 | B |
| A | 2 | 5 | 6 | C | 7 | 4 | 0 | E | 8 | B | 1 | D | 3 | 9 |
| 8 | C | 9 | B | 1 | D | 7 | 5 | 3 | 6 | E | 0 | A | 4 | 2 |
| E | 0 | 4 | 3 | A | 9 | 6 | C | 1 | 5 | 2 | D | 7 | B | 8 |
| 3 | 1 | B | 0 | 5 | 2 | A | D | 8 | 7 | 9 | 4 | E | C | 6 |
| 7 | D | 6 | 4 | 8 | E | B | 9 | 2 | A | 3 | C | 5 | 0 | 1 |
| 9 | A | 2 | 7 | D | 0 | C | 4 | 6 | E | 1 | 3 | B | 8 | 5 |
| 5 | 8 | C | 9 | 3 | 4 | E | 2 | 7 | 0 | D | B | 6 | 1 | A |
| D | 7 | 3 | 1 | B | C | 8 | A | 0 | 4 | 6 | 5 | 2 | 9 | E |
| 0 | 4 | E | 5 | 6 | 8 | 9 | 1 | B | 2 | A | 7 | C | D | 3 |
| 6 | B | 1 | E | 2 | A | 5 | 3 | D | 9 | C | 8 | 0 | 7 | 4 |

ଗତକାଲିର ଉତ୍ତର

# କରୋନା ବେଳେ ଏମ୍‌ଜିଏନ୍‌ଆର୍‌ଇଜିଏର ଭୂମିକା



ବିଚିତ୍ର ବିଶ୍ୱାଳ

କରୋନା ମହାମାରୀ ଓ ତଜ୍ଜନିତ ସୁଦୀର୍ଘ ଲକ୍‌ଡାଉନ୍ ଯୋଗୁ ଦେଶରେ ବେକାରି ସମସ୍ୟା ଭୟଙ୍କର ଭାବେ ବଢ଼ିଯାଇଥିବା ବେଳେ ଅର୍ଥନୈତିକ ଅବସ୍ଥା ରସାତଳଗାମୀ ହୋଇଯାଇଛି। ଲକ୍ଷ ଲକ୍ଷ ଶ୍ରମିକ, ଛୋଟ ବେପାରୀ, ମୂଲମଜୁରି ଲାଗି ଚଳୁଥିବା ଲୋକମାନଙ୍କ ହାତରେ କାମ ନାହିଁ। ଦେଶର ଏକ ସିଂହଭାଗ ଲୋକଙ୍କର କ୍ରୟଶକ୍ତି ଅତ୍ୟନ୍ତ ତଳକୁ ଚାଲିଯାଇଛି। ପରିଣାମସ୍ୱରୂପ ଦେଶର ଅର୍ଥନୀତି ଅତ୍ୟନ୍ତ ମାନ୍ଦା ଅବସ୍ଥାରେ। ଏପରି ପରିସ୍ଥିତିରେ ସରକାର ଓ ସାଧାରଣ ଲୋକମାନେ ତ୍ରାଣକର୍ତ୍ତା ଭାବେ ଯାହା ଉପରେ ମୁଖ୍ୟତଃ ନିର୍ଭର କରୁଛନ୍ତି, ତାହା ହେଉଛି 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍' ଅର୍ଥାତ୍ ଏମ୍‌ଜିଏନ୍‌ଆର୍‌ଇଜିଏ। ପ୍ରବାସରୁ ଫେରିଥିବା ତଥା କାମଦାମ ହରେଇ ବେକାର ହୋଇଯାଇଥିବା ଲୋକମାନଙ୍କୁ କାମ ଯୋଗେଇ ଗ୍ରାମୀଣ ଅର୍ଥନୀତିକୁ ସଚଳ କରିବା ପାଇଁ ସରକାର ବର୍ତ୍ତମାନ ମୁଖ୍ୟତଃ ଏମ୍‌ଜିଏନ୍‌ଆର୍‌ଇଜିଏ ଉପରେ ନିର୍ଭର କରୁଛନ୍ତି। ଏହା ସରକାରଙ୍କ ଭିନ୍ନ ଭିନ୍ନ ଘୋଷଣାରୁ ଜଣାପଡୁଛି। ପ୍ରଧାନମନ୍ତ୍ରୀ ମୋଦି କରୋନା ପାଇଁ ଯେଉଁ ୨୦ ଲକ୍ଷ କୋଟିର ପ୍ୟାକେଜ୍ ଘୋଷଣା କରିଛନ୍ତି ସେଥିରେ ଏମ୍‌ଜିଏନ୍‌ଆର୍‌ଇଜିଏ ପାଇଁ ୧.୦୧ ଲକ୍ଷ କୋଟି ଟଙ୍କା ରଖିଛନ୍ତି।

ଆମେ ସାଧାରଣତଃ ଦେଖିଛୁ ଯେ, ସରକାର ଜନ ଆନ୍ଦୋଳନ ବା ନାଗରିକ ସମାଜ ଆନ୍ଦୋଳନକୁ ଆଦୌ ଭଲ ଦୃଷ୍ଟିରେ ଦେଖନ୍ତି ନାହିଁ। ଆନ୍ଦୋଳନକୁ ପ୍ରାଣପଣେ ଦମନ କରିବା ବା ପଥଭ୍ରଷ୍ଟ କରିବା ସରକାରଙ୍କ ମୁଖ୍ୟ ଏଜେଣ୍ଡା ହୋଇଥାଏ। କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଯେ, ନାଗରିକ ସମାଜ ଆନ୍ଦୋଳନର ଏକ 'ଉତ୍ପାଦ' ଉପରେ ଏହି କରୋନା ବିପତ୍ତି ସମୟରେ ସରକାର ସମ୍ପୂର୍ଣ୍ଣରୂପେ ଆସ୍ଥା ପ୍ରକଟ କରିଛନ୍ତି। ନାଗରିକ ସମାଜ ଆନ୍ଦୋଳନର ସେହି ଉତ୍ପାଦ ହିଁ ସାରା ଦେଶକୁ ଏହି ବେକାରି ଓ ଅର୍ଥନୈତିକ ମାନ୍ଦାବସ୍ଥାର ସଂକଟରୁ ଅନେକାଂଶରେ ଉଦ୍ଧାର କରିପାରିବ ବୋଲି ଅର୍ଥନୀତିଜ୍ଞ ଓ ରାଜନୀତିଜ୍ଞମାନେ ମତ ଦେଉଛନ୍ତି। ସେହି ନାଗରିକ ସମାଜର ଆନ୍ଦୋଳନର ଉତ୍ପାଦଟି ହେଉଛି ଏମ୍‌ଜିଏନ୍‌ଆର୍‌ଇଜିଏ। ଏଠାରେ ସୂଚନାଯୋଗ୍ୟ ଯେ, ୨୦୦୫ରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଦ୍ୱାରା ଏମ୍‌ଜିଏନ୍‌ଆର୍‌ଇଜିଏ ପ୍ରଣୟନ ହୋଇଥିଲା। ସେତେବେଳେ ଏହି ଆଇନ୍‌କୁ ଏକ ଐତିହାସିକ କ୍ରାନ୍ତିକାରୀ ଆଇନ୍ କୁହାଯାଉଥିଲା। କାରଣ ପ୍ରଥମ ଥର ପାଇଁ ଏହି ଆଇନ୍ ମାଧ୍ୟମରେ ଦେଶର ଗରିବ ଲୋକଙ୍କ ପାଇଁ ୧୦୦ ଦିନର କର୍ମନିଯୁକ୍ତି ନିଶ୍ଚିତ କରାଯାଇଥିଲା। ଲୋକମାନେ କାମ ମାଗିଲା ମାତ୍ରେ କାମ ପାଇବେ ବୋଲି ଏହି ଆଇନ୍‌ରେ କୁହାଗଲା। ଲୋକଙ୍କୁ କାମ ଯୋଗାଇବା ସରକାରୀ ବାବୁଙ୍କ ଇଚ୍ଛା ମତେ ନ ହୋଇ ଲୋକଙ୍କ ଇଚ୍ଛାରେ ହେବ ବୋଲି ଏହି ଆଇନ୍‌ରେ ସ୍ପଷ୍ଟ କୁହାଯାଇଥିଲା, ଯାହା କି ଆମ ଦେଶରେ ଏକ ଐତିହାସିକ ପରିବର୍ତ୍ତନର ସଂକେତ ଦେଇଥିଲା। ଏହି ଐତିହାସିକ ଆଇନ୍‌ଟି କେବଳ ସରକାରଙ୍କ ଯୋଜନା ଅନୁଯାୟୀ ବା ଇଚ୍ଛାରେ ଆସି ନ ଥିଲା। ଲୋକମାନଙ୍କ ପାଇଁ ନିଶ୍ଚିତ କର୍ମନିଯୁକ୍ତିକୁ ନେଇ ନାଗରିକ ସମାଜ ତରଫରୁ ଦୀର୍ଘଦିନର ଆନ୍ଦୋଳନ ପରେ ସରକାର ଏହି ଆଇନ୍ ଆଣିବାକୁ ବାଧ୍ୟ ହୋଇଥିଲେ। ସମସ୍ତଙ୍କ ହାତକୁ କାମ ଯୋଗାଇଦେବା ସରକାରଙ୍କ ଦାୟିତ୍ୱ ବୋଲି ଏହି ଆନ୍ଦୋଳନ ତରଫରୁ ବାରମ୍ବାର ଦାବି କରାଯାଇ ଆସୁଥିଲା। ଅନେକ ବିକ୍ଷୋଭ, ସଭାସମିତି, କାର୍ଯ୍ୟକର୍ତ୍ତାଙ୍କୁ ଜେଲ୍ ଆଦି ପରେ ତତ୍କାଳୀନ ସରକାର ନାଗରିକ ସମାଜର ଦାବି ଶୁଣିବାକୁ ବାଧ୍ୟ ହୋଇଥିଲେ ଓ ଲୋକସଭାରେ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ପାସ୍ ହୋଇଥିଲା। ଏହି ଆଇନ୍‌କୁ ଲେଖିବାରେ ନାଗରିକ ସମାଜର ଅନେକ ସଭ୍ୟଙ୍କର ମଧ୍ୟ ଭୂମିକା ଥିଲା। ସିଧା ଭାଷାରେ କହିଲେ ଏମ୍‌ଜିଏନ୍‌ଆର୍‌ଇଜିଏ ଏକ ସୁଦୀର୍ଘ ନାଗରିକ ସମାଜ ଆନ୍ଦୋଳନର ସୁପରିଣାମ ଥିଲା। ଆଇନ୍ ପ୍ରଣୟନ ପରେ ଏଥିରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ଆଣି ଏହାକୁ ଆହୁରି ମଧ୍ୟ ଲୋକାଭିମୁଖୀ କରାଯାଇଛି। ଆଜି ଦେଶର ଏହି ଘଡ଼ିସନ୍ଧି ସମୟରେ ଏମ୍‌ଜିଏନ୍‌ଆର୍‌ଇଜିଏ ସବୁଠାରୁ ଉପଯୋଗୀ ଆଇନ୍ ଭାବେ ଉଭା ହୋଇଛି। ପ୍ରବାସରୁ ଫେରିଥିବା ଶ୍ରମିକମାନଙ୍କ ହାତକୁ କାମ ଯୋଗେଇ ଦେବା ପାଇଁ ଆମ ରାଜ୍ୟ ଓଡ଼ିଶାରେ ଏମ୍‌ଜିଏନ୍‌ଆର୍‌ଇଜିଏରେ ୬୬୪୦ କୋଟି ଟଙ୍କା ଖର୍ଚ୍ଚ କରି ୨୦ କୋଟି ଶ୍ରମ ଦିବସ ସୃଷ୍ଟି କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। କରୋନାର ଏହି ବିପଦ ସମୟରେ ସଂପ୍ରତି ସମସ୍ତଙ୍କ ମୁହଁରେ ଏମ୍‌ଜିଏନ୍‌ଆର୍‌ଇଜିଏର କଥା ହିଁ ଶୁଣାଯାଉଛି। ଏଥିରୁ ଗୋଟିଏ କଥା ବୁଝାପଡୁଛି ଯେ, ଜନଆନ୍ଦୋଳନ ବା ନାଗରିକ ସମାଜ ଆନ୍ଦୋଳନକୁ ସରକାରମାନେ ଆଦୌ ଅଣଦେଖା କରିବା ଉଚିତ ନୁହେଁ। ଆନ୍ଦୋଳନ ସବୁବେଳେ ଦୀର୍ଘକାଳୀନ ଭିତ୍ତିରେ ଲୋକଙ୍କ ହିତରେ ହିଁ ଥାଏ। ଆନ୍ଦୋଳନକୁ ସକାରାତ୍ମକ ଭାବେ ଅନୁଧ୍ୟାନ କରି କାମରେ ଲଗେଇବା ଗଣତନ୍ତ୍ର ରାଷ୍ଟ୍ରର ଶାସକଙ୍କ ଦାୟିତ୍ୱ ହେବା ଉଚିତ। 'କାମର ଅଧିକାର' ଆନ୍ଦୋଳନକୁ ସେଦିନ ଯଦି ସରକାର ଅଣଦେଖା କରିଥାନ୍ତେ ଓ ଏମ୍‌ଜିଏନ୍‌ଆର୍‌ଇଜିଏ ପରି ଏକ ଆଇନ୍ ଆମ ଦେଶରେ ନ ଥାନ୍ତା, ତେବେ ବର୍ତ୍ତମାନ ଏତେ ଲୋକଙ୍କୁ କାମ ଯୋଗେଇବା ପାଇଁ ସରକାର କ'ଣ କରିଥାନ୍ତେ!

ଦୁର୍ଭାଗ୍ୟର ବିଷୟ ଯେ, କିଛି ବର୍ଷ ହେବ କେନ୍ଦ୍ର ସରକାର ଏମ୍‌ଜିଏନ୍‌ଆର୍‌ଇଜିଏକୁ ଦୁର୍ବଳ କରିବାରେ ଲାଗି ପଡିଥିଲେ ଓ ଏଥିପାଇଁ ବଜେଟ୍‌ରେ କମ୍ ଅର୍ଥ ବ୍ୟବସ୍ଥା କରିବା ଲକ୍ଷ୍ୟ କରାଯାଉଥିଲା। କିନ୍ତୁ ଆଜି ସରକାର ନିଶ୍ଚିତ ଭାବେ ଏମ୍‌ଜିଏନ୍‌ଆର୍‌ଇଜିଏର ମହତ୍ତ୍ୱକୁ ବୁଝୁଥିବେ ଓ ଏହା ଦେଶର କୋଟି କୋଟି ସାଧାରଣ ଲୋକଙ୍କୁ କର୍ମନିଯୁକ୍ତି ଯୋଗେଇବା ପାଇଁ କେତେ ଉପଯୋଗୀ ଅନୁଭବ କରୁଥିବେ।

ବର୍ତ୍ତମାନର ଏହି ଅର୍ଥନୈତିକ ମାନ୍ଦାବସ୍ଥା ଓ ବେକାରି ପରିସ୍ଥିତିରେ ଯଦି ଠିକ୍‌ଭାବେ ଏମ୍‌ଜିଏନ୍‌ଆର୍‌ଇଜିଏକୁ ତୃଣମୂଳ ସ୍ତରରେ ପ୍ରୟୋଗ କରାଯିବ, ତେବେ ନିଶ୍ଚିତ ଭାବେ ଲୋକମାନେ କାମ ପାଇବେ ଓ ଉପଯୁକ୍ତ ରୋଜଗାର ପାଇବେ। ଲୋକମାନେ ରୋଜଗାର ପାଇବା ଅର୍ଥ କ୍ଷୁଧା ଓ ଦାରିଦ୍ର୍ୟ ହଟିବ ଓ ସେମାନଙ୍କର କ୍ରୟଶକ୍ତି ବୃଦ୍ଧି ପାଇବ। ଲୋକମାନଙ୍କର କ୍ରୟ ଶକ୍ତି ବୃଦ୍ଧି ପାଇଲେ ଦୁର୍ବଳ ହୋଇପଡ଼ିଥିବା ଅର୍ଥନୀତିରେ ଜୀବନ ଫେରିବ। ତେଣୁ ତୃଣମୂଳ ସ୍ତରରେ ଏହି ଆଇନ୍ କିପରି ଗୁରୁତ୍ୱର ସହିତ ଓ ସଚ୍ଚୋଟତାର ସହିତ ପ୍ରଣୟନ ହୋଇପାରିବ, ତାହା ସଂପ୍ରତି ସରକାରଙ୍କୁ ନିଶ୍ଚିତ କରିବାକୁ ପଡ଼ିବ। ପ୍ରବାସରୁ ଫେରିଥିବା ଅନେକ ଶ୍ରମିକଙ୍କୁ ଠିକ୍ ଭାବେ କାମ ଯୋଗେଇ ଦେବା ପାଇଁ ସରକାରଙ୍କୁ ବ୍ୟବସ୍ଥା କରିବାକୁ ପଡ଼ିବ। ଅନେକ ପ୍ରବାସୀ ଶ୍ରମିକଙ୍କ ପାଖରେ ଜବ୍ କାର୍ଡ ନାହିଁ। ସେମାନଙ୍କୁ ଯଥାଶୀଘ୍ର ଜବ୍ କାର୍ଡ ଯୋଗେଇ ଦେବା ପାଇଁ ସରକାର ବ୍ୟବସ୍ଥା କରିବା ଉଚିତ। ଏତଦ୍‌ବ୍ୟତୀତ ଗାଁଠାରୁ ନିର୍ଦ୍ଦିଷ୍ଟ ଦୂରତା ମଧ୍ୟରେ କାମ ଯୋଗେଇ ଦେବା, କାର୍ଯ୍ୟ ସ୍ଥଳୀରେ ଆବଶ୍ୟକୀୟ ସୁବିଧା ପ୍ରଦାନ କରିବା, ବ୍ୟକ୍ତିଗତ ସମ୍ବଳ ସୃଷ୍ଟି କରିବା ପାଇଁ କାମ ଯୋଗେଇ ଦେବା, ଜମିର ଉନ୍ନତୀକରଣ କରିବା, ଗୃହପାଳିତ ପଶୁଙ୍କ ପାଇଁ ଗୁହାଳ ତିଆରି କରିବା, ଜଳ ସଂରକ୍ଷଣ ପାଇଁ ବିଭିନ୍ନ ପ୍ରକାର ଛୋଟ ଛୋଟ ପ୍ରକଳ୍ପ ଆଦି କରିବା ଲାଗି ସରକାର ଏମ୍.ଜି.ଏନ.ଆର.ଇ.ଜି.ଏ. ମାଧ୍ୟମରେ ଲୋକମାନଙ୍କୁ କାମ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିପାରିଲେ ଲୋକମାନଙ୍କୁ କାମ ମିଳିବା ସହିତ ଆହୁରି ଅନେକ ବିକାଶମୂଳକ କାମ ବି ହୋଇପାରିବ, ଯାହା ଲୋକମାନଙ୍କୁ ଆହୁରି ଅଧିକ ରୋଜଗାର ଯୋଗେଇ ଦେବ। ଗତ ମେ ମାସରେ ଅନେକ ସ୍ଥାନରେ ଲକ୍‌ଡାଉନ୍ ଥିବା ସତ୍ତ୍ୱେ ବି ସମଗ୍ର ଦେଶରେ ୨.୧୯ କୋଟି ଲୋକ ଏମ୍.ଜି.ଏନ.ଆର.ଇ.ଜି.ଏ. ଅଧୀନରେ କାମ ମାଗିଛନ୍ତି। ଏହା ଗତ ଆଠ ବର୍ଷ ମଧ୍ୟରେ ସର୍ବାଧିକ। ଏଥିରୁ ଏମ୍.ଜି.ଏନ.ଆର.ଇ.ଜି.ଏ.ର ଗୁରୁତ୍ୱ ବୁଝି ହେଉଛି। ସାଧାରଣ ସମୟରେ ଏମ୍.ଜି.ଏନ.ଆର.ଇ.ଜି.ଏ.ର ଯେତିକି ଗୁରୁତ୍ୱ ଥିଲା ବର୍ତ୍ତମାନ କରୋନାର ବିପତ୍ତି ସମୟରେ ଏହି ଆଇନର ଗୁରୁତ୍ୱ ଆହୁରି ବଢ଼ିଯାଇଛି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

# କର୍ଣ୍ଣ, ଏକଲବ୍ୟ ଓ ଅନ୍‌ଲାଇନ୍ ଶିକ୍ଷା



ଡ. ବାସନ୍ତୀ ମହାନ୍ତି

କୁରୁ ରାଜକୁମାରମାନଙ୍କୁ ଶିକ୍ଷା ଦେବା ପାଇଁ ଭୀଷ୍ମ ଦ୍ରୋଣାଚାର୍ଯ୍ୟଙ୍କୁ ନିଯୁକ୍ତି ଦେଇଥିଲେ। ଦ୍ରୋଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନଙ୍କ ଶିକ୍ଷାଦାନ ପ୍ରକ୍ରିୟା ଚାଲିଥିଲା। ସୁତପୁତ୍ର କର୍ଣ୍ଣ ଓ ଆଦିବାସୀ ବାଳକ ଏକଲବ୍ୟଙ୍କୁ ଏହି ଶିକ୍ଷା ବ୍ୟବସ୍ଥାର ବାହାରେ ରଖାଯାଇଥିଲା। ଦୁହେଁ ଥିଲେ ଅସାଧାରଣ ଜ୍ଞାନପିପାସୁ। ନିଜ ନିଜ ଉପାୟରେ ସେମାନେ ଶିକ୍ଷା ଅର୍ଜନରେ ସମର୍ଥ ହେଲେ। କିନ୍ତୁ ତତ୍କାଳୀନ ସାମାଜିକ ବ୍ୟବସ୍ଥା ଏତେ ଜଟିଳ ଥିଲା ଯେ ଦୁହିଁଙ୍କର ବିଦ୍ୟା କୌଣସି କାମରେ ଲାଗି ପାରିଲାନାହିଁ। କର୍ଣ୍ଣଙ୍କର ବିଦ୍ୟା ଅସଲ ସମୟରେ ବିସ୍ମୃତ ହୋଇଗଲା ବେଳକୁ ବିଚରା ଆରଣ୍ୟକ ପିଲାଟିର ବିଦ୍ୟାକୁ ଅକାମୀ କରି ଦିଆଗଲା। ତା' ଡାହାଣ ହାତ ବୁଢ଼ା ଆଙ୍ଗୁଠିକୁ କାଟି ନିଆଗଲା। ଜଣେ ରାଜ୍ୟ ବାହାରକୁ ଯାଇ ଶିକ୍ଷା କରି ଆସିଥିଲା, ଆଉ ଜଣେ ଶିକ୍ଷା କରିଥିଲା ଆଜିକାଲିକା ପରିଭାଷାରେ ଦୂର ପାଠ୍ୟକ୍ରମ ମାଧ୍ୟମରେ। ସେଇ ରାଜକୁମାରମାନଙ୍କ ଭିତରେ କିଏ ଧନୁର୍ବିଦ୍ୟାରେ ପାରଙ୍ଗମ ତ ଆଉକିଏ ଗଦାବିଦ୍ୟାରେ। ଆଉ କିଏ ରଥଚାଳନା ତ ଆଉ କିଏ ବର୍ଛା ଚାଳନା, ଖଣ୍ଡା ଚାଳନା ଆଦିରେ ଶ୍ରେଷ୍ଠ ବୋଲି ବିବେଚିତ ହେଲେ। ଏସବୁ ପୁରୁଣା କଥା ହୋଇପାରେ କିନ୍ତୁ ହିଷ୍ଟ୍ରି ରିପିଟସ୍ ଇଟ୍‌ସେଲ୍ଫ ନ୍ୟାୟରେ ଏବେ ପୁଣି ସେଇଭଳି ପରିସ୍ଥିତିର ଆମେ ସମ୍ମୁଖୀନ ହେଉଛୁ।

ଏବେ କରୋନାକ୍ରାନ୍ତ ସମାଜରେ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି, ରାଜନୀତି, ସାମାଜିକ ସମ୍ପର୍କ ଆଦି କ୍ଷେତ୍ରରେ ଉପୁଜିଥିବା ସଂକଟକୁ ସୁଧାରିବା ପାଇଁ ସରକାର ଯତ୍‌ପରୋନାସ୍ତି ଚେଷ୍ଟା ଜାରି ରଖିଛନ୍ତି। ଏହା ଭିତରେ ଆସିଛି ଲକ୍‌ଡାଉନ୍‌ର ଆଉ ଏକ ପର୍ଯ୍ୟାୟ। ତେବେ ସବୁଠାରୁ ବେଶି କରୋନାକବଳିତ ହୋଇଛି ପ୍ରାଥମିକ ଶିକ୍ଷା। ମାର୍ଚ୍ଚମାସ ଶେଷ ସପ୍ତାହ, ବର୍ଷସାରା ପରିଶ୍ରମ କରିଥିବା ଛାତ୍ରୀଛାତ୍ର କୃତିତ୍ୱ ପ୍ରଦର୍ଶନ କରିଥାନ୍ତେ। ପରୀକ୍ଷା ଥିଲା ସେମାନଙ୍କ ପାଇଁ ପ୍ଲାଟଫର୍ମ। ସେମାନଙ୍କର ଆତ୍ମବିଶ୍ୱାସ ବଢ଼ିଥା'ନ୍ତା। ନିଜର ଯୋଗ୍ୟତା ଅନୁସାରେ ଚାକିରି ପାଇଥାଆନ୍ତେ ଅଥବା ଉଚ୍ଚଶିକ୍ଷା ଲାଭ କରିଥାନ୍ତେ। ଅଧା ପରୀକ୍ଷା ପରେ ଯାହା ତାହା ଉପାୟରେ ସେମାନଙ୍କୁ ଉପର କ୍ଲାସକୁ ଉଠାଇ ନିଆଗଲା। ଧୁଆ ମୂଳା ଅଧୁଆ ମୂଳା ସମାନ ହୋଇଗଲେ। ସେତେବେଳେ ଆଉ ବିକଳ୍ପ କିଛି ନ ଥିଲା। କିନ୍ତୁ ଏବେ ଆରମ୍ଭ ହୋଇଛି ଅସଲ ସମସ୍ୟା। ବର୍ତ୍ତମାନର ପରିସ୍ଥିତି ସମ୍ପୂର୍ଣ୍ଣ ଅନିଶ୍ଚିତ। କେତେକାଳ ଏ ସଂକଟ ଦେଇ ଆମେ ଗତିକରିବୁ ତା'ର କୌଣସି ଇୟତ୍ତା ନାହିଁ। ସଂକଟକୁ ଭୟକରି ଗୋଟାଏ ବିନ୍ଦୁରେ ଅଟକି ଗଲେ ହେବନାହିଁ। ଆଗକୁ ବଢ଼ିବାକୁ ପଡିବ। ସ୍ଥାଣୁ ପାଲଟି ଯାଉଥିବା ଶିକ୍ଷା ବିଭାଗକୁ ସଜଡାଯାଉଛି ନିଃସ୍ୱ ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ। ବିଶ୍ୱବିଦ୍ୟାଳୟମାନ ତ ସଜଡ଼ା ହୋଇଯିବ। ବେଶି କିଛି ଫରକ ପଡିବନି। କିନ୍ତୁ ଏଇ କର୍ଣ୍ଣ, ଏକଲବ୍ୟମାନଙ୍କର ନିଃସ୍ୱ ବିଦ୍ୟାଳୟ ପାଇଁ ଦାରୁଣ ସଙ୍କଟ ହୋଇଛି ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥା।

ଆମ ଦେଶରେ ଉଚ୍ଚବିତ୍ତ, ମଧ୍ୟବିତ୍ତ ନିମ୍ନବିତ୍ତ ପରେ ଏହି ଶୂନ୍ୟବିତ୍ତଙ୍କ କଥା କେହି ଚିନ୍ତା ହିଁ କରନ୍ତି ନାହିଁ। ଏମାନଙ୍କ ପାଖରେ ଘରଦ୍ୱାର, ଜାଗାବାଡ଼ି ଆଦି କିଛି ପ୍ରମାଣପତ୍ର ନ ଥିବାରୁ ସରକାରୀ ସାହାଯ୍ୟମାନ ସେମାନଙ୍କ ପାଖରେ ପହଞ୍ଚେ ନାହିଁ। ଲକ୍‌ଡାଉନ୍ ସମୟର ଲକ୍ଷଲକ୍ଷ ଲୋକ ପୋକମାଛି ପରି ଯେମିତି ରାସ୍ତାଘାଟରେ ଉହଳ ବିକଳ ହେଉଥିଲେ ଆମେ କେମିତି କଳ୍ପନା କରିବା ଯେ, ସେମାନଙ୍କ ପାଖରେ ତାଙ୍କ ପିଲାମାନଙ୍କୁ ଅନ୍‌ଲାଇନ୍ ଶିକ୍ଷା ଦେବାପାଇଁ ସାମର୍ଥ୍ୟ ଅଛି? ମିଳିତ ଜାତିସଂଘର ଶିକ୍ଷାକମିଶନ୍ ମଧ୍ୟ ଭାରତରେ ଅନ୍‌ଲାଇନ୍ ଶିକ୍ଷା ଏକ ଭ୍ରାନ୍ତଧାରଣା ବୋଲି କହିଛନ୍ତି, ଭାରତକୁ ଗ୍ଲୋବାଲ୍ ନଲେଜ ସୁପର ପାୱାର, ଭାଇବ୍ରେଟେଡ୍ ନଲେଜ ସେକ୍ଟର ଆଦି କରିବାର ଯେଉଁ ସ୍ୱପ୍ନ ଓ ପ୍ରତିଶ୍ରୁତି ପ୍ରଧାନମନ୍ତ୍ରୀ କରୋନାକ୍ରାନ୍ତ ସମୟରେ ଆମକୁ ସାନ୍ତ୍ୱନା ଦେବାପାଇଁ କହିଥିଲେ ତାହାର ବାସ୍ତବତା ଖୁବ୍‌ଶୀଘ୍ର ଜଣାପଡ଼ିଯିବ।

ଆମ ଦେଶର ୭୩ପ୍ରତିଶତ ସମ୍ପତ୍ତିଭୋଗ କରୁଥିବା ଏକ ପ୍ରତିଶତ ଯୁବରାଜମାନଙ୍କ ପାଇଁ ଅନ୍‌ଲାଇନ୍ ଶିକ୍ଷାରେ କିଛି ଫରକ୍ ପଡିବ ନାହିଁ। କରୋନାକାଳୀନ ସାମାଜିକ ଦୁର୍ବିପାକ ପ୍ରକୃତରେ ସେମାନଙ୍କୁ କିଛି ଆକ୍ରାନ୍ତ କରିନାହିଁ। ସେମାନେ ଉଚ୍ଚବର୍ଗର। ସେମାନଙ୍କର ସବୁ କିଛି ଉଚ୍ଚତମ। ସେମାନଙ୍କ ସ୍କୁଲ ଭଲ। ଶିକ୍ଷକ ଭଲ। ଟିଉଶନଶିକ୍ଷକ ଭଲ। ପିତାମାତା ଅଧିକ ସଚେତନ। ଘରେ ସବୁକିଛି ସାଧନ ସେମାନେ ଉପଭୋଗ କରନ୍ତି। ୱାନ୍ ନେଶନ୍ ୱାନ୍ ଅନ୍‌ଲାଇନ୍ ଏଜୁକେଶନ ହେଲେ ବି ତ ସେମାନେ ରାଜକୁମାରଙ୍କ ପରି ସ୍ୱତନ୍ତ୍ର ଶିକ୍ଷାଦାନ ପାଇଥା'ନ୍ତି। ସବୁ ସାହେବମାନଙ୍କ ଆଦବ କାଇଦାରେ ସେମାନେ ବଢ଼ନ୍ତି। ପାଠପଢ଼ା ପରେ ସେମାନଙ୍କ ନିଶ୍ଚିତ ନିଯୁକ୍ତି ହୋଇଯାଏ। ସେମାନେ ସେହି ଉଚ୍ଚବର୍ଗ ହୋଇ ରହିଯାଆନ୍ତି। ସେମାନଙ୍କ ପାଦରେ ମାଟି ଲାଗେ ନାହିଁ।

କିନ୍ତୁ କର୍ଣ୍ଣ-ଏକଲବ୍ୟମାନଙ୍କୁ ଚିରଦିନ ସବୁ ସୁବିଧାରୁ ବଞ୍ଚିତ କରାଯାଇଥାଏ। ଏମାନେ ସର୍ବଦା ଭୋକଶୋଷରେ ଜୁଳୁବୁଳୁ। ସମସ୍ତଙ୍କ ଘରେ ବିଜୁଳିବତି ନ ଥାଏ। ଯେଉଁଠି ବିଜୁଳି ସଂଯୋଗ କରାଯାଇଛି, ସେଠି ସବୁବେଳେ ଆସେନାହିଁ ବିଦ୍ୟୁତ୍। ଅନେକଙ୍କ ଘରେ ପଢ଼ା ଟେବୁଲ୍ ନାହିଁ। ପିଲାମାନଙ୍କ ପାଇଁ ଅଲଗା ପଢ଼ା ରୁମ୍ ନାହିଁ। କମ୍ପ୍ୟୁଟର ସଂଯୋଗ, ଲାପ୍‌ଟପ୍, ସ୍ମାର୍ଟଫୋନ୍ ଏସବୁ ସେମାନଙ୍କ ପାଇଁ ସ୍ୱପ୍ନ। ସେମାନଙ୍କ ମାଆବାପାମାନେ ପେଟପାଟଣା ପାଇଁ ଏତେ ବ୍ୟସ୍ତ ଯେ, ପିଲାମାନଙ୍କର ଏ ଦାୟିତ୍ୱ ତୁଲାଇବାକୁ ସମ୍ପୂର୍ଣ୍ଣ ଅକ୍ଷମ। କଲେଜରେ ସୁଦ୍ଧା ଅନ୍‌ଲାଇନ୍ ପାଇଁ ଦଶ ପ୍ରତିଶତ ପିଲାଙ୍କର ଉପସ୍ଥାନ ହେଉନାହିଁ। ଏସବୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଚିତ୍ର। ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ସ୍କୁଲରେ ପାଠପଢ଼େଇବା ସମୟରେ ଯେଉଁ ପିଲାମାନଙ୍କର ଉପସ୍ଥାନ ହୁଏ ନାହିଁ। ସେମାନଙ୍କୁ ସ୍କୁଲକୁ ଆଣିବା ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରିବାକୁ ହୁଏ। କେବେ ସେମାନେ ବଣଜଙ୍ଗଲକୁ ଯାଇଥା'ନ୍ତି ତ ଆଉ କେବେ ବାପାମାଆଙ୍କ ସାଙ୍ଗରେ କୌଳିକ ବୃତ୍ତିରେ। ସ୍କୁଲରେ ସିଧାସଳଖ ପିଲାମାନଙ୍କୁ ଶିକ୍ଷା ଦେବା ବେଳେ ଛାତ୍ର ଉପସ୍ଥାନ ଯେଉଁ ଦେଶରେ ଏହି ଅବସ୍ଥା। ସେଠାରେ ସେମାନଙ୍କୁ ଅନଲାଇନ୍‌ରେ କିପରି ଶିକ୍ଷା ଦିଆଯିବ?

ସମାଜରେ ଯେତେବେଳେ ସାମାଜିକ ବିପର୍ଯ୍ୟୟ ଆସେ, ସବୁଠାରୁ ଅଧିକ ଆକ୍ରାନ୍ତ ହୋଇଥାନ୍ତି ନିମ୍ନବର୍ଗର ଲୋକେ। ସେମାନଙ୍କ ପାଖରେ ଯତ୍‌କିଞ୍ଚିତ୍ ଥାଏ ସେସବୁ ଚାଲିଯାଏ ଧନୀ ଲୋକର ଭଣ୍ଡାରକୁ। ଦେଶରେ ଦୁର୍ଭିକ୍ଷ ପଡିଲେ ଗରିବ ଲୋକଙ୍କ ଘରୁ ସୁନାରୁପା, କଂସାପିତ୍ତଳ, ଜମିବାଡ଼ି, ଘରଡ଼ିହ ଖଣ୍ଡକ ବି ବନ୍ଧା ପଡିଯାଏ ମହାଜନ ଘରେ। ତା' ବଦଳରେ ମହାଜନ ଘର ପୁରୁଣା ପୋକଖିଆ ଗମରା ଧାନ, ଚାଉଳ, ବିରି, ମୁଗ, ମାଣ୍ଡିଆ ଯାହା କିଛି ଥାଏ ସେ ସବୁ ସଫା ହୋଇଯାଏ। ଏବେ ଯେଉଁ କରୋନାକାଳୀନ ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥା ନିମ୍ନ ଓ ନିମ୍ନମଧ୍ୟବିତ୍ତମାନଙ୍କୁ ଶୂନ୍ୟବିତ୍ତ କରିବ ନାହିଁ, ସେମାନଙ୍କ ମସ୍ତିଷ୍କକୁ ମଧ୍ୟ ଶୂନ୍ୟ କରିଦେବ। ଜାତୀୟ ଶିକ୍ଷାନୀତି ଅନୁସାରେ ଦଶମ ଶ୍ରେଣୀପର୍ଯ୍ୟନ୍ତ କୌଣସି ପିଲାଙ୍କୁ ଫେଲ୍ କରାଯାଇପାରିବ ନାହିଁ। ସେମାନେ କ୍ଲାସରୁ କ୍ଲାସ ଉଠି ଉଠି ଯିବେ କିନ୍ତୁ କର୍ଣ୍ଣ ଓ ଏକଲବ୍ୟଙ୍କ ପରି କୌଣସି କାର୍ଯ୍ୟ ପାଇଁ ଯୋଗ୍ୟ ହୋଇପାରିବେ ନାହିଁ।

ମୋ-୯୪୩୭୦୩୩୦୭୪

## ଏଇ ଭାରତରେ

ମଇଳା ପାଣି ନାଳୀ ପାଲଟିଯାଇଥିବା ପୁରାତନ ଘରାର୍ ନଦୀକୁ ଜୀବନ ଦେଇପାରିଛନ୍ତି ଉତ୍ତରପ୍ରଦେଶର ବିଲଖର ଗ୍ରାମବାସୀ। ଚେକ୍‌ଡ୍ୟାମ ଓ ଜବରଦଖଲ କାରଣରୁ ପାନା ପର୍ବତରୁ ବାହାରି ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶର ୪୦ଟି ଗାଁ ଦେଇ ପ୍ରବାହିତ ହେଉଥିବା ଏହି ନଦୀ ମଇଳା ନାଳୀରେ ପରିଣତ ହୋଇଯାଇଛି। ଏବେ ଏହି ନଦୀକୁ ବନ୍ଦା ଜିଲା ବିଲଖର ଗାଁର ଏକ ପଡା ଭାବରପୁରର କ୍ଷୁଦ୍ର ଓ ମଧ୍ୟମ ଚାଷୀମାନେ ସଫା କରି ପାଣି ଆଣି ଗାଁକୁ ଶସ୍ୟଶ୍ୟାମଳା କରିବା ସହ ରୋଜଗାର ପାଇବାକୁ ସକ୍ଷମ ହୋଇପାରିଛନ୍ତି। ଅନ୍ୟ ଗାଁର ଲୋକେ ବି ଏହାଦ୍ୱାରା ଉପକୃତ ହୋଇଛନ୍ତି। ମରୁଡି ଯୋଗୁ ଭାବରପୁର ଚାଷୀମାନେ ପ୍ରତିବର୍ଷ ଦାଦନ ଖଟିବାକୁ ଚାଲିଯାଆନ୍ତି। ଲକ୍‌ଡାଉନରେ ସେମାନେ ଗାଁକୁ ଫେରିଆସିବା ପରେ ଏମ୍‌ଜିଏନ୍‌ଆର୍‌ଇଜିଏରେ କାମ ନ ପାଇ ଗାଁ ପାଖଦେଇ ପ୍ରବାହିତ ଘରାର୍ ନଦୀକୁ ସଫା କରିବାରେ ଲାଗିଥିଲେ। ଉଭୟ ପୁରୁଷ ଓ ମହିଳା ମିଶି ପ୍ରାୟ ୬୦ ଜଣ ଗ୍ରାମବାସୀ ଜୁନ ୧୦ରେ ସ୍ୱେଚ୍ଛାକୃତ ଭାବେ ଶ୍ରମଦାନ କରିବା ଆରମ୍ଭ କରିଥିଲେ। ଜୁନ ୧୮ ସୁଦ୍ଧା ପ୍ରାୟ ୨କି.ମି. ସଫା କରିଦେଲେ। ଏହା ଦେଖି ଅନ୍ୟ ଗାଁର ଲୋକମାନେ ସ୍ୱେଚ୍ଛାକୃତ ଭାବେ ତାଙ୍କ ସହ ଯୋଗ ଦେଇଛନ୍ତି। ପରେ ପ୍ରଶାସନ ଏହାକୁ ଏମ୍‌ଜିଏନ୍‌ଆର୍‌ଇଜିଏ ଅଧୀନକୁ ନେଇ ଶ୍ରମଦାନୀମାନଙ୍କୁ ପାରିଶ୍ରମିକ ଦେବା ଆରମ୍ଭ କରିଛି। ଜୁନ୍ ଶେଷସୁଦ୍ଧା ଏମାନେ ୩ କି.ମି. ନଦୀ ସଫା କରିଦେଇଛନ୍ତି। ଗାଁର ଥିଲାବାଲା ଲୋକେ ଶ୍ରମଦାନୀମାନଙ୍କୁ ଚାଷ ପାଇଁ କିଛି କିଛି ଜମି ବି ଦେଇଛନ୍ତି। ନଦୀ ସଫେଇ କାର୍ଯ୍ୟ କରିବା ଲାଗି ଭାବରପୁର ଗ୍ରାମବାସୀ ତଥା ସ୍ୱେଚ୍ଛାସେବୀମାନେ କ୍ୟାମ୍ପ କରି ରହିଛନ୍ତି। ଆଖପାଖ ଗାଁର ଲୋକମାନେ ଏମାନଙ୍କ ପାଇଁ ରନ୍ଧା ଖାଦ୍ୟ ଯୋଗାଉଛନ୍ତି। ବଞ୍ଚିବା ଲାଗି ଯେଉଁ ଆଶଙ୍କା ଓ ଅନିଶ୍ଚିତତା ଲାଗି ରହୁଥିଲା ତାହାକୁ ସେମାନେ ନିଜସ୍ୱ ଉଦ୍ୟମରେ ଦୂର କରିପାରିଥିବାରୁ ଖୁସି ପ୍ରକଟ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### କରୋନା ସଚେତନତା ବଢ଼ାଯାଉ

ମହାଶୟ,

ଦିନକୁଦିନ ମହାମାରୀ କରୋନା ତା'ର କାୟା ବିସ୍ତାର କରି ଚାଲିଛି। ଏହାର ମୁକାବିଲା ପାଇଁ କରୋନା ଯୋଦ୍ଧା ନିଜ ଜୀବନକୁ ବାଜି ଲଗାଇ ଦିନରାତି ଏକ କରିଦେଇଛନ୍ତି। କବି ଲେଖକ ମଧ୍ୟ ଏଥିରୁ ବାଦ୍ ପଡିନାହାନ୍ତି। ଲକ୍‌ଡାଉନ ସମୟରେ ଅଧିକ ସମୟ ମିଳୁ ଥିବାରୁ କବିତା ମାଧ୍ୟମରେ ସଚେତନତାର ବାର୍ତ୍ତା ଦେଉଛନ୍ତି ଲେଖକମାନେ। ସାଧାରଣ ଜନତା କରୋନାରୁ ରକ୍ଷା ପାଇବା ପାଇଁ ମୁହଁରେ ମାସ୍କ ପିନ୍ଧିବା, ଜନଗହଳି ସ୍ଥାନଠାରୁ ଦୂରେଇ ରହିବା, ସାମୂହିକ କାର୍ଯ୍ୟରେ ଯୋଗ ନ ଦେବା, ଥଣ୍ଡା-କାଶ-ଛିଙ୍କ ହେଲେ ଡାକ୍ତରଙ୍କ ପରାମର୍ଶ ନେବା, ବାହାରେ ବୁଲାବୁଲି ନ କରି ଘରେ ରହିବା, ଅନ୍ୟର ଜିନିଷକୁ ବ୍ୟବହାର ନ କରିବା ଇତ୍ୟାଦି କବିତାରେ ଉପସ୍ଥାପନା କରୁଛନ୍ତି। କବି ଶିଶିର ପଣ୍ଡା କହିଛନ୍ତି, ବର୍ତ୍ତମାନ ସମୟରେ ଲେଖା ହିଁ ଜନ ସଚେତନତା ସୃଷ୍ଟି କରିପାରିବ। ବିଭିନ୍ନ ସମୟରେ କବିତା ମାଧ୍ୟମରେ ସମାଜକୁ ସଚେତନ ବାର୍ତ୍ତା ଦେବାକୁ ସାହିତ୍ୟିକ ପଣ କରିଥାଆନ୍ତି। କବି ସରୋଜ ବିଶ୍ୱାଳ କହିଛନ୍ତି, ଜଣେ କବି ଲେଖକ ସମାଜର ମଙ୍ଗଳ ପାଇଁ ଅବିରତ ଲେଖନୀ ଚାଳନା କରିଥାନ୍ତି। କବୟିତ୍ରୀ ସ୍ନେହଲତା ନାୟକ, ଅନୁରାଧା ମିଶ୍ର, ମିନାକ୍ଷୀ ପଣ୍ଡା ମଧ୍ୟ ତାଙ୍କର ମତ ରଖିଛନ୍ତି। ସେ କହିଛନ୍ତି କର୍ମମୟ ଜୀବନରେ ସମୟର ବହୁତ ଅଭାବ ହୁଏ। ଏବେ ଲକ୍‌ଡାଉନ ପାଇଁ ଅଧିକ ସମୟ ମିଳୁଥିବାରୁ ଆମେ ନିଜେ କିଛି ଲେଖିବା ସହିତ ଅନ୍ୟ ଲେଖକ ମାନଙ୍କର ଲେଖା ପଢି ନିଜସ୍ୱ ମନ୍ତବ୍ୟ ଦେଇପାରୁଛୁ। ଗଳ୍ପ କବିତା ବହି ମଧ୍ୟ ପଢ଼ି ପାରୁଛୁ। ଯାହା ପୂର୍ବରୁ ସମୟ ଅଭାବରୁ ପଢିବା ସମ୍ଭବ ହେଉ ନ ଥିଲା। କବି ଉମାକାନ୍ତ ଧଳ, ଜ୍ଞାନରଞ୍ଜନ ତ୍ରିପାଠୀ, ଉମାକାନ୍ତ ଦାସ, ମନୋଜ ନାୟକ, ପ୍ରଦୀପ୍ତ ଦାସ, ପୂର୍ଣ୍ଣ ଦାସ ଭଳି ଅନେକ କବି ସାହିତ୍ୟିକ ଲେଖା ମାଧ୍ୟମରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି।

ଧୀରେନ୍ଦ୍ର ମଲ୍ଲିକ୍, ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର

### ଚିରନ୍ତନୀ

ପ୍ରାନ୍ତର ପଥେ ଖେଳିଉଠୁ ଶ୍ୟାମ ଘାସ
ଅନ୍ତରେ ଫୁଟୁ କୋମଳ କମଳ-ହାସ
ନିର୍ମଳ କରି ଆଲୋକ ପବନ
ନିର୍ମଳ କରି ଧରଣୀ ଗଗନ
ଜୀବନର ଧାରା ଦିଅ ହେ ଖେଳାଇ
ବିଶ୍ୱେ ସକଳ ପଥେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ।
(ବର୍ଷା-ଅଶ୍ରୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ**

**ଖଜୁରିପଡ଼ା(ଡି.ଏନ୍.ଏ.)/ବଲସକୁମ୍ପା:** କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ବଲସକୁମ୍ପା ପଞ୍ଚାୟତରେ ଜଣେ ୫ ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜନୈକ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମନୋଜ ଦେହୁରୀ (୩୦)। ନାବାଳିକା ଜଣକ ଗତ ଗୁରୁବାର ଖେଳୁଥିବାବେଳେ ମନୋଜ ତାଙ୍କୁ ଚକୋଲେଟ ଦେଇ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ପରିବାର ଲୋକେ ଜାଣିବା ପରେ ମଧ୍ୟ ଥାନାରେ ଅଭିଯୋଗ କରି ନ ଥିଲେ। କେତେଜଣ ସାମାଜିକ କର୍ମୀ ତାଙ୍କ ବାପାଙ୍କୁ ଭେଟିଥିଲେ। ନାବାଳିକାଙ୍କ ବାପା ସୋମବାର ଥାନାରେ ଅଭିଯୋଗ କରିଥିଲେ। ନଂ.୬୮/୨୦ରେ ମାମଲା ରୁଜୁକରିଛି।

# ଖସିଯାଉଛନ୍ତି ଅନେକ ଯନ୍ତ୍ରୀ

- ଭିଜିଲାନ୍ସ ଜାଲରେ ରାଜ୍ୟର ୧୭୬ ସହକାରୀ ନିର୍ବାହୀ ଯନ୍ତ୍ରୀ, ଯାଜପୁର ଜିଲାର ମାତ୍ର ୨ ସମ୍ପୃକ୍ତ
- କୋହଳ କାର୍ଯ୍ୟାନୁଷ୍ଠାନ, ବଢୁଛି ଅନିୟମିତତା

**ଯାଜପୁର ଅଫିସ, ୨୮।୭**

ସାରା ରାଜ୍ୟରେ ୧୭୬ ଜଣ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ)ଙ୍କ ନାମରେ ଭିଜିଲାନ୍ସ ମାମଲା ରହିଛି। ଏହି କ୍ରମରେ ଓଡ଼ିଶା ନିର୍ମାଣ ସୌଧର ଇଞ୍ଜିନିୟର-ଇନ-ଚିଫ(ସିଭିଲ) ଅନିଲକାନ୍ତ ତ୍ରିପାଠୀ ସହକାରୀ ଯନ୍ତ୍ରୀମାନଙ୍କ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ମାଣ ବିଭାଗ, ଜାତୀୟ ରାଜପଥ ଏବଂ ଆର ଆଣ୍ଡ ବି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଭିଜିଲାନ୍ସ ମାମଲାରେ ଛନ୍ଦି ହୋଇଥିବା ଯନ୍ତ୍ରୀଙ୍କ ନାମ, କାର୍ଯ୍ୟସ୍ଥଳ, କାର୍ଯ୍ୟ ଆରମ୍ଭ ଓ ରିଲିଭ୍ ସମୟ ଆଦି ସୂଚନା ଦେବାକୁ କୁହାଯାଇଛି। ତେବେ ୧୭୬ଜଣ ଯନ୍ତ୍ରୀଙ୍କ ମଧ୍ୟରୁ ଯାଜପୁର ଜିଲାରେ ବର୍ତ୍ତମାନ କାର୍ଯ୍ୟରତ ମାତ୍ର ୨ ଜଣ ସହକାରୀ ନିର୍ବାହୀ ଯନ୍ତ୍ରୀ ରହିଛନ୍ତି। ଅର୍ଥାତ୍ ଜିଲାର ବିଭିନ୍ନ ରାସ୍ତାଘାଟ, ଗୃହ, ଜାତୀୟ ରାଜପଥ ଆଦି କର୍ଯ୍ୟ ଅତି ଉନ୍ନତମାନର ବୋଲି ଏହି ଭିଜିଲାନ୍ସ ରିପୋର୍ଟରୁ ସ୍ପଷ୍ଟ ଅନୁମେୟ। କିନ୍ତୁ ବାସ୍ତବରେ ଚିତ୍ର ଓଲଟା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଗ୍ରାମ୍ୟ ନିର୍ମାଣ ବିଭାଗ, ପୂର୍ତ୍ତ ବିଭାଗ, ଜାତୀୟ ରାଜପଥ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରକଳ୍ପ ଅତି ନିମ୍ନମାନର ହେଉଥିବା ବେଳେ କେତେକ ପ୍ରକଳ୍ପ ୧ବର୍ଷ ମଧ୍ୟରେ ନଷ୍ଟ ହେଉଥିବାର ନଜିର ରହିଛି।

୨୦୧୯ ପର୍ଯ୍ୟନ୍ତ ମିଳିଥିବା ୨ ବର୍ଷର ରିପୋର୍ଟ ଅନୁସାରେ, ରାଜ୍ୟରେ ୮୩୬ ଦୁର୍ନୀତିଖୋର ଅଫିସର ଦଣ୍ଡିତ ହୋଇଛନ୍ତି। ଏଥିରେ ୭୯ଜଣ ନିଲମ୍ବିତ ହୋଇଥିବା ବେଳେ ୨୨ ଜଣଙ୍କୁ କାର୍ଯ୍ୟରୁ ଅନ୍ତର, ୩୫ ଜଣଙ୍କ ନାମରେ ଡ୍ରାଫ୍ଟଚାର୍ଜ, ୨୬୮ ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍ ଓ ୪୩୨ ଜଣଙ୍କୁ ଜବାବ ମଗାଯାଇଛି। ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଏକ ବିଧାନସଭା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପ୍ରତାପ ଜେନା ଏଭଳି ଉତ୍ତର ରଖିଥିଲେ। ତେବେ ଯାଜପୁର ଜିଲାରେ ଯେଉଁ ପରିମାଣରେ ଦୁର୍ନୀତି ହେଉଛି ସେହି ତୁଳନାରେ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନଗଣ୍ୟ ବୋଲି ସେତେବେଳେ ମତପ୍ରକାଶ ପାଇଥିଲା। ବିଶେଷକରି ରାଶନକାର୍ଡ ବଣ୍ଟନରେ ଅନିୟମିତତା, ରାଜୀବ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ବହୁ ଅନିୟମିତତା ପ୍ରମାଣିତ ହୋଇଥିଲେ ହେଁ ସମ୍ପୃକ୍ତ ଅଧିକାରୀଙ୍କୁ ଘଣ୍ଟଘୋଡାଇ ସୁରକ୍ଷା ଯୋଗାଇ ଦିଆଯାଇଛି। ଅନ୍ୟପକ୍ଷେ ନିର୍ମାଣ କାର୍ଯ୍ୟରେ ମଧ୍ୟ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। କୋଟି କୋଟି ଟଙ୍କାର କାର୍ଯ୍ୟ ଗୁପ୍ତ ଟେଣ୍ଡର ମାଧ୍ୟମରେ କରାଯାଉଛି। ଏଥିଯୋଗୁ ସରକାର ଦେଢକୋଟିରୁ ଊର୍ଦ୍ଧ୍ୱ ଟଙ୍କା ରାଜସ୍ୱ ହରାଇଛନ୍ତି। ସରକାରୀ ବ୍ୟବସ୍ଥା ଅନୁସାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନିର୍ମାଣ କାର୍ଯ୍ୟ ହେଲେ ଖୋଲା ଟେଣ୍ଡର କରାଯିବା କଥା। କିନ୍ତୁ ଯାଜପୁର ଜିଲାରେ କୋଟି କୋଟି ଟଙ୍କାର ନିର୍ମାଣ କାର୍ଯ୍ୟକୁ କାଗଜପତ୍ରରେ ୫ ଲକ୍ଷ ଟଙ୍କାର କମ୍ ମୂଲ୍ୟର ଛୋଟ ଛୋଟ କାମରେ ଭାଗ କରି କେତେଜଣ ଠିକାଦାରଙ୍କ ମଧ୍ୟରେ ବାଣ୍ଟି ଦିଆଯାଉଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରେ ଏହା ସ୍ପଷ୍ଟ ହୋଇଛି। ଆରଡବ୍ଲୁଏସ୍ଏସ୍ ବିଭାଗରେ ଗତ ତିତ୍‌ଲି ବାତ୍ୟାରେ ୧୦୪ଟି ପାଇପ ଜଳଯୋଗାଣ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଯାଇ ୧ କୋଟି ୫୨ ଲକ୍ଷ ଟଙ୍କାର ୟୁସି ଦାଖଲ କରାଯାଇ ମିଳିମିଶି ଟଙ୍କା ହରିଲୁଟ କରାଯାଇଥିବା ଅଭିଯୋଗ ହୋଇଥିଲା। ନିର୍ମାଣ କାର୍ଯ୍ୟରେ ଏଭଳି ଅନେକ ଦୁର୍ନୀତି ଓ ଅନିୟମିତତା ହେଉଥିବା ପଛରେ ପିସି କାରବାର ମୁଖ୍ୟ କାରଣ ହୋଇଛି। କିନ୍ତୁ ଭିଜିଲାନ୍ସରେ ସେଭଳି କୌଣସି ଅଭିଯୋଗ ହେଉ ନ ଥିବାରୁ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀମାନେ ଖସି ଯାଉଛନ୍ତି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି ବର୍ତ୍ତମାନ ପରିସ୍ଥିତିରେ ସମସ୍ତେ ସତର୍କ ରହିଛନ୍ତି। ଯେଉଁ ଯନ୍ତ୍ରୀମାନଙ୍କ କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ଅଭିଯୋଗ ହେଉଛି, ସେମାନଙ୍କୁ ବିଭାଗୀୟସ୍ତରରେ ତାଗିଦ କରାଯାଉଛି।



ପାହାଡ଼ରେ କେନାଲ ଖୋଲୁଛନ୍ତି ଗ୍ରାମବାସୀ।

# ପାହାଡ଼ ଖୋଳି ଜମିକୁ ପାଣି ଆଣିଲେ ଗ୍ରାମବାସୀ

**ଫୁଲବାଣୀ ଅଫିସ, ୨୮।୭**

ପାଣି ଅଭାବରୁ ଯେଉଁ ଜମି ପଡ଼ିଆ ପଡୁଥିଲା ତାହା ଏବେ ଫସଲରେ ଭରିଯିବ ବୋଲି ଆଶା ସଞ୍ଚାର ହୋଇଛି। ଜଣେ ଯୁବ ସରପଞ୍ଚ ଜମିକୁ ଯେପରି ହେଲେ ପାଣି ନେବେ ବୋଲି ପ୍ରୟାସ ଆରମ୍ଭ କରି ସେଥିରେ ସଫଳ ହୋଇଛନ୍ତି। କରୋନା ମହାମାରୀ ଯୋଗୁ ଗାଁକୁ ଫେରିଥିବା ପ୍ରବାସୀଙ୍କ ସହାୟତାରେ ପାହାଡ଼ରେ ଦୀର୍ଘ ୨ କି.ମି. କେନାଲ ଖୋଳି ଜମିକୁ ପାଣି ଆଣିବା ବ୍ୟବସ୍ଥା କରିଛନ୍ତି। କନ୍ଧମାଳ ଜିଲା କୋଟଗଡ ବ୍ଲକ ରାଣୀପଙ୍ଗା ପଞ୍ଚାୟତର ସରପଞ୍ଚ ଜୋହନ ପ୍ରଧାନ ଏହି କାର୍ଯ୍ୟ କରି ଦେଖାଇଛନ୍ତି।

ରାଣୀପଙ୍ଗା ପଞ୍ଚାୟତର ବି. ରାଣୀପଙ୍ଗା ଏକ ରାଜସ୍ୱ ଗ୍ରାମ। ଏହି ଗ୍ରାମରେ ପ୍ରାୟ ୭୭ ଆଦିବାସୀ ପରିବାର ବସବାସ କରନ୍ତି। ଗ୍ରାମରେ ଭଲ ଚାଷ ଜମି ଥିଲେ ମଧ୍ୟ ପାଣି ସୁବିଧା ନାହିଁ। ଚାଷ ପାଇଁ ବର୍ଷା ଉପରେ ନିର୍ଭର କରିବାକୁ ପଡ଼େ। ତେଣୁ ବର୍ଷାଦିନେ ଯାହା କିଛି ଚାଷବାସ ହୁଏ। ଅନ୍ୟ ସମୟରେ ଜମି ପଡ଼ିଆ ପଡ଼ିଥାଏ। ଆଉ କିଛି ରୋଜଗାର ଉପାୟ ନ ଥିବାରୁ ଅଧିକାଂଶ ଗ୍ରାମବାସୀ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ ହୁଅନ୍ତି। ସରପଞ୍ଚ ଏହି ସମସ୍ୟା ଜାଣିବା ପରେ ଜମିକୁ କିପରି ପାଣି ଆସିପାରିବ ଏବଂ ବର୍ଷସାରା ଚାଷ ହେବ ସେହି ଚିନ୍ତା କରିଥିଲେ। ଗ୍ରାମଠାରୁ ପ୍ରାୟ ୨ କି.ମି. ଦୂରରେ ଥିବା ୨ ପାହାଡ଼ରୁ ବାହାରିଥିବା ଦୁଇଟି ଝରଣା ପାଣି ବୋହିଯାଇ ନଷ୍ଟ ହେଉଥିବା ସେ ଜାଣିଥିଲେ। ଉକ୍ତ ପାଣି ଗ୍ରାମ ନିକଟକୁ ଆଣିବା ସହଜ ନ ଥିଲା। ପାହାଡ଼ରେ କେନାଲ ଖୋଳିବା ଅସମ୍ଭବ ଲାଗୁଥିଲା। ଏଥିପାଇଁ ଅନେକ ଶ୍ରମ ଓ ଅର୍ଥର ଆବଶ୍ୟକ ଥିଲା। ଅନ୍ୟପକ୍ଷରେ ଦାଦନ ଖଟିବାକୁ ବାହାରକୁ ଯାଇଥିବା ଗ୍ରାମର ଲୋକେ କରୋନା ଯୋଗୁ ଫେରିଆସି ଘରେ ବସିଥିଲେ। ସେମାନଙ୍କୁ କାମ ଯୋଗାଇ ଦେବାକୁ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଉପରେ ଗୁରୁତ୍ୱ ଦେଲେ। ତେଣୁ ଜୋହନ ଏହି ସୁଯୋଗକୁ ହାତଛଡ଼ା ନ କରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଉକ୍ତ ପ୍ରକଳ୍ପ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରସ୍ତାବ ଦେଲେ। ଏଥିପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହେଲା। ଜମିକୁ ପାଣି ମାଡିବ ଏବଂ ଚାଷ ହେବ ବୋଲି ଗ୍ରାମବାସୀଙ୍କୁ କାମ କରିବା ଲାଗି ଜୋହନ ବୁଝାଇଲେ। ଗ୍ରାମବାସୀ ବି ରୋଜଗାର ପାଇ କାମ ଆରମ୍ଭ କଲେ। ଏ ସମ୍ପର୍କରେ ସରପଞ୍ଚ ପ୍ରଧାନ କହିଛନ୍ତି, ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଗ୍ରାମର ପ୍ରାୟ ୧୦୦ ଏକରରୁ ଅଧିକ ଜମିରେ ଜଳସେଚନ ହୋଇପାରିବ ଏବଂ ବର୍ଷସାରା ବିଭିନ୍ନ ଫସଲ କରିହେବ। ଗ୍ରାମବାସୀଙ୍କୁ ଆଉ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯିବାକୁ ପଡିବନି। ଝରଣା ପାଣିକୁ କେନାଲ ମାଧ୍ୟମରେ ଶୁଖିଲା ଜମିକୁ ଆଣିବାର ପ୍ରୟାସ ଆତ୍ମସନ୍ତୋଷ ଦେଇଛି ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା ଅଭିଯୋଗ ଆଣିଲା ଭାଜପା

**ଭୁବନେଶ୍ୱର,୨୮।୭(ବ୍ୟୁରୋ):** ଲକ୍‌ଡାଉନ ସମୟରେ ପ୍ରବାସୀ ଶ୍ରମିକ ଓ ଗାଁର ଗରିବ ଜନସାଧାରଣଙ୍କ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ଅଧିକ ମାତ୍ରାରେ ଟଙ୍କା ପଠାଇବା ସହ ମଜୁରି ମଧ ବୃଦ୍ଧି କରିଛନ୍ତି। ଏହା ସହ ମୌସୁମୀ ସମୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଜାରି ରଖିବା ପାଇଁ ନିୟମ କରିଛନ୍ତି। କିନ୍ତୁ ଦୁଃଖର ବିଷୟ ରାଜ୍ୟ ସରକାର ଏହାକୁ ପରିଚାଳନା କରିବାରେ ବିଫଳ ହୋଇଛନ୍ତି। ଫଳରେ ଶ୍ରମିକ କାମ ନ ପାଇ ଅନ୍ୟ ରାଜ୍ୟକୁ ଯାଉଥିବା ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ଓଡ଼ିଶାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଜେସିବି, ଟ୍ରାକ୍ଟର , କଣ୍ଟ୍ରାକ୍ଟର , ବିଜେଡି ନେତା ଓ କେତେଜଣ ଅସାଧୁ ଅଫିସର କରୁଛନ୍ତି। ରାଜ୍ୟରେ ଏମ୍‌ଜିଏନ୍‌ଆରଇଜିଏସ୍ କାମରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଚାଲିଛି। ଅନେକ ସ୍ଥାନରେ ମେଶିନ ଦ୍ୱାରା କାମ କରାଯାଉଛି। ପ୍ରକୃତ ହିତାଧିକାରୀ ଏହାର ଲାଭ ଉଠାଇ ପାରୁନାହାନ୍ତି। ବିଡିଓ, କଣ୍ଟ୍ରାକ୍ଟର ଓ ବିଜେଡି ନେତାଙ୍କ ମଧୁଚନ୍ଦ୍ରିକାରେ କାମ ବାଟବଣା ହୋଇଛି। ପ୍ରଧାନମନ୍ତ୍ରୀ ପଠାଉଥିବା ଅର୍ଥ ଗରିବଙ୍କ ପାଖରେ ପହଞ୍ଚୁ ନାହିଁ। ତେଣୁ ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ନଚେତ୍ ଭାଜପା ପକ୍ଷରୁ ପ୍ରତି ବ୍ଲକ ଅଫିସ୍ ଆଗରେ ଆନ୍ଦୋଳନ କରାଯିବ ବୋଲି ଗୋଲକ ଚେତାବନୀ ଦେଇଛନ୍ତି।

# ବିଧାୟକ-ପୋଲିସ ମୁହାଁମୁହିଁ

**ସମ୍ବଲପୁର,୨୮।୭(ବ୍ୟୁରୋ)**



ଜିଲାପାଳଙ୍କ ଅଫିସ ପରିସରରେ ଏଡିଏମ୍‌ଙ୍କ ସହ ବିଧାୟକ ଜୟନାରାୟଣ ମିଶ୍ର ଆଲୋଚନା କରୁଛନ୍ତି।

- ଜିଲାପାଳଙ୍କ ଅଫିସକୁ ଧସେଇ ପଶିଲେ ଭାଜପା କର୍ମକର୍ତ୍ତା
- ୨ ବିଧାୟକଙ୍କ ନାମରେ ମାମଲା ରୁଜୁ କଲା ପୋଲିସ
- କୋଭିଡ୍ ନିୟମ ଉଲ୍ଲଂଘନ ଓ ପୋଲିସକୁ ଦୁର୍ବ୍ୟବହାରକୁ ନେଇ ମାମଲା

କରୋନା କଟକଣା ଯୋଗୁ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟକୁ ସର୍ବସାଧାରଣଙ୍କ ପ୍ରବେଶ ଉପରେ ରୋକ୍ ଲାଗିଛି। ହେଲେ ମଙ୍ଗଳବାର ବିଧାୟକ ଜୟନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଭାଜପା କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଫଳରେ କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସେଠାରେ ମୁତୟନ ପୋଲିସ ଫୋର୍ସ ସେମାନଙ୍କ ବାଟ ଓଗାଳିଥିଲେ। ଏହାକୁ ସହଜରେ ଗ୍ରହଣ କରି ପାରି ନ ଥିଲେ ବିଧାୟକ ମିଶ୍ର। ପୋଲିସ ମଧ ଭାଜପା କର୍ମକର୍ତ୍ତାଙ୍କୁ ଛାଡିବାକୁ ପ୍ରସ୍ତୁତ ନ ଥିଲା। ଦୁଇପକ୍ଷ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ପୋଲିସ ଓ ବିଧାୟକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ଭାଜପା କର୍ମକର୍ତ୍ତା ଧସେଇ ପଶିବା ସହ ଏଡିଏମ୍ ଉମାକାନ୍ତ ରାଜଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହାକୁ ନେଇ ପୋଲିସ ବିଧାୟକ ମିଶ୍ର ଓ ରେଙ୍ଗାଲି ବିଧାୟକ ନାଉରୀ ନାଏକଙ୍କ ବିରୋଧରେ ମାମଲା ରୁଜୁ କରିଛି। କୋଭିଡ୍ ନିୟମକୁ ଉଲ୍ଲଂଘନ ଓ ପୋଲିସକୁ ଦୁର୍ବ୍ୟବହାର କରିବା ନେଇ ପୋଲିସ ଏହି ମାମଲା ରୁଜୁ ହୋଇଛି।

ଏ ସଂକ୍ରାନ୍ତରେ ଭାଜପା କର୍ମକର୍ତ୍ତା କହିଛନ୍ତି, କରୋନା ମୁକାବିଲା ପାଇଁ ଭାଜପା ସବୁ ସମୟରେ ପ୍ରଶାସନ ସହିତ ସହଯୋଗ କରିଆସୁଛି। ହେଲେ ରାଜ୍ୟ ସରକାର କରୋନା ବାହାନାକରି ରାଜ୍ୟବାସୀଙ୍କୁ ଭଣ୍ଡାଇ ଚାଲିଛନ୍ତି। ଏବେ ଜିଲାରେ କୋଭିଡ୍ ପରୀକ୍ଷା ପାଇଁ କିଟ୍ ଅଭାବ ରହୁଛି। ସ୍ୱାବ୍ ପରୀକ୍ଷା ଲାଗି ବିଳମ୍ବ ହେବାରୁ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ପଶ୍ଚିମ ଓଡ଼ିଶାବାସୀ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଇବାରେ ବଞ୍ଚିତ ହେଉଛନ୍ତି। କୋଭିଡ୍ ପରିଚାଳନାରେ ଡାକ୍ତରମାନଙ୍କୁ ନିୟୋଜିତ କରିବା ଓ ଅନ୍ୟସ୍ଥାନକୁ ବଦଳି କରାଯାଇଛି। ହେଲେ ସେହି ସ୍ଥାନ ପୂରଣ କରାଯାଉ ନାହିଁ। ତେଣୁ ଡାକ୍ତରଖାନାଗୁଡିକରେ ସମସ୍ୟା ଦେଖାଦେଇଛି।

ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ସଭାପତି ଗିରିଶ ପଟେଲ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାଏକ, ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ, ଟଙ୍କଧର ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମେହେର ପ୍ରମୁଖ ଏହି ଆନ୍ଦୋଳନରେ ଉପସ୍ଥିତ ଥିଲେ।

ବିଧାୟକ ମିଶ୍ର କହିଛନ୍ତି, ଜଣେ ବିଧାୟକ ଲୋକମାନଙ୍କ ସମସ୍ୟା ନେଇ ଜିଲାପାଳଙ୍କୁ ଭେଟିବାରେ କୌଣସି ଅସୁବିଧା ନାହିଁ। ପୋଲିସ ଗେଟ୍ ସମ୍ମୁଖରେ ଆମକୁ ଅଟକାଇବା ଅଗଣତାନ୍ତ୍ରିକ। ଅନ୍ୟପକ୍ଷେ ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, କରୋନା କଟକଣା ସମୟରେ ଭାଜପା ଜିଲା ପ୍ରଶାସନ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା କଥା। ହେଲେ ଖବରରେ ରହିବାକୁ ଭାଜପା ଚେଷ୍ଟା କରୁଛି। କରୋନା କଟକଣା ନିୟମ ଭାଙ୍ଗିବା, ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଗାଳିଗୁଲଜ କରୁଥିବା ଭିଡିଓ ଭାଇରାଲ ହୋଇଛି।

# ଜେଲ ଗଲେ ଦୀପକ ଗୁପ୍ତା

**କେନ୍ଦୁଝର, ୨୮।୭(ସ୍ୱ.ପ୍ର./ଡି.ଏନ.ଏ.)**

ଉଲିବୁରୁ ଖଣି ମହାଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତା ଏକ ମାସ ଅନ୍ତରୀଣ ଜାମିନ ପରେ ମଙ୍ଗଳବାର କୋର୍ଟରେ ହାଜର ହୋଇଛନ୍ତି। ତାଙ୍କ ଜାମିନ ଅବଧି ବୃଦ୍ଧି କରିବା ପାଇଁ ଆଗତ ଆବେଦନକୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଅଗ୍ରାହ୍ୟ କରିଦେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଥିବା ସରକାରୀ ଆଇନଜୀବୀ ଦେବଦତ୍ତ ବିଶ୍ୱାଳ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ, ୧୮୦୦ କୋଟି ଉଲିବୁରୁ ଖଣି ମହାଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଦୀପକ ଥିଲେ। ୨୦୧୩ ସେପ୍ଟେମ୍ବର ୪ରେ ରାଜ୍ୟ ଭିଜିଲାନ୍ସ ବିଭାଗ ଦୀପକଙ୍କୁ ଗିରଫ କରିଥିଲା। ଗତ ମାସ ୨୬ ତାରିଖରେ ହାଇକୋର୍ଟରୁ ସେ ସର୍ତ୍ତମୂଳକ ଏକ ମାସ ଅନ୍ତରୀଣ ଜାମିନ ପାଇଥିଲେ। କେନ୍ଦୁଝର ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର ହୋଇ ଜାମିନ ଆଦେଶ ମିଳିବାର ଦିନକପରେ କେନ୍ଦୁଝର ଜେଲରୁ ବାହାରିଥିଲେ।

# ଲୋକନାଥ ପ୍ରଧାନ ହତ୍ୟା ଘଟଣାରେ ୩ ଅଭିଯୁକ୍ତ ଗିରଫ

**କନ୍ଧମାଳ,୨୮।୭(ଡି.ଏନ.ଏ.)**

ବୌଦ୍ଧ ଜିଲା ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଲୋକନାଥ ପ୍ରଧାନ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗରେ ମଙ୍ଗଳବାର ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଲିଙ୍ଗରାଜ ବଗର୍ତ୍ତି, ଜ୍ୟୋତିର୍ମୟ ଦଳାଇ ଓ ସତ୍ୟ ନାରାୟଣ ପ୍ରଧାନ। କନ୍ଧମାଳ ଥାନା ଘଣ୍ଟାପଡା ଫାଣ୍ଡି ଅନ୍ତର୍ଗତ ସିଆଲଝୁଲି ଗ୍ରାମର ଯୁବନେତା ଲୋକନାଥଙ୍କୁ ଗତ ୨୪ ତାରିଖ ରାତି ପ୍ରାୟ ୮ଟାରେ ଦୁର୍ବୃତ୍ତମାନେ ଡାକି ନେଇ ହତ୍ୟା କରିଥିଲେ। ପୋଲିସ ସୂଚନା ଅନୁସାରେ ଗତ ପଞ୍ଚାୟତ ନିର୍ବାଚନ ବେଳେ ଲୋକନାଥ ସମିତି ସଭ୍ୟ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ସେ ଅଭିଯୁକ୍ତ ଲିଙ୍ଗରାଜଙ୍କଠାରୁ ନିର୍ବାଚନ ସମୟରେ କିଛି ଟଙ୍କା ଧାର ନେଇଥିଲେ। ତାହା ଫେରାଇ ପାରି ନ ଥିବାରୁ ଏହାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିଲା। ଅପରପକ୍ଷରେ ମଙ୍ଗଳବାର ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାୟକ, ରାଜ୍ୟ ଉପସଭାପତି ନାଉରୀ ନାଏକ ପ୍ରମୁଖ ଲୋକନାଥଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ବୌଦ୍ଧ ଏସପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ହତ୍ୟାକାଣ୍ଡରେ ସ୍ଥାନୀୟ ଅଞ୍ଚଳର ଦୁଇ ଲୋକ ପ୍ରତିନିଧିଙ୍କ ସମ୍ପର୍କୀୟ ସମ୍ପୃକ୍ତ ଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇ ଘଟଣା ନିରପେକ୍ଷ ତଦନ୍ତ ଦାବି କରାଯାଇଛି ।

# ଶକ୍ତି ଯୋଗାଣ ବ୍ୟବସ୍ଥାକୁ ଆତ୍ମନିର୍ଭରଶୀଳ କର: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୨୮।୭(ବ୍ୟୁରୋ)**

ପରିଚାଳନା ଓ ବ୍ୟବସାୟିକ ସଂସ୍କାର ମାଧ୍ୟମରେ ରାଜ୍ୟର ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଓପିଟିସିଏଲ୍, ଗ୍ରୀଡ୍‌କୋ ଏବଂ ବିତରଣ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ୍ ବ୍ୟବସ୍ଥାରେ କୋଭିଡ୍‌ର ପ୍ରଭାବ ଏବଂ ବର୍ତ୍ତମାନର ଆବଶ୍ୟକତା ଆଦି ବିଷୟରେ ସମୀକ୍ଷାକରି ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସୃଷ୍ଟି କରାଯାଇଥିବା ଭିତ୍ତିଭୂମିକୁ ପୂର୍ଣ୍ଣ ଉପଯୋଗ କରି ବିଦ୍ୟୁତ ଯୋଗାଣର ମାନ ବୃଦ୍ଧି କରିବାକୁ ସେ ଓପିଟିସିଏଲ୍ ଏବଂ ବିତରକ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ କହିଛନ୍ତି, ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରାଗଲେ ଶିଳ୍ପାନୁଷ୍ଠାନଗୁଡିକ ଗ୍ରୀଡ୍‌କୋରୁ ବିଦ୍ୟୁତ୍ କିଣିବେ। ନିଜସ୍ୱ ପାୱାର ପ୍ଲାଣ୍ଟରେ ବିଦ୍ୟୁତ୍ ଉତ୍ପାଦନ ଅପେକ୍ଷା ଏହା ସେମାନଙ୍କୁ ଅଧିକ ଶସ୍ତା ଓ ସୁବିଧାଜନକ ହେବ। ଗ୍ରୀଡ୍‌କୋରୁ ବିଦ୍ୟୁତ୍ ନେବା ପାଇଁ ରାଜ୍ୟରେ ପ୍ରତିଷ୍ଠା ହେଉଥିବା ଶିଳ୍ପାନୁଷ୍ଠାନଗୁଡିକୁ ଉତ୍ସାହିତ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶିଳ୍ପ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ରାଜ୍ୟରେ ବିଦ୍ୟୁତ୍ ଯୋଗାଣ ସ୍ଥିତି ବିଷୟରେ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ ବିଭିନ୍ନ ସ୍ରୋତରୁ ୭.୧୫ ଜିଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଛି। ସରକାରଙ୍କ ଲଗାତର ସାହାଯ୍ୟ ଫଳରେ ବିଦ୍ୟୁତ୍ ଭିତ୍ତିଭୂମିରେ ବ୍ୟାପକ ସମ୍ପ୍ରସାରଣ ହୋଇଛି। ରାଜ୍ୟରେ ଗ୍ରୀଡ୍ ଏବଂ ୩୩/୧୧ କେ.ଭି. ସବ୍‌ଷ୍ଟେଶନ ସଂଖ୍ୟା ଯଥାକ୍ରମେ ୧୫୬ ଏବଂ ୯୧୯କୁ ବୃଦ୍ଧି ପାଇଛି। ଏଚ୍‌ଟି ଲାଇନ୍ ୧,୫୮,୪୪୫ କି.ମି. ଏବଂ ଏଲ୍‌ଟି ଲାଇନ୍ ୧,୮୪,୦୧୦ କି.ମି.କୁ ସମ୍ପ୍ରସାରଣ କରାଯାଇଛି। ଗ୍ରାହକଙ୍କ ସଂଖ୍ୟା ୮୯ ଲକ୍ଷକୁ ବୃଦ୍ଧି ପାଇଛି ବର୍ତ୍ତମାନ ଓଡ଼ିଶା ବିଦ୍ୟୁତ୍ ବଳକା ରାଜ୍ୟର ମାନ୍ୟତା ହାସଲ କରିଛି। ବାହାର ରାଜ୍ୟକୁ ବିକ୍ରି କରିବା ପାଇଁ ବାର୍ଷିକ ପ୍ରାୟ ୧୦୦୦ ମେଗାୱାଟ୍ ବଳକା ବିଦ୍ୟୁତ୍ ଓଡ଼ିଶା ପାଖରେ ଅଛି। କୋଭିଡ୍ -୧୯ ଶଟ୍ ଡାଉନ୍ ଓ ଲକ୍‌ଡ଼ାଉନ୍ ଆଦି ଯୋଗୁ ବିଦ୍ୟୁତ୍ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ମାର୍ଚ୍ଚରୁ ଜୁନ୍ ମଧ୍ୟରେ ବିଦ୍ୟୁତ୍ ଚାହିଦା ଓ ବିକ୍ରି ଶତକଡା ୧୪ ଭାଗ କମିଛି। ସେହିପରି ଶିଳ୍ପାନୁଷ୍ଠାନର ନିଜସ୍ୱ କାପ୍‌ଟିଭ୍ ବିଦ୍ୟୁତ୍ ଉତ୍ପାଦନ ଓ ବ୍ୟବହାର ମଧ୍ୟ ଏପ୍ରିଲ ଓ ମେ ମାସରେ ଯଥାକ୍ରମେ ଶତକଡା ୨୫ ଏବଂ ୧୨ ଭାଗ କମିଛି। ଚାହିଦା କମ୍ ଥିବାରୁ ଗ୍ରୀଡ୍‌କୋର ରାଜସ୍ୱ କମିଥିବା ବେଳେ ପାୱାର ସଂଗ୍ରହ ବୁଝାମଣା ଅନୁସାରେ ଗ୍ରୀଡ୍‌କୋଙ୍କୁ ନିର୍ଦ୍ଧାରିତ ରାଶି ଶକ୍ତି ଉତ୍ପାଦନକାରୀ ପ୍ଲାଣ୍ଟଗୁଡ଼ିକୁ ଦେବାକୁ ହେଉଛି। ବିଦ୍ୟୁତ୍ ଏକ ଗୁରୁତ୍ୱପୂର୍ଣ୍ଣ ମୌଳିକ ଆବଶ୍ୟକତା ହୋଇଥିବାରୁ ଗ୍ରୀଡ୍‌କୋକୁ ଆବଶ୍ୟକ ଆର୍ଥିକ ଗ୍ୟାରେଣ୍ଟି ଦେବା ପାଇଁ ବୈଠକରେ ସ୍ଥିର ହୋଇଛି। ବିତରକ କମ୍ପାନୀଗୁଡିକ ଚଳିତ ବର୍ଷ ମଧ୍ୟରେ ନିଜ ବିଲ୍ ବଣ୍ଟନ ଏବଂ ଦେୟ ଆଦାୟର ଶତକଡା ୯୮ ଭାଗ ହାସଲ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷତଃ ସାମୁଦାୟିକ ବୈଷୟିକ ଏବଂ ବ୍ୟବସାୟିକ (ଏଟି ଆଣ୍ଡ ସି) କ୍ଷତି କମାଇବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱରୋପ କରିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ପାର୍ଟ ଟାଇମ୍ କାମ
ଟେଲିକମ୍ 4ଜି କମ୍ପାନୀରେ (ଏସ୍ଏମ୍ଏସ୍-କାମ) କରି, ପୁଅ, ଝିଅ, ଗୃହିଣୀମାନେ ଘରେ ବସି ମାସିକ 15,000-45,000 ରୋଜଗାର କରନ୍ତୁ । ଲାପ୍‌ଟପ୍ + ମୋବାଇଲ ମାଗଣା ଏସ୍ଏମ୍ଏସ୍/କଲ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ
ମୋବାଇଲ + ଲାପ୍‌ଟପ୍ ମାଗଣା
07044895450
07044895402

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ | ବାଇକ୍
ଭଡ଼ା- 65,000 | ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ | + ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଭଡ଼ା: 45 ହଜାର
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ | + ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଭଡ଼ା: 45 ହଜାର
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୪ ଦିନ ଧରି ଏସ୍.ରାମପୁର ଅଞ୍ଚଳ ଶଟ୍‌ଡାଉନ୍

ବିନିକା(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ଏସ,ରାମପୁର ଅଞ୍ଚଳ ୪ ଦିନ ପାଇଁ ଶଟ୍ ଡାଉନ ଘୋଷଣା କରାଯାଇଛି । ଏସ.ରାମପୁର ସରପଞ୍ଚ ସରୋଜ ମେହେର ଜିଲାପାଳ କ୍ଷମତାର ପ୍ରୟୋଗ କରି ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଶଟଡାଉନ୍ ରହିବ ବୋଲି ଘୋଷଣା କରିଛନ୍ତି । କଟକଣା ନ ମାନିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

## ସଂକ୍ଷେପରେ

### ଗଛରେ ପିଟି ହେଲା ଟ୍ରକ୍: ହେଲ୍‌ପର, ଡ୍ରାଇଭର ଗୁରୁତର

ବରପାଲି,୨୮।୭(ଡି.ଏନ.ଏ.): ବରପାଲି-ସୋହେଲା ରାସ୍ତାର ଗୋପାଇପାଲି ନିକଟରେ ସୋମବାର ସକାଳେ ଏକ ଟ୍ରକ୍ ଭାରସାମ୍ୟ ହରାଇ ଆମ୍ବ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଟ୍ରକ୍‌କୁ ହେଲ୍‌ପର ଚଳାଉଥିଲେ । ବ୍ରହ୍ମପୁରରୁ କବାଡିଆ ସାମଗ୍ରୀ ନେଇ ଉକ୍ତ ଟ୍ରକ୍( ନଂ. ସିଜି ୦୪ ଏମ୍‌ଆର-୨୧୬୭ ) ଛତିଶଗଡ ଅଭିମୁଖେ ଯାଉଥିଲା । ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଟ୍ରକ୍ ଭିତରେ ଚାପି ହୋଇ ରହିଥିବା ହେଲ୍‌ପର ରାକେଶ ନାଏକ (୩୫) ଉଦ୍ଧାର କରିଥିଲେ । ଏଥିସହିତ ଡ୍ରାଇଭର ମୁକେଶ ରାତ୍ରିଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଛନ୍ତି।

### କଟକଣା ସମୟରେ ପୋଲିସ ସେବା ଉପରେ ଗୁରୁତ୍ୱ

ଝାରସୁଗୁଡ଼ା ଅଫିସ,୨୮।୭: କରେନା କଟକଣା ସମୟରେ ଲୋକଙ୍କୁ ପୋଲିସ ସେବା ପ୍ରଦାନ କରିବାରେ କୌଣସି ଅବହେଳା ନ କରିବା ପାଇଁ ଝାରସୁଗୁଡା ଜିଲା ଏସ୍‌ପି ରାହୁଲ ପିଆର ପଦକ୍ଷେପ ନେଇଛନ୍ତି । ପୋଲିସସେବା ଆବଶ୍ୟକ ପଡିଲେ କିଭଳି ଯୋଗାଯୋଗ କରିହେବ ସେ ନେଇ ଏସ୍‌ପି ଟୁଇଟ କରି ସେ ଜଣାଇଛନ୍ତି । ଏଥିରେ ସେ ଏସ୍‌ପି, ୨ ଜଣ ଏସ୍‌ଡିପିଓ ଓ ୧୦ ଥାନା ପାଇଁ ସ୍ୱତନ୍ତ୍ର ମୋବାଇଲ ନମ୍ବର ଉଲ୍ଲେଖ କରିଛନ୍ତି। ଅଭିଯୋଗକାରୀ ସମ୍ପୃକ୍ତ ମୋବାଇଲ ନମ୍ବରରେ ଯୋଗାଯୋଗ କରି ପୋଲିସ ସେବା ପାଇ ପାରିବେ। ବିଭିନ୍ନ ଥାନାର ପ୍ରବେଶ ପଥରେ ଲାଗିଥିବା ଅଭିଯୋଗ ବାକ୍ସରେ ଅଭିଯୋଗ କରିହେବ ବୋଲି ଏସ୍‌ପି ଜଣାଇଛନ୍ତି ।

### ସ୍ୱାଇଁର ଟାଙ୍ଗିଆ ଚୋଟରେ ଶାଶୁ ମୃତ

ଖପ୍ରାଖୋଲ, ୨୮।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରଖୋଲ ଥାନା ଦାନାମାଲ ଗାଁରେ ମଙ୍ଗଳବାର ସ୍ୱାଇଁଙ୍କ ଟାଙ୍ଗିଆ ଚୋଟରେ ଶାଶୁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟେଭା ମଲ୍ଲିକ୍(୬୦)। ପୋଲିସ ହତ୍ୟାକାରୀ ସ୍ୱାଇଁ ମନବୋଧ ମାଝୀ(୫୦)ଙ୍କୁ ଗିରଫ କରିଛି। ଅପରାହ୍ନରେ ଟେଭା ଏବଂ ମନବୋଧଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ମନବୋଧ ଏକ ଟାଙ୍ଗିଆରେ ଟେଭାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତାଙ୍କ ସ୍ୱାମୀ ଦୟା ମଲ୍ଲିକଙ୍କ ଅଭିଯୋଗକ୍ରମେ ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି, ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେର୍କେଟା ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାଇଁ ମନବୋଧ ମାଝୀଙ୍କୁ ଗିରଫ କରିଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ ହୋଇଛି। ଏ ନେଇ ଏକ ମାମଲା(ନଂ.୧୫୧/୨୦)ରୁଜୁ ହୋଇଛି।

### କଂଗ୍ରେସ କର୍ମୀଙ୍କ ବିକ୍ଷୋଭ

ଅମରପାଲି,୨୮।୭(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା କଂଗ୍ରେସରେ ଗୋଷ୍ଠୀ କନ୍ଦଳ ଦେଖାଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଏନେଇ ଦଳର କେତେକ କର୍ମୀ ସୋମବାର ବୀରମହାରାଜପୁରଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାଛଡା ନୂତନ ଭାବେ ନିଯୁକ୍ତ ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ସ୍ମିତିରଞ୍ଜନ ଲେଙ୍କା ଓ ଏଆଇସିସି ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତିଙ୍କ କୁଶ ପୁତଳିକା ଦାହ କରିଥିଲେ। ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସାମନ୍ତ ପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ସୁବର୍ଣ୍ଣପୁର ଜିଲା ଯୁବ କଂଗ୍ରେସ ସଭାପତି ଚୟନ ବେଳେ ଦଳ ପାଇଁ ପ୍ରକୃତରେ କାମ କରୁଥିବା କର୍ମୀଙ୍କୁ ଅଣଦେଖା କରାଯାଇଛି। ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ଚୟନ କରିବା ହାସ୍ୟାସ୍ପଦ ବୋଲି ସେ କହିଛନ୍ତି ।

# ଚାଷୀଙ୍କ ତଣ୍ଟିରେ କାଳିଆ କଣ୍ଟା

- ମାସେ ଭିତରେ ଟଙ୍କା ଫେରାଇବାକୁ ନୋଟିସ
- ସୁବର୍ଣ୍ଣପୁର ଜିଲାରେ ୨୦୦୮ ଅଯୋଗ୍ୟ ହିତାଧିକାରୀ

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

ସୋନପୁର, ୨୮।୭(ନି.ପ୍ର.)

କାଳିଆ ଯୋଜନା ପାଇଁ ଦିନେ ଯୋଗ୍ୟ ବିବେଚିତ ହୋଇ ସହାୟତା ପାଇଥିବା ହିତାଧିକାରୀ ଅଯୋଗ୍ୟ ଘୋଷିତ ହୋଇଛନ୍ତି । ସୁବର୍ଣ୍ଣପୁର ଜିଲା ୬ ବ୍ଲକର ଏଭଳି ୨୦୦୮ ହିତାଧିକାରୀଙ୍କୁ ରାଜ୍ୟ ସରକାର ଚିହ୍ନଟ କରି ଏହି ଯୋଜନାରୁ ବାଦ୍ ଦେଇଛନ୍ତି। ସେମାନେ ଏହି ଯୋଜନାରେ ୨ଟି କିସ୍ତିରେ ୧୦ ହଜାର ଲେଖାଏ ପାଇଥିଲେ। ଜିଲା କୃଷି ବିଭାଗ ଏହି ଅଯୋଗ୍ୟ ହିତାଧିକାରୀଙ୍କୁ ୧ମାସ ମଧ୍ୟରେ ଟଙ୍କା ଫେରାଇବାକୁ ନୋଟିସ୍ କରିଛନ୍ତି। ଯାହାକୁ ନେଇ ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ଭାଳେଣି ପଡିଛି। କରୋନା କଟକଣା ବେଳେ ଟଙ୍କା ଫେରସ୍ତ ସେମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି ।

ଗତ ସାଧାରଣ ନିର୍ବାଚନ ପୂର୍ବରୁ ଚାଷୀମାନଙ୍କର ହିତ ପାଇଁ ରାଜ୍ୟ ସରକାର କାଳିଆ ଯୋଜନା କାର୍ଯ୍ୟକାରୀ କରିଥିଲେ। ରାଜନୈତିକ ଉଦ୍ଦେଶ୍ୟ ରଖି ସରକାର ଏହି ଯୋଜନା କରିଥିବା କହି ବିରୋଧୀ ଦଳଗୁଡିକ ସେତେବେଳେ ସମାଲୋଚନା କରିଥିଲେ। ଗତବର୍ଷ ଜାନୁୟାରୀରେ ଏହି ଯୋଜନା ଆରମ୍ଭ ହୋଇଥିଲା । ରାଜ୍ୟ ସରକାର ଉକ୍ତ ଯୋଜନାରେ ସାମିଲ ଚାଷୀଙ୍କୁ ୫ଟି କିସ୍ତିରେ ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। କ୍ଷୁଦ୍ରଚାଷୀ ଓ ନାମମାତ୍ର ଚାଷୀମାନଙ୍କୁ ପର୍ଯ୍ୟାୟକ୍ରମେ ୫ହଜାର ଲେଖାଏ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା।

ଜିଲାରେ ୨୦,୫୭୨ଜଣ କ୍ଷୁଦ୍ର ଓ ୬୪,୩୧୦ଜଣ ନାମମାତ୍ର ଚାଷୀ ପରିବାର ଅଛନ୍ତି। କାଳିଆ ଯୋଜନାରେ ପ୍ରଥମ କିସ୍ତିରେ ୮୦ହଜାର ଚାଷୀ ୫ହଜାର ଲେଖାଏଁ ସହାୟତା ପାଇଥିଲେ। ପରେ ଆଉ କେତେଜଣ ଚାଷୀ ୨କିସ୍ତି ଟଙ୍କା ପାଇଛନ୍ତି। ଅନ୍ୟପକ୍ଷେ ଯେଉଁ ଚାଷୀ ଭୂମିହୀନ ବୋଲି ନିଜର ପରିଚୟ ଦେଇ ନାମ ପଞ୍ଜୀକରଣ କରିଥିଲେ ସେମାନଙ୍କୁ ୧୨ ହଜାର ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେତେବେଳେ ତରବରିଆ ଭାବେ ସରକାର ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିଥିଲେ। ଯେଉଁ ଚାଷୀ ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ବିକ୍ରି କରିଥିଲେ, ଧାନ ବିହନ, ସାର କିଣିଥିଲେ ସେମାନଙ୍କୁ ଯୋଗ୍ୟ ହିତାଧିକାରୀ ଭାବେ ଚୟନ କରାଯାଇଥିଲା। ପଞ୍ଚାୟତ ଓ ବ୍ଲକସ୍ତରରେ ଗଠିତ କାଳିଆ କମିଟି ତାଲିକାକୁ ଠିକ୍ ଭାବେ ଯାଞ୍ଚ କରି ନଥିଲେ। ଅଯୋଗ୍ୟ ବ୍ୟକ୍ତି ଚଞ୍ଚକତା କରି ଏହି ଯୋଜନାରେ ନିଜକୁ ଅନ୍ତର୍ଭୁକ୍ତ କରି ସହାୟତା ପାଇଥିବା ଅଭିଯୋଗ ହୋଇଥିଲା । ମୁଖ୍ୟତଃ ଗୋଟିଏ ପରିବାରର ଏକାଧିକ ବ୍ୟକ୍ତି, ବଡ଼ ଚାଷୀ, ପେନସନଧାରୀ ଓ ଆୟକରଦାତା କାଳିଆ ଯୋଜନାର ହିତାଧିକାରୀ ହୋଇଥିଲେ। ଅନ୍ୟପକ୍ଷେ ଜିଲାର ଅନେକ ଯୋଗ୍ୟ ଚାଷୀ ସହାୟତା ପାଇବାରୁ ବଞ୍ଚିତ ହୋଇଥିଲେ।

**ଅଯୋଗ୍ୟ ହିତାଧିକାରୀ**

| ବ୍ଲକ | ମୋଟ |
|---|---|
| ସୋନପୁର | ୩୧୫ |
| ବୀରମହାରାଜପୁର | ୨୯୫ |
| ତରଭା | ୩୧୫ |
| ଉଲୁଣ୍ଡା | ୩୩୫ |
| ଡୁଙ୍ଗୁରିପାଲି | ୪୧୪ |
| ବିନିକା | ୩୩୪ |
| ମୋଟ | ୨୦୦୮ |

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶ ପରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ କୃଷି ଅଧିକାରୀ ଟଙ୍କା ଫେରସ୍ତ କରିବାକୁ ଅଯୋଗ୍ୟ ହିତାଧିକାରୀଙ୍କୁ ନୋଟିସ୍ ଜାରି କରୁଛନ୍ତି। କାଳିଆ ଟଙ୍କା ବ୍ୟାଙ୍କରେ ଜମା କରି ରସିଦ୍‌କୁ ସ୍ଥାନୀୟ କୃଷି ଅଧିକାରୀଙ୍କ ନିକଟରେ ଜମା ଦେବାକୁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି। ଏବେ କରୋନା କଟକଣା ପାଇଁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ ସମୟରେ ଚାଷୀ ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ଏଭଳି ସ୍ଥିତିରେ କେମିତି ଟଙ୍କା ଫେରସ୍ତ କରିବେ ଚାଷୀ ଚିନ୍ତାରେ ଅଛନ୍ତି। ଅନ୍ୟପକ୍ଷେ ଖରିଫ ଚାଷ ଆରମ୍ଭ ହୋଇ ଥିବାରୁ ଚାଷୀ ଧାର ଉଧାର କରି ଚାଷ କାମ ଆରମ୍ଭ କରିଛି। ଏବେ ସାର ଓ କୀଟନାଶକ କିଣିବା ପାଇଁ ଚାଷୀଙ୍କୁ ଅର୍ଥାଭାବ ଲାଗି ରହିଛି। ଏଭଳି ସ୍ଥିତିରେ ଚାଷୀ ନିଜ ଚାଷ ବାସ କରିବେ ନା ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରି ଟଙ୍କା ଫେରାଇବେ ତାକୁ ନେଇ ଚାଷୀଙ୍କ ଚିନ୍ତା ପଡିଛି। ସରକାରଙ୍କ ଏଭଳି ନିର୍ଦ୍ଦେଶକୁ କଡା ସମାଲୋଚନା କରାଯାଉଛି। ଟଙ୍କା ନ ଫେରାଇବାକୁ ଚାଷୀ ନେତାମାନେ ଚାଷୀଙ୍କୁ ପରାମର୍ଶ ଦେଉଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ଏହି ତାଲିକା ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି। ଯୋଜନାରେ ଅଯୋଗ୍ୟଙ୍କ ତାଲିକା ଅନଲାଇନରେ ଚିହ୍ନଟ ହୋଇଥିବା କହିଛନ୍ତି।

## ଭାଜପା, କଂଗ୍ରେସର ବିକ୍ଷୋଭ

**ସୁବର୍ଣ୍ଣପୁରରେ ଅବସ୍ଥାପିତ ଡାକ୍ତରଙ୍କୁ ଗଞ୍ଜାମ ପଠାଗଲା**



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସୋନପୁର, ୨୮।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ଅବସ୍ଥାପିତ ଥିବା କେତେଜଣ ଡାକ୍ତରଙ୍କୁ ଗଞ୍ଜାମକୁ ଡେପୁଟେଶନରେ ପଠାଯିବା ଘଟଣାକୁ ଜିଲା ଭାଜପା ଓ କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି । ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜ ଘୋଷଣା, ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ, ଭେଣ୍ଟିଲେଟର ଓ ଡାଏଲିସିସ୍ ସୁବିଧା ଯୋଗାଇ ଦେବା, ନିଶା କାରବାର ସମ୍ପୂର୍ଣ୍ଣ ବନ୍ଦ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମା ରାଶି ପୈଠ ଅବଧିକୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଭାଜପା ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ହୋଇଥିବା ବିକ୍ଷୋଭରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ପ୍ରାକ୍ତନ ଜିଲା ସଭାପତି ବଳଦେବ ପ୍ରସାଦ ବେଦ୍‌ବାକ, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ବିଶି, ଅଶୋକ କୁମାର ପୃଷ୍ଟି, ରାମଶଙ୍କର ଭୋଇ, ଶ୍ରଦ୍ଧାଞ୍ଜଳି ମିଶ୍ର, ପ୍ରଫୁଲ୍ଲ ସାହୁ ଓ ଜଗତଜ୍ୟୋତି ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ଜିଲାରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ସହ କରୋନା ସମୟରେ କେବିକେ ଜିଲାରୁ ଅନ୍ୟ ଜିଲାକୁ ଡେପୁଟେଶନରେ ଯାଇଥିବା ଡାକ୍ତରଙ୍କୁ ଫେରାଇ ଆଣିବା ପାଇଁ କଂଗ୍ରେସ ଦାବି କରିଛି। ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁଙ୍କ ନେତୃତ୍ୱରେ ଦଳୀୟ ନେତୃବୃନ୍ଦ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା । ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ସୁଧୀର ପଣ୍ଡା, ବସନ୍ତ ମହାକୁର, ଶେଷଦେବ ମେହେର, ବରୁଣ ସୁନା, ଶ୍ରୀନିବାସ ଖମାରୀ, ନିମାଁଇ ପାଣିଗ୍ରାହୀ ଓ ସୁମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିଶୁଙ୍କ ସମେତ ୬ ପଜିଟିଭ୍ ଚିହ୍ନଟ

ସୋନପୁର,୨୮।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ଆଉ ୬ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ୩ବର୍ଷର ଶିଶୁ ଅଛନ୍ତି । ବିନିକା ସହର ୧୧ ନଂ ୱାର୍ଡ ଭ୍ରମରପାଲିରୁ ଗୋଟିଏ ପରିବାରର ୩ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ୩ ବର୍ଷର ଶିଶୁ, ମା'(୨୭) ଓ ବାପା(୩୨)। ଏହି ପରିବାର ରାୟଗଡା ଜିଲାରୁ ମଙ୍ଗଳବାର ଘରକୁ ଫେରିଥିଲେ। ରାପିଡ୍ ଆଣ୍ଟିଜେନ୍ ଟେଷ୍ଟରୁ ରିପୋର୍ଟ ପଜିଟିଭ୍ ଆସିଛି। ଉଲୁଣ୍ଡା ବ୍ଲକ କୁହ୍ଲିଆକାନୀରୁ ୨ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ ହେଲେ ଗୋଟିଏ ପରିବାରର ବାପା(୪୮)ଓ ପୁଅ(୨୦)। ଦୁହେଁ କିଛି ଦିନ ପୂର୍ବରୁ କଟକ ଏସ୍‌ସିବିକୁ ଚିକିତ୍ସା ପାଇଁ ଯାଇଥିଲେ। କଟକରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ମଙ୍ଗଳବାର ରିପୋର୍ଟ ପଜିଟିଭ୍ ଆସିବା ପରେ ସଂକ୍ରମିତଙ୍କୁ ଜିଲା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୋନପୁର ପଟାଭାଡି (ଠାକୁରାଣୀପଡା)ରେ ଜଣେ ସିକ୍ୟୁରିଟ ଗାର୍ଡଙ୍କ ପଜିଟିଭ ବାହାରିଛି। ସେ ଏକ ସରକାରୀ ସ୍କୁଲରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରନ୍ତି । ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ୮୬ରେ ପହଞ୍ଚିଛି।

## ଗଞ୍ଜାମ ଜିଲାକୁ ଶହେ ଡାକ୍ତର ପଠାଯିବାକୁ ବିରୋଧ




କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭବାନୀପାଟଣା,୨୮।୭(ଡି.ଏନ୍.ଏ.)

- ଜିଲା କଂଗ୍ରେସ କମିଟି ତରଫରୁ ବିକ୍ଷୋଭ ପ୍ରଦର୍ଶନ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

କଳାହାଣ୍ଡି ଜିଲାରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ଏବଂ କେବିକେ ଅଧୀନ ଜିଲାରୁ ଡାକ୍ତରମାନଙ୍କୁ ଗଞ୍ଜାମ ଜିଲାକୁ ଡେପୁଟେଶନ୍‌ରେ ପଠାଯାଇଥିବା ନିର୍ଦ୍ଦେଶନାମାକୁ ଖାରଜ କରିବାକୁ ଜିଲା କଂଗ୍ରେସ ଦାବି କରିଛି । ମଙ୍ଗଳବାର ଜିଲା କଂଗ୍ରେସ ପକ୍ଷରୁ କଲେକ୍ଟୋରେଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରତିବାଦ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଦାସ କହିଥିଲେ, ରାଜ୍ୟ ସରକାର ଗଞ୍ଜାମ ଜିଲାରେ କରୋନା ମହାମାରୀ ରୂପନେବାର ସୁଯୋଗ ସୃଷ୍ଟି କରିଛନ୍ତି। ପରିସ୍ଥିତି ଅଣାୟତ୍ତ ହେବା ପରେ ରାଜ୍ୟ ସରକାର କେବଳ କେବିକେର ୮ ଜିଲା ଓ କନ୍ଧମାଳ ଜିଲାରୁ ୧ଶହ ଡାକ୍ତର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଗଞ୍ଜାମ ପଠାଇବା ଦୁଃଖଦାୟକ ଘଟଣା। ମୁଖ୍ୟମନ୍ତ୍ରୀ ନିଜେ ଏହିସବୁ ଜିଲାବାସୀଙ୍କ ମନରେ ଆଞ୍ଚଳିକ ଭେଦଭାବ ସୃଷ୍ଟି କରୁଥିବା ସେ ଅଭିଯୋଗ କରିଛନ୍ତି। ଡିସିସି ସଭାପତି ଭାରତ ବେମାଲ, ଉପସଭାପତି ଦେବୀ ପ୍ରସାଦ ସିନ୍ଧୁର ପ୍ରମୁଖ ଯୋଗଦେଇଥିଲେ।

## ରୋଗୀ ସେବାରେ ଅବ୍ୟବସ୍ଥା



ଜିଲା ମୁଖ୍ୟ ଡାକ୍ତରଖାନା ସମ୍ମୁଖରେ ଧାରଣା

ସୁନ୍ଦରଗଡ଼,୨୮।୭(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ବିଭିନ୍ନ ସମସ୍ୟା ଯୋଗୁ ରୋଗୀ ସେବାରେ ଅବ୍ୟବସ୍ଥା ଦେଖାଦେଇଛି । ଏଥିପାଇଁ ଜିଲାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ଦିଗରେ ସରକାରୀ ଉଦାସୀନତା ରୋଗୀଙ୍କ ପାଇଁ କାଳ ସାଜିଛି । ଏହାର ପ୍ରତିବାଦରେ ମଙ୍ଗଳବାର ସାମାଜିକ କର୍ମୀ ନଟକିଶୋର ମିଶ୍ର (ସୁରୁ)ଙ୍କ ନେତୃତ୍ୱରେ ଡାକ୍ତରଖାନା ସମ୍ମୁଖରେ ଧାରଣା ଦିଆଯାଇଥିଲା । ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଖୋଲା ଯାଇଥିବ ୧୦୦ଶଯ୍ୟା ବିଶିଷ୍ଟ ମା ଓ ଶିଶୁ ହସ୍ପିଟାଲରେ ଲିଫ୍ଟ ଅଚଳ ହୋଇପଡିଛି। ଡାୟାଲିସିସ୍ ୱାର୍ଡରେ ଏସି ବ୍ୟବସ୍ଥା ନାହିଁ। କୋଭିଡ୍ ହସ୍ପିଟାଲରେ ରୋଗୀଙ୍କୁ ସୁଷମ ଖାଦ୍ୟ ପ୍ରଦାନ କରା ନ ଯିବା ଆଦି ଦାବି ନେଇ ଏହି ଧାରଣା ଦିଆଯାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସରୋଜ କୁମାର ମିଶ୍ର ଧାରଣାସ୍ଥଳରେ ପହଞ୍ଚି କରୋନା ସମୟରେ ଜିଲାବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଉଦ୍ୟମ ଜାରି ରଖିଛି । ଅଚଳ ଲିଫ୍ଟର ମରାମତି ସକାଶେ ସଂପୃକ୍ତ ସଂସ୍ଥାକୁ ଚିଠି ଲେଖାଯାଇଛି।ଆସନ୍ତା ୧ ସପ୍ତାହ ମଧ୍ୟରେ ତାହା କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ। କୋଭିଡ ହସ୍ପିଟାଲରେ ସରକାରଙ୍କ ନୂତନ ନିୟମାନୁଯାୟୀ ରୋଗୀଙ୍କୁ ଖାଦ୍ୟ ପ୍ରଦାନ କରାଯାଉଛି । ମିଶନ ଶକ୍ତିର ଜଣେ ମହିଳାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ବ୍ୟତିକ୍ରମ ଦେଖାଗଲେ ଖୋଲା ଟେଣ୍ଡର ଆହ୍ୱାନ କରାଯାଇ ଦାୟିତ୍ୱ ଦିଆଯିବ ବୋଲି ସେ କହିଥିଲେ ।

## ମଦ ଆଡ୍ଡାରେ ଚଢ଼ାଉ: ମହିଳା ଗିରଫ

ବଡ଼ଗାଁ, ୨୮।୭ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଓ ସଏଲ ଅଫିସ ପଛପଟ କାଜୁ ବଣରେ ରହୁଥିବା ଜଣେ ମହିଳା ମଦ ବିକ୍ରି କରୁଥିଲେ । ପୋଲିସ ସେଠାରେ ଚଢ଼ାଉ କରି ବିଦେଶୀ ମଦ, ବିୟର ଜବତ କରିଛି । ଏହି ଘଟଣାରେ ସମ୍ପୃକ୍ତ ମହିଳା ଭାରତୀ ବୁଡଙ୍କୁ ଗିରଫ କରାଯାଇଛି। ଭାରତୀ ଥାନାଠାରୁ ୫ଶହ ମିଟର ଦୂର ରାଜପଥ- ୧୦ ପାର୍ଶ୍ୱରେ ମଦ ବେପାର କରିଆସୁଥିଲେ ।

## ବଲାଙ୍ଗୀରରେ କୋଭିଡ୍ ତଥ୍ୟକୁ ନେଇ ଦ୍ୱନ୍ଦ୍ୱ

**ଡାସ୍ ବୋର୍ଡରେ ୨୧, ଜିଲା ତଥ୍ୟରେ ୮ ସଂକ୍ରମିତ**

ବଲାଙ୍ଗୀର ଅଫିସ, ୨୮।୭

ବଲାଙ୍ଗୀର ଜିଲାରେ କରୋନା ସଂକ୍ରମିତଙ୍କ ତଥ୍ୟକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ରାଜ୍ୟସ୍ତରରେ ପରିଚାଳିତ କୋଭିଡ ଡାସ୍ ବୋର୍ଡରେ ମଙ୍ଗଳବାର ଦିଆଯାଇଥିବା ତଥ୍ୟରେ ଜିଲାରୁ ନୂଆ ୨୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହି ନୂଆ ୨୧ ସଂକ୍ରମିତଙ୍କୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୭୪ ବୋଲି ଉଲ୍ଲେଖ ରହିଛି । ଏହି ଡାସ୍‌ବୋର୍ଡ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୨୭ରେ ଅପ୍‌ଡେଟ୍ ହୋଇଥିବା ଉଲ୍ଲେଖ ରହିଛି। ଅନ୍ୟପକ୍ଷେ ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ସୋମବାର ସୁଦ୍ଧା ଜିଲାରେ ନୂଆ ୮ ଜଣ ସଂକ୍ରମିତ ହୋଇଥିବା ସୂଚନା ରହିଛି। ଏହି ସଂକ୍ରମିତଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୬୧ ବୋଲି ଉଲ୍ଲେଖ କରାଯାଇଛି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭୀମ ସାହୁଙ୍କୁ ପଚାରିବାରୁ ଜିଲାରେ ସୋମବାର ସୁଦ୍ଧା ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବିଭାଗକୁ ସୂଚନା ଦିଆଯାଇଥିଲା । ତେବେ ମଙ୍ଗଳବାର ଡାସ୍‌ବୋର୍ଡ ଅପ୍‌ଡେଟର ବିସଙ୍ଗତିକୁ ନେଇ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଅବଗତ କରାଯାଇଥିବା ସେ କହିଛନ୍ତି।

## 'କେବିକେ ଜିଲାରେ ଡାକ୍ତର ପଦବୀ ପୂରଣ କର'

**ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲେ ନରସିଂହ**

ବଲାଙ୍ଗୀର ଅଫିସ, ୨୮।୭



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

କେବିକେ ଅଞ୍ଚଳର ସମସ୍ତ ୮ଟି ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟନ୍ତ ହୋଇପଡିଛି। ଶତାଧିକ ଡାକ୍ତର ଓ ମେଡିକାଲ ଷ୍ଟାଫ୍ ପଦବୀ ଖାଲି ପଡିଛି । ଏହି ଅଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ଏଠାକାର ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ପରିବର୍ତ୍ତେ ଏହି ଅଞ୍ଚଳରୁ ଡାକ୍ତରଙ୍କୁ ଡେପୁଟେଶନ୍‌ରେ ଅନ୍ୟ ଅଞ୍ଚଳକୁ ପଠାଯାଉଛି। ଏଣୁ ରାଜ୍ୟ ସରକାର ତୁରନ୍ତ କେବିକେ ଅନ୍ତର୍ଗତ ୮ ଜିଲା ବଲାଙ୍ଗୀର, ସୁବର୍ଣ୍ଣପୁର, କୋରାପୁଟ, ରାୟଗଡା, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡା ଜିଲାର ବିଭିନ୍ନ ଡାକ୍ତରଖାନାରେ ଖାଲି ପଡିଥିବା ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ଶୀଘ୍ର ପୂରଣ କରନ୍ତୁ ବୋଲି ବଲାଙ୍ଗୀର ବିଧାୟକ ତଥା ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛନ୍ତି। ଦୁଇଦଫା ବିଶିଷ୍ଟ ଏହି ଦାବିପତ୍ରକୁ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରିଛନ୍ତି। ତୁରନ୍ତ କେବିକେ ଅନ୍ତର୍ଗତ ୮ ଜିଲାର ଡାକ୍ତରଖାନାରେ ଖାଲିପଡିଥିବା ସମସ୍ତ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ପୂରଣ କରିବା ଓ ଏହି ଅଞ୍ଚଳରୁ ଡେପୁଟେଶନ୍‌ରେ ଅନ୍ୟ ଅଞ୍ଚଳକୁ ନେଇଥିବା ଡାକ୍ତରଙ୍କୁ ତୁରନ୍ତ ଫେରାଇ ଆଣିବାକୁ ଦାବି ଜଣାଇଛନ୍ତି । ସରକାର ଏସବୁ କାର୍ଯ୍ୟରୁ ନିବୃତ୍ତ ରହି ଯେତେ ଶୀଘ୍ର କେବିକେ ଅଞ୍ଚଳରେ ଖାଲିପଡିଥିବା ସମସ୍ତ ଡାକ୍ତର ପଦବୀ ପୂରଣ କରନ୍ତୁ, ନଚେତ ଆଗାମୀ ଦିନରେ ଜନ ଆନ୍ଦୋଳନର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ରୁହନ୍ତୁ ବୋଲି ବିଧାୟକ ମିଶ୍ର ଗଣମାଧ୍ୟମ ଜରିଆରେ ସରକାରଙ୍କୁ ଚରମବାଣୀ ଶୁଣାଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ବଲାଙ୍ଗୀର ସରକାରୀ ମେଡିକାଲ କଲେଜରେ ମଞ୍ଜୁରିପ୍ରାପ୍ତ ପଦବୀରେ ନିଯୁକ୍ତ ଅନେକ ବିଶେଷଜ୍ଞ ଡାକ୍ତର କେବଳ କାଗଜପତ୍ରରେ ଉପସ୍ଥିତ ରହୁଥିବା ନେଇ ମିଶ୍ର ଜିଲାପାଳଙ୍କୁ ଜଣାଇଥିଲେ । ଦାବିପତ୍ର ଦେବାବେଳେ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମିଳନୀ ସାହୁ, କେଭିଡ୍ ପରିଚାଳନା ସଂଯୋଜକ ଅସୀମ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ଲଳିତ କଳା ଏକାଡେମୀ ପୁରସ୍କାର ଜିତିଲେ ସମ୍ପର୍କ

ବଲାଙ୍ଗୀର ଅଫିସ, ୨୮।୭

ଓଡିଶା ସରକାରଙ୍କ ଲଳିତ କଳା ଏକାଡେମୀ ତରଫରୁ ଲକ୍‌ଡାଉନ ଅବଧି ମଧ୍ୟରେ ଆୟୋଜିତ କୋଭିଡ୍-୧୯ ସମ୍ପର୍କିତ ଚିତ୍ରକଳା ପ୍ରତିଯୋଗିତାରେ ବଲାଙ୍ଗୀର ତୁଳସୀନଗରର ସମ୍ପର୍କ ପ୍ରଧାନଙ୍କ ଚିତ୍ର ମନୋନୀତ ହେବା ସହ ଆର୍ଥିକ ପୁରସ୍କାର ଲାଭ କରିଛି। ସମ୍ପର୍କ ସ୍ଥାନୀୟ ଲିଟିଲ ଫ୍ଲାୱାର ସ୍କୁଲରୁ ଶିକ୍ଷାରମ୍ଭ କରି ୨୦୧୬-୧୭ ଶିକ୍ଷାବର୍ଷରେ ୯୫ପ୍ରତିଶତ ମାର୍କ ରଖି ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ଭୁବନେଶ୍ୱର ମଦର୍ସ ପବ୍ଲିକ ସ୍କୁଲରୁ ଦ୍ୱାଦଶ ଶ୍ରେଣୀ ଶିକ୍ଷା ସମାପ୍ତ କରି ସମ୍ପ୍ରତି ସିଡିଏ କଟକସ୍ଥିତ ପିଲୁମୋଦୀ କଲେଜ ଅଫ୍ ଆର୍କିଟେକ୍ଚରର ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଛନ୍ତି। ୨୦୦୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ସ୍କେଚ୍ ଅଙ୍କନ କରି ସେ ପ୍ରଶଂସିତ ହୋଇଥିଲେ । ବର୍ତ୍ତମାନ ଭାରତର ବିଶିଷ୍ଟ ସେଲିବ୍ରିଟିମାନଙ୍କ ସ୍କେଚ ଅଙ୍କନ କରି ଟ୍ୱିଟର ଯୋଗେ ସେମାନଙ୍କଠାରୁ ପ୍ରଶଂସା ସାଉଁଟୁଥିବା ଜଣାପଡିଛି । ବିଗତ ହକି ବିଶ୍ୱକପ ସମୟରେ କ୍ରିଏଟିଭ୍ ହକି ଡିଜାଇନ କଣ୍ଟେଷ୍ଟରେ ମଧ୍ୟ ସେ ପ୍ରଥମ ପୁରସ୍କାର ହାସଲ କରିଥିଲେ।

## ଫ୍ୟୁଚର ଗ୍ରୁପ୍ କ୍ରୟ ଲାଗି ରିଲାଏନ୍ସ ଦେବ ୨୭ ହଜାର କୋଟି

ମୁକେଶ ଅମ୍ବାନୀଙ୍କ ନେତୃତ୍ୱାଧୀନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ କିଶୋର ବିୟାନୀଙ୍କ ରିଟେଲ ଚେନ୍ ଫ୍ୟୁଚର ଗ୍ରୁପ୍‌କୁ କ୍ରୟ କରିବା ଲାଗି ଯୋଜନା କରୁଛି। ଏଥିଲାଗି ମୁକେଶ ଅମ୍ବାନୀ ୨୪ରୁ ୨୭ ହଜାର କୋଟି ଟଙ୍କା ପ୍ରଦାନ କରିବେ ବୋଲି ପ୍ରକ୍ରିୟା ସହ ଜଡିତ ୨ ଜଣ ଅଧିକାରୀ ଏକ ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



**ସଂକ୍ଷେପରେ**

### ବର୍ତ୍ତମାନ ଅବସର ନେଉଥିଲେ ପେନ୍‌ସନରେ ଆଶ୍ୱସ୍ତି

**ନୂଆଦିଲ୍ଲୀ,୨୮।୭:** କରୋନା ମହାମାରୀ ସମୟରେ ଅବସର ନେଉଥିବା ସରକାରୀ କର୍ମଚାରୀଙ୍କୁ ଆଶ୍ୱସ୍ତି। ବର୍ତ୍ତମାନ ସମୟରେ ଯେଉଁମାନେ ସରକାରୀ କର୍ମଚାରୀ ଅବସର ନେବେ ସେମାନଙ୍କୁ ପ୍ରୋଭିଜନାଲ ପେନ୍‌ସନ ବା ଏକ ନିର୍ଦ୍ଦିଷ୍ଟ ସମୟ ଯାଏ ପେନ୍‌ସନ ସୁବିଧା ପ୍ରଦାନ ନେଇ ସରକାର ବ୍ୟବସ୍ଥା କରିବେ। ମହାମାରୀ ପାଇଁ ସରକାରୀ କାର୍ଯ୍ୟାଳୟଗୁଡିକରେ କାର୍ଯ୍ୟ ବର୍ତ୍ତମାନ ବାଧାପ୍ରାପ୍ତ ହୋଇଛି। ଏହି ସମୟରେ ଯେଉଁ କର୍ମଚାରୀ ଅବସର ନେଉଛନ୍ତି ସେମାନଙ୍କୁ ପେନ୍‌ସନ ପେମେଣ୍ଟ ଅର୍ଡର (ପିପିଓ) ଦିଆଯିବାରେ ବିଭିନ୍ନ ଅସୁବିଧା ଉପୁଜୁଛି। ଏହି ପ୍ରସଙ୍ଗକୁ କେନ୍ଦ୍ର ସରକାର ଧ୍ୟାନରେ ରଖିଛନ୍ତି। କର୍ମଚାରୀଙ୍କୁ ନିୟମିତ ପେନ୍‌ସନ ନ ମିଳିବା ଯାଏ ସାମୟିକ ପେନ୍‌ସନ ପ୍ରଦାନ କରିବା ଲାଗି ନିଷ୍ପତ୍ତି ହୋଇଥିବା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ସୂଚନା ଦେଇଛନ୍ତି।

### ଏସ୍‌ବିଆଇ କାର୍ଡ-ଆଇଆର୍‌ସିଟିସିର ନୂଆ କ୍ରେଡିଟ କାର୍ଡ

**ଭୁବନେଶ୍ୱର,୨୮।୭:** ଏସ୍‌ବିଆଇ କାର୍ଡ ଓ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜମ କର୍ପୋରେଶନ ଲିମିଟେଡ୍ (ଆଇଆର୍‌ସିଟିସି) ପକ୍ଷରୁ ଆଇଆର୍‌ସିଟିସି-ଏସ୍‌ବିଆଇ କୋ ବ୍ରାଣ୍ଡେଡ୍ ସ୍ପର୍ଶବିହୀନ କ୍ରେଡିଟ କାର୍ଡ ଆସିଛି। ଏହାକୁ ରୁପେ ପ୍ଲାଟ୍‌ଫର୍ମରେ ଉନ୍ମୋଚନ କରାଯାଇଛି। ଟ୍ରେନ୍‌ରେ ନିୟମିତ ଯାତ୍ରା କରୁଥିବା ଯାତ୍ରୀଙ୍କ ସୁବିଧାକୁ ନଜରରେ ରଖି ଏହା ପ୍ରସ୍ତୁତି କରାଯାଇଛି। ଏହି କାର୍ଡର ଗ୍ରାହକମାନେ ଭାରତୀୟ ରେଲରେ ଯାତ୍ରା ସମୟରେ ବିଶେଷ ରିହାତି ସୁବିଧା ପାଇପାରିବେ। ଏହି କାର୍ଡରେ ଆଇଆର୍‌ସିଟିସିରେ ଏସି୧, ଏସି୨, ଏସି୩ ଏବଂ ଏସି ସିସି ବୁକିଂ ବେଳେ ଗ୍ରାହକମାନେ ୧୦% ସଞ୍ଚୟ କରିପାରିବେ। କାର୍ଡକୁ ସକ୍ରିୟ କରିବା ବେଳେ ଏହା ୧% କାରବାର ଫି ଛାଡ଼ ସୁବିଧା ସହ ୩୫୦ ବୋନସ ପଏଣ୍ଟ ମଧ୍ୟ ପ୍ରଦାନ କରିବ।

# ସାହାରା ହେଲା ପିଏଫ୍ ଟଙ୍କା

**ନୂଆଦିଲ୍ଲୀ,୨୮।୭**



**୪ ମାସରେ ଉଠାଇଲେଣି ୩୦ ହଜାର କୋଟି**

କରୋନା ସମୟରେ ଲୋକଙ୍କୁ ଜରୁରୀ ଅର୍ଥର ଆବଶ୍ୟକତା ବଢ଼ିଯାଇଛି। ଏଭଳି ସମୟରେ ଭବିଷ୍ୟନିଧି ପାଣ୍ଠି ବା ପିଏଫ୍ ଟଙ୍କା ଲୋକଙ୍କର ସାହାରା ପାଲଟିଥିବା ଏକ ଜାତୀୟ ଗଣମାଧ୍ୟମ ରିପୋର୍ଟରେ ଖବର ଆସିଛି। ରିପୋର୍ଟ ମୁତାବକ ଏପ୍ରିଲ ଠାରୁ ଜୁଲାଇ ମାସ ମଧ୍ୟରେ ଇପିଏଫ୍‌ଓର ୮୦ ଲକ୍ଷ ସବ୍‌ସ୍କ୍ରାଇବର ୩୦ ହଜାର କୋଟି ଟଙ୍କାର ପାଣ୍ଠି ଉଠାଇଛନ୍ତି। ଇପିଏଫ୍‌ଓ ବର୍ତ୍ତମାନ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାର ପାଣ୍ଠି ପରିଚାଳନା କରୁଛି। ଏଥିରେ ପ୍ରାୟ ୬ କୋଟି ସବ୍‌ସ୍କ୍ରାଇବର ରହିଛନ୍ତି। ଉପଭୋକ୍ତାଙ୍କର ଏଭଳି ଜମା ରାଶି ଉଠାଣ ଦ୍ୱାରା କୌଣସି ନକାରାତ୍ମକ ପ୍ରଭାବ ପଡିବ ନାହିଁ ବୋଲି ବୋଲି ଇପିଏଫ୍‌ଓ ପ୍ରକାଶ କରିଛି।

ଇପିଏଫ୍‌ଓର ଜଣେ ଅଧିକାରୀ କହିଛନ୍ତି ଯେ, ଏପ୍ରିଲ ଠାରୁ ଜୁଲାଇ ତୃତୀୟ ସପ୍ତାହ ମଧ୍ୟରେ ଏଭଳି ଉଠାଣ ହୋଇଛି। ସ୍ଥିତି ସାମାନ୍ୟ ରହିଥିଲେ ସାଧାରଣତଃ ଏଭଳି ବଡ ଧରଣର ଉଠାଣ ସାଧାରଣତଃ ହୋଇ ନ ଥାଏ। ବର୍ତ୍ତମାନ ବଜାର ପ୍ରଭାବିତ ରହିଥିବାରୁ ଅନେକ ଲୋକ ଚାକିରି ହରାଇଛନ୍ତି। ଲୋକଙ୍କର ବେତନ ହ୍ରାସ ମଧ୍ୟ ହୋଇଛି। ସେହିଭଳି ସ୍ୱାସ୍ଥ୍ୟ ପାଇଁ ଲୋକଙ୍କୁ ଖର୍ଚ୍ଚ କରିବାକୁ ପଡୁଛି। ରିପୋର୍ଟ ମୁତାବକ ୩୦ ଲକ୍ଷ ସବ୍‌ସ୍କ୍ରାଇବର କୋଭିଡ୍ ୱିଣ୍ଡୋ ମୁତାବକ ୮ ହଜାର କୋଟି ଟଙ୍କା ଉଠାଣ କରିଛନ୍ତି। ୫୦ ଲକ୍ଷ ସବ୍‌ସ୍କ୍ରାଇବର ମେଡିକାଲ ଖର୍ଚ୍ଚ ଲାଗି ୨୨ ହଜାର କୋଟି ଟଙ୍କା ଉଠାଇଛନ୍ତି।

ଅଧିକାରୀଙ୍କ କହିବା ଅନୁସାରେ ଶୀଘ୍ର ଉଠାଣ କରୁଥିବା ଲୋକଙ୍କ ସଂଖ୍ୟା ୧ କୋଟି ଛୁଇଁବ। ୨୦୧୯-୨୦ ଆର୍ଥିକ ବର୍ଷରେ ଲୋକମାନେ ଇପିଏଫ୍‌ଓ ପାଣ୍ଠିରୁ ମୋଟ ୭୨ ହଜାର କୋଟି ଟଙ୍କା ଉଠାଇ ଥିଲେ। ଚଳିତ ଆର୍ଥିକ ବର୍ଷର ମୋଟ ଚାରି ମାସରେ ଏହା ୩୦ ହଜାର କୋଟି ଟଙ୍କା ରହିଛି। ଉଠାଣ ମାମଲା ଲଗାତର ଭାବେ ବଢି ଚାଲିଛି। ଆର୍ଥିକ ସଙ୍କଟ ବଢୁଥିବାରୁ ଲୋକମାନେ ଏଭଳି କରୁଥିବା କୁହାଯାଉଛି। ଆଗାମୀ ଦିନଗୁଡିକରେ ଇପିଏଫ୍‌ଓ ପାଣ୍ଠିରୁ ଆହୁରି ବଡ ଧରଣର ଉଠାଣ ହେବ ବୋଲି ଅନୁମାନ କରାଯାଉଛି। ଉଠାଣ କରୁଥିବା ସବ୍‌ସ୍କ୍ରାଇବରଙ୍କ ସଂଖ୍ୟା ୧୦ ନିୟୁତ ଛୁଇଁପାରେ ବୋଲି ପୂର୍ବାନୁମାନ କରାଯାଇଛି।

## ଓଡ଼ିଆ ଉଦ୍ୟୋଗୀ ବିକଶିତ କଲେ କରୋନା ଆପ୍



**ଲଣ୍ଡନ,୨୮।୭:** ବିଦେଶରେ ରହୁଥିବା ଓଡ଼ିଆ ଉଦ୍ୟୋଗୀ ଅରୁଣ କର ଏକ ନିଆରା ଆପ୍ ବିକଶିତ କରିଛନ୍ତି। ବ୍ରିଟେନରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ୍ସପର୍ଟନେଷ୍ଟ କମ୍ପାନୀ ପକ୍ଷରୁ 'ବିସିପି ବିଟ୍ ଚେକ୍ ଆପ୍' ବିକଶିତ କରାଯାଇଛି। ଏହି ଆପ୍ ୟୁଜରଙ୍କୁ ଜନଗହଳି ରହୁଥିବା ସ୍ଥାନ ସମ୍ପର୍କରେ ମ୍ୟାପ୍ ମାଧ୍ୟମରେ ସୂଚାଇ ଦେବ। ଉକ୍ତ ଆପ୍ ବ୍ୟବହାର ଫଳରେ ଜନଗହଳି ଠାରୁ ଲୋକମାନେ ନିଜକୁ ଦୂରେଇ ରଖିବା ସହ ସାମାଜିକ ଦୂରତାକୁ ମଧ୍ୟ ସହଜରେ ବଜାୟ ରଖିପାରିବେ ବୋଲି ଡିଜିଟାଲ ଇନୋଭେଶନ କମ୍ପାନୀ ଏକ୍ସପର୍ଟନେଷ୍ଟର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅରୁଣ କର ସୂଚନା ଦେଇଛନ୍ତି। ଏହି ଆପ୍‌କୁ ୟୁଜରମାନେ ଗୁଗଲ ଏବଂ ଆପଲ୍ ପ୍ଲେ ଷ୍ଟୋରରୁ ଡାଉନ୍‌ଲୋଡ୍ କରିପାରିବେ। ଅରୁଣଙ୍କ ଏହି କମ୍ପାନୀ ବ୍ରିଟେନ, ୟୁରୋପ ଏବଂ ଭାରତରେ କାର୍ଯ୍ୟ କରଛି। ସିଫ୍ରଣ୍ଟ ରେଞ୍ଜର, ସିସିଟିଭି ଏବଂ କିଛି ଫୁଟ୍‌ଫଲ୍ କାଉଣ୍ଟରରୁ ଏହି ଆପ୍ ଡାଟା ସଂଗ୍ରହ କରିଥାଏ। ଉକ୍ତ ଆପ୍‌ରେ ଫିଡ୍‌ବ୍ୟାକ୍ ବିକଳ୍ପ ମଧ୍ୟ ରହିଛି। ଏହି ଆପ୍ ଅରୁଣଙ୍କୁ ବେଶ୍ ପରିଚିତି ଆଣିଦେଇଛି। ସେ ଭାରତୀୟ ସେନାରୁ ଅବସର ନେଇ ଏହି କମ୍ପାନୀ ପ୍ରତିଷ୍ଠା କରିଛନ୍ତି। ଆଇଆଇଏମ୍ ବାଙ୍ଗାଲୋରର ଜଣେ ପୂର୍ବତନ ଛାତ୍ର ଏବଂ ଫୋର୍ବସ ବିଜ୍‌ନେସ କାଉନସିଲର ସେ ଜଣେ ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟ କରୁଥିବା ସୂଚନା ରହିଛି।

## ଏୟାର ଇଣ୍ଡିଆରେ ୧୦୦% ପର୍ଯ୍ୟନ୍ତ ନିବେଶ କରିବେ ଏନ୍‌ଆର୍‌ଆଇ

**ନୂଆଦିଲ୍ଲୀ,୨୮।୭:** କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ (ଏଫ୍ ଡିଆଇ) ନୀତିରେ ଏକ ବଡ ପରିବର୍ତ୍ତନ କରାଯାଇଛି। ପରିବର୍ତ୍ତିତ ନିୟମ ଅନୁସାରେ ପ୍ରବାସୀ ଭାରତୀୟ ବା ଏନ୍‌ଆର୍‌ଆଇମାନେ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆରେ ୧୦୦% ପର୍ଯ୍ୟନ୍ତ ନିବେଶ କରିପାରିବେ। ଏ ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ମୁତାବକ ଏୟାର ଇଣ୍ଡିଆରେ ବିଦେଶୀ ନିବେଶ ୪୯%ରୁ ଅଧିକ ହୋଇ ପାରିବ ନାହିଁ। ପ୍ରତ୍ୟକ୍ଷ, ଅପ୍ରତ୍ୟକ୍ଷ କିମ୍ବା ବିଦେଶୀ ବିମାନ କମ୍ପାନୀ ଦ୍ୱାରା ହେଉଥିବା ନିବେଶ ଲାଗି ଏଭଳି ନିୟମ ରହିଛି। ଯଦି କୌଣସି ପ୍ରବାସୀ ଭାରତୀୟ ଏହି ନିବେଶ କରନ୍ତି ତେବେ ଅଟୋମେଟିକ ରୁଟ୍‌ରେ ସେ ୧୦୦% ପର୍ଯ୍ୟନ୍ତ ନିବେଶ କରିପାରିବେ। ଚଳିତ ବର୍ଷ ମାର୍ଚ୍ଚ ମାସରେ କେନ୍ଦ୍ର କ୍ୟାବିନେଟ ପକ୍ଷରୁ ପ୍ରତ୍ୟକ୍ଷ ନିବେଶ ଆଇନରେ ସଂଶୋଧନକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଏୟାର ଇଣ୍ଡିଆନ ଘରୋଇକରଣକୁ ଆକର୍ଷଣୀୟ କରିବା ଲାଗି କେନ୍ଦ୍ର ସରକାର ଏଭଳି ନିୟମ ପରିବର୍ତ୍ତନ କରିଥିବା ଜଣାପଡିଛି। ଏୟାର ଇଣ୍ଡିଆ ଘରୋଇକରଣ ଲାଗି ସରକାର ପୂର୍ବରୁ ଅନେକ ଥର ପ୍ରୟାସ କରିଥିଲେ ମଧ୍ୟ ଏ ଦିଗରେ କୌଣସି ସଫଳତା ମିଳିପାରିନାହିଁ। ଏହା ପୂର୍ବରୁ ଏନ୍‌ଆର୍‌ଆଇମାନେ କେବଳ ୪୯% ଅଂଶଧନ ଏୟାର ଇଣ୍ଡିଆରେ ହାସଲ କରିବା ନିୟମ ରହିଥିଲା। ସେହିଭଳି ଅଟୋମେଟିକ ଉପାୟରେ ବିଦେଶୀ ନିବେଶ ୪୯% ଲାଗି ନିୟମ ରହିଛି। ଏହାଠାରୁ ଅଧିକ ପରିମାଣର ନିବେଶ କରିବାକୁ ଚାହୁଁଥିଲେ ସରକାରଙ୍କ ଅନୁମତି ଲୋଡ଼ାପଡୁଛି।

## ଟ୍ରାକ୍‌କୁ ଫେରୁଛି ଅର୍ଥ ବ୍ୟବସ୍ଥା:ସିଆଇଆଇ

**ନୂଆଦିଲ୍ଲୀ,୨୮।୭:** କରୋନା ଯୋଗୁ ଅର୍ଥ ବ୍ୟବସ୍ଥାକୁ ଗଭୀର କ୍ଷତି ହୋଇଛି। ଏହାଦ୍ୱାରା ଦେଶର ବିଭିନ୍ନ କ୍ଷେତ୍ର ପ୍ରଭାବିତ ହୋଇ ରହିଛି। ମାତ୍ର ଏପ୍ରିଲ ତୁଳନାରେ ବର୍ତ୍ତମାନ ଅର୍ଥ ବ୍ୟବସ୍ଥା ଟ୍ରାକ୍‌କୁ ଫେରୁ ଥିବା ଶିଳ୍ପ ସଂଘ ସିଆଇଆଇ ମତ ପ୍ରକାଶ କରିଛି। ସଂଘ ପକ୍ଷରୁ ମଙ୍ଗଳବାର କୁହାଯାଇଛି ଯେ, ଜିଏସ୍‌ଟି ସଂଗ୍ରହରେ ଉନ୍ନତି, ରେଳ ମାଲ ପରିବହନ ବୃଦ୍ଧି ଏବଂ ଦେଶରେ ପେଟ୍ରୋଲ ଓ ଡିଜେଲ ଚାହିଦା ବଢୁଥିବା ନଜରକୁ ଆସିଛି। ସବୁ କ୍ଷେତ୍ରରେ ଡାଟା ନ ଆସିଥିଲେ ମଧ୍ୟ କିଛି କ୍ଷେତ୍ରର ଡାଟାକୁ ବିଚାରକରି ଏହା ଜଣାପଡୁଛି ଯେ ଆର୍ଥିକ କାର୍ଯ୍ୟକଳାପ ଧୀରେ ଧୀରେ ତ୍ୱରାନ୍ୱିତ ହେଉଛି। ଅର୍ଥ ବ୍ୟବସ୍ଥା ଲକ୍‌ଡାଉନ ଯୋଗୁ ନିମ୍ନଗାମୀ ହୋଇଥିଲା। ମାତ୍ର ବର୍ତ୍ତମାନ ଏହା ଭି ଆକାରରେ ଟ୍ରାକ୍‌କୁ ଫେରୁଥିବା ସିଆଇଆଇ ରିପୋର୍ଟରେ ମତ ପ୍ରକାଶ ପାଇଛି।

## ଅଧିକ ଚାଇନା ସାମଗ୍ରୀ ଉପରେ ଲାଗିବ କଟକଣା

**ନୂଆଦିଲ୍ଲୀ,୨୮।୭**



ଗଲ୍‌ୱାନ ଘାଟିରେ ଚାଇନା ସେନା ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ କେନ୍ଦ୍ର ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଚାଇନା ବିରୋଧରେ ଆର୍ଥିକ କାର୍ଯ୍ୟାନୁଷ୍ଠାନ ଅନ୍ତର୍ଗତ ସେଠାରୁ ଆସୁଥିବା ଗୁଣବତ୍ତାହୀନ ପ୍ରଡକ୍ଟ ଉପରେ କଟକଣା ଲଗାଇବା ଲାଗି ନିଷ୍ପତ୍ତି ନେଇଛନ୍ତି। ଚାଇନା ସମେତ ଅନ୍ୟ ଦେଶଗୁଡିକରୁ ଭାରତକୁ ଆସୁଥିବା ଏଭଳି ସାମଗ୍ରୀଗୁଡିକର ଏକ ତାଲିକା ପ୍ରସ୍ତୁତ ହୋଇଛି। ଏଥିରେ ୩୭୧ ସାମଗ୍ରୀ ରହିଛି। ଏହାର ବିସ୍ତୃତ କ୍ୱାଲିଟି ପରୀକ୍ଷଣ ଉପରେ କେନ୍ଦ୍ର ସରକାର ଧ୍ୟାନ ଦେବେ। ନଜରରେ ରହିଥିବା ସାମଗ୍ରୀଗୁଡିକୁ ଇଣ୍ଡିଆନ ଷ୍ଟାଣ୍ଡାର୍ଡ ଅନ୍ତର୍ଭୁକ୍ତ କରାଯିବ। ନୂଆ ନିୟମକୁ ୨୦୨୧ ମାର୍ଚ୍ଚଠାରୁ ଲାଗୁ କରାଯିବ। ସାମଗ୍ରୀ ତାଲିକାରେ ଖେଳନା, ଷ୍ଟିଲ୍ ବାର୍, ଷ୍ଟିଲ୍ ଟ୍ୟୁବ, କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ, ଟେଲିକମ ଯନ୍ତ୍ରାଂଶ, ହେଭି ମେଶିନାରି, ପେପର, ରବର ଆର୍ଟିକିଲ, ଗ୍ଲାସ୍ ମ୍ୟାଟେରିଆଲ ସାମିଲ ରହିଛି। ଭାରତ ଏଭଳି ବର୍ଗ ସମେତ ଅନ୍ୟ ସାମଗ୍ରୀଗୁଡିକୁ ଚାଇନାରୁ ବହୁଳ ମାତ୍ରାରେ ଆମଦାନୀ କରିଥାଏ। ନୂଆ ନିୟମ ଲାଗୁ ହେଲେ ସରକାର ଏହି ବର୍ଗରେ ଚାଇନାରୁ ଆସୁଥିବା ସାମଗ୍ରୀଗୁଡିକୁ ନିୟନ୍ତ୍ରଣ କରିବା ଦିଗରେ ସକ୍ଷମ ହେବେ। ଅପରପକ୍ଷରେ ଆତ୍ମନିର୍ଭର ଭାରତ ଯୋଜନାକୁ ଏହାଦ୍ୱାରା ଦୃଢ଼ କରାଯାଇପାରିବ। ଚାଇନା ସହ ଭାରତର ବାଣିଜ୍ୟ କ୍ଷତି ବୃହତ୍ ସ୍ତରରେ ରହିଛି। ଧୀରେ ଧୀରେ ଚାଇନା ରପ୍ତାନି କମାଇବା ଉପରେ ସରକାର ବର୍ତ୍ତମାନ ଫୋକସ କରୁଥିବା ଜଣାପଡିଛି।

# ରାଜ୍ୟ ଖବର

### ବୀମା ସହାୟତା ନ ମିଳିଲେ ଚାଷୀ ଆନ୍ଦୋଳନ

**ଲୋଇସିଂହା, ୨୮।୭(ଡି.ଏନ.ଏ.):** ୨୦୧୯-୨୦ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଫସଲ ବୀମା ସହାୟତା ମିଳିବା ଜାଣି ଚାଷୀ ଖୁସି ହୋଇଥିଲେ। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ପକ୍ଷରୁ ଗାଁମାନଙ୍କରେ ନୋଟିସ୍ ଜାରି ପରେ ଚାଷୀଙ୍କ ଉତ୍ସାହ ଭାଙ୍ଗିଯାଇଛି। ଚାଷୀଙ୍କୁ ସହାୟତାରୁ ବଞ୍ଚିତ କରିବା ଉଦ୍ଦେଶ୍ୟରେ ବୀମା କମ୍ପାନୀ ଓ ଜିଲା ପ୍ରଶାସନର ମଧୁଚନ୍ଦ୍ରିକାରେ ଏପରି ନୋଟିସ୍‌କୁ ନେଇ ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବୀମା ବେଳେ ଦିଆଯାଇଥିବା ସତ୍ୟପାଠ ବଳରେ ସହୟତା ଦେବାକୁ ତହସିଲଦାରଙ୍କୁ ମଙ୍ଗଳବାର ଅନୁରୋଧ କରାଯାଇଛି। ନଚେତ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁସାରେ ଲୋଇସିଂହା ବ୍ଲକର ଚାଷୀମାନେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିଲେ। ସେତେବେଳେ ରୟଲ ସୁନ୍ଦରମ ବୀମା କମ୍ପାନୀ ଦେଇଥିବା ତଥ୍ୟ ଅନୁଯାୟୀ ଚାଷୀମାନେ ଖତିୟାନ କପି, ପ୍ଲଟ ନମ୍ବର, ସତ୍ୟପାଠ, ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବହି କପି ଇତ୍ୟାଦି ଦେଇ ଅନଲାଇନରେ ବୀମାଟଙ୍କା ପୈଠ କରିଥିଲେ। ପଞ୍ଚାୟତ ଅନୁସାରେ ହୋଇଥିବା କ୍ଷତି ହିସାବରେ ଏବେ ଚାଷୀଙ୍କୁ ସହାୟତା ଦିଆଯିବ। ହେଲେ ସହାୟତା ରାଶି ବଣ୍ଟନ ପୂର୍ବରୁ ତହସିଲ ପକ୍ଷରୁ ଗତ ୧୪ ତାରିଖରେ ଯେଉଁ ଖତିୟାନ ପ୍ଲଟଗୁଡିକରେ ପରିବାରର ଏକାଧିକ ସଦସ୍ୟଙ୍କ ଦ୍ୱାରା ବୀମା କରାଯାଇଛି ସେମାନେ ସହମତି ଭିତ୍ତିରେ ଭାଗ କରି ପୁର୍ନବାର ସତ୍ୟପାଠ କରି ପଞ୍ଚାୟତସ୍ତରୀୟ କମିଟିର ସଦସ୍ୟଙ୍କଠାରେ କପି ଦାଖଲ କରିବାକୁ କୁହାଯାଇଛି। ନଚେତ ସହୟତା ପାଇବାରୁ ବଞ୍ଚିତ ହେବେ ବୋଲି ଉକ୍ତ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି। କରୋନା କଟକଣା ସମୟରେ ଜିଲା ପ୍ରଶାସନ ପକ୍ଷରୁ କୌଣସି ସରକାରୀ ସଂକ୍ରାନ୍ତୀୟ ଅଭିଯୋଗ ଅନଲାଇନ ତଥା ହ୍ୱାଟସ ଆପ ମାଧ୍ୟମରେ କରିବାକୁ କୁହାଯାଇଛି। ଏଭଳି ସମୟରେ ଚାଷୀଙ୍କୁ ସତ୍ୟପାଠ କରି ଦାଖଲ କରିବା ପାଇଁ କୁହାଯିବା ଜିଲା ପ୍ରଶାସନର ଦୋମୁହାଁ ନୀତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

# ପ୍ଲାଜ୍‌ମା ଥେରାପିରେ ଗଞ୍ଜାମର ୩ ସୁସ୍ଥ

**ଛତ୍ରପୁର,୨୮।୭(ଡି.ଏନ୍.ଏ.)**



ସୁସ୍ଥ ହୋଇଥିବା ୩ଜଣଙ୍କ ସହ ଜିଲାପାଳ।

- ୨୯୧ ଜଣ ଦାନ କରିବେ ପ୍ଲାଜ୍‌ମା
- ଖୁବ୍‌ଶୀଘ୍ର ଏମ୍‌କେସିଜିରେ ସଂଗ୍ରହ ହେବ

ଗଞ୍ଜାମ ଜିଲା ଶୀତଳାପଲ୍ଲୀ ଟାଟା କୋଭିଡ୍ ହସ୍ପିଟାଲରେ ପ୍ରଥମ ଥର ପ୍ଲାଜ୍‌ମା ଥେରାପିରେ ୩ ଗୁରୁତର କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ମହିଳା ଓ ଜଣେ ପୁରୁଷ ଅଛନ୍ତି। ମଙ୍ଗଳବାର କୋଭିଡ୍ ହସ୍ପିଟାଲରୁ ଏମାନେ ଘରକୁ ଫେରିଛନ୍ତି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ହସ୍ପିଟାଲରେ ସୁସ୍ଥ ହୋଇଥିବା ଏହି ୩ ଜଣଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇବା ସହ ଏ ସମ୍ପର୍କରେ ଟୁଇଟ୍ କରି ସୂଚନା ଦେଇଛନ୍ତି। ସଫଳ ପ୍ଲାଜ୍‌ମା ଥେରାପି ପାଇଁ ଡାକ୍ତରମାନଙ୍କ ପ୍ରଚେଷ୍ଟାକୁ ସେ ପ୍ରଶଂସା କରିଛନ୍ତି। ଏଥିସହ କରୋନାରୁ ସୁସ୍ଥ ହେଉଥିବା ବ୍ୟକ୍ତିମାନେ ମଧ୍ୟ ପ୍ଲାଜ୍‌ମା ଦାନ କରିବାକୁ ଆଗେଇ ଆସିବାକୁ ଜିଲାପାଳ ପୁଣି ଥରେ ଅନୁରୋଧ କରିଛନ୍ତି।

ଗତ ୨୧ ତାରିଖରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ପ୍ଲାଜ୍‌ମା ଥେରାପି ଆରମ୍ଭ ହୋଇଥିଲା। କଟକ ଏସ୍‌ସିବିରୁ ପ୍ରଥମେ ୩ ଓ ପରେ ଆଉ ୩ ଏପରି ମୋଟ ୬ ୟୁନିଟ୍ ପ୍ଲାଜ୍‌ମା ଏମ୍‌କେସିଜିକୁ ଆସିଥିଲା। ପରେ ଟାଟା କୋଭିଡ୍ ହସ୍ପିଟାଲ୍‌କୁ ଏହା ପଠାଯାଇ ଗୁରୁତର ଆକ୍ରାନ୍ତଙ୍କୁ ଦିଆଯାଇଥିଲା। ପ୍ଲାଜ୍‌ମା ଥେରାପି ନେଇଥିବା ୩ ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ଆଉ ୩ ଜଣ ମଧ୍ୟ ଖୁବ୍‌ଶୀଘ୍ର ସୁସ୍ଥ ହୋଇଯିବେ ବିଶ୍ୱାସ ଅଛି ବୋଲି ଜିଲାପାଳ କହିଛନ୍ତି। ଡାକ୍ତରମାନଙ୍କ ସହ ଜିଲାପାଳ ପ୍ଲାଜ୍‌ମା ଥେରାପି ସମ୍ପର୍କରେ ଆଲୋଚନା କରିଥିବା କହିଛନ୍ତି। ପ୍ଲାଜ୍‌ମା ଥେରାପିକୁ ବଡି ସପୋର୍ଟ କରୁଛି ଏବଂ ଆଣ୍ଟିବଡି ବଢୁଛି। ଆବଶ୍ୟକ କରୁଥିବା ରୋଗୀଙ୍କୁ ଡାକ୍ତର ଚିହ୍ନଟ କରି ପ୍ଲାଜମା ଥେରାପି ଦେଉଥିବା ଜିଲାପାଳ କହିଛନ୍ତି। ଏ ପର୍ଯ୍ୟନ୍ତ ଜିଲାର ୨୯୧ ଜଣ ପ୍ଲାଜ୍‌ମା ଦାନ କରିବାକୁ ପଞ୍ଜୀକୃତ ହୋଇଛନ୍ତି। ଜିଲାରେ ୫ ହଜାର ଲୋକ କରୋନାରୁ ସୁସ୍ଥ ହୋଇଥିବାରୁ ଏହାର ସଂଖ୍ୟା ବଢିବ ବୋଲି ଆଶା କରାଯାଉଛି। ଖୁବ୍‌ଶୀଘ୍ର ଏମ୍‌କେସିଜିରେ ପ୍ଲାଜ୍‌ମା ସଂଗ୍ରହ ପାଇଁ ବ୍ୟବସ୍ଥା ହେଉଛି ବୋଲି ଜିଲାପାଳ କହିଛନ୍ତି।

## କରୋନା ପରିଚାଳନାରେ ସରକାର ନୂଆଦିଲ୍ଲୀ ମଡେଲ ଆପଣାନ୍ତୁ: ଭାଜପା

**ଭୁବନେଶ୍ୱର,୨୮।୭(ବ୍ୟୁରୋ)**

ରାଜଧାନୀରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଗତ ୨୭ ସୁଦ୍ଧା ୨୧୫୦ରେ ପହଞ୍ଚିଥିବା ସରକାରୀ ଭାବେ ସ୍ପଷ୍ଟ କରାଯାଇଛି । ଭୁବନେଶ୍ୱର ଭଳି ଜନସଂଖ୍ୟା ବିଶିଷ୍ଟ ସହରରେ ଏତେ ମାତ୍ରାରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ଚିନ୍ତାର ବିଷୟ ହୋଇଛି। କ୍ୱାରାଣ୍ଟାଇନ ସେଣ୍ଟର ବା ହୋମ୍ କ୍ୱାରାଣ୍ଟାଇନ୍ ବ୍ୟକ୍ତିଙ୍କୁ ଛାଡ଼ି ଲୋକାଲ କେସ୍ ଦ୍ରୁତବେଗରେ ବଢ଼ିବା ଆହୁରି ଚିନ୍ତା ବଢାଇଥିବା ଭାଜପା ନେତା ବାବୁ ସିଂ କହିଛନ୍ତି। ରାଜ୍ୟ ସରକାର ନୂଆଦିଲ୍ଲୀ ମଡେଲ ଆପଣାନ୍ତୁ ବୋଲି ସେ କହିଛନ୍ତି।

ଖବରଦାତା ସମ୍ମିଳନୀରେ ବାବୁ କହିଛନ୍ତି, ବସ୍ତିଗୁଡ଼ିକରୁ ବିଗତ କିଛିଦିନ ମଧ୍ୟରେ କରୋନା ପଜିଟିଭ ସଂଖ୍ୟାରେ ଦ୍ରୁତ ବୃଦ୍ଧି ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିଛି। ହୋମ୍ ଆଇସୋଲେଶନରେ ଥିବା ବ୍ୟକ୍ତି ବାରମ୍ବାର ଫୋନ କରି ଡାକ୍ତରୀ ସହାୟତା ମାଗିଲେ ମଧ୍ୟ ସେମାନେ ସେ ସୁବିଧାରୁ ବଞ୍ଚିତ ହେବା ନେଇ ଦୈନିକ ଅନେକ ଅଭିଯୋଗ ଆସୁଛି । କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କର କଣ୍ଟାକ୍ଟ ଟ୍ରେସିଂ ରାଜଧାନୀରେ ଠିକ୍ ଭାବରେ ହୋଇପାରୁ ନ ଥିବାରୁ ଗୋଷ୍ଠୀ ସଂକ୍ରମଣ ହେବାର ଭୟ ଦେଖାଯାଇଛି । କରୋନା ବ୍ୟତୀତ ଅନ୍ୟାନ୍ୟ ସାଧାରଣ ଓ ଗୁରୁତର ରୋଗୀମାନଙ୍କର ରାଜଧାନୀ ବେସରକାରୀ ଚିକିତ୍ସାଳୟଗୁଡ଼ିକରେ ଅତି ଖରାପ ପରିସ୍ଥିତିରେ ପହଞ୍ଚିଛି । ଏଭଳି ସ୍ଥିତିର ମୁକାବିଲା ପାଇଁ କେନ୍ଦ୍ର ସରକାର ବିଶେଷ ଭାବେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବିଶେଷ ସହଯୋଗ ଲୋଡ଼ିବାକୁ ଅନୁରୋଧ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ବାବୁ ନିବେଦନ କରିଛନ୍ତି ।

## ଯାତ୍ରୀବାହୀ ଟ୍ରେନ୍ ଚଳାଇବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

**ଭୁବନେଶ୍ୱର,୨୮।୭(ବ୍ୟୁରୋ):** ହରିଦାସପୁର-ପାରାଦୀପ ନୂଆ ରେଳଲାଇନ୍‌ରେ ଯାତ୍ରୀବାହୀ ଟ୍ରେନ୍ ଚଳାଇବାକୁ ଅନୁମତି ଦେବା ସହ ବ୍ୟବସ୍ଥା କରିବା ନିମନ୍ତେ ମଙ୍ଗଳବାର କେନ୍ଦ୍ର ରେଳମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି। ଆସନ୍ତା ଅଗଷ୍ଟ ମାସରୁ ଏହି ରୁଟ୍‌ରେ ଟ୍ରେନ୍ ଚଳାଇବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଲେଖିଛନ୍ତି, ଏଚ୍‌ପିଆର୍‌ସିଏଲ୍ ନାମକ ସ୍ପେଶାଲ ପରପଜ୍ ଭେହିକିଲ (ଏସ୍‌ପିଭି) କମ୍ପାନୀ ଏହି ରେଳ ପ୍ରକଳ୍ପର କାର୍ଯ୍ୟ କରୁଛି। ଏସ୍‌ପିଭିରେ କେନ୍ଦ୍ର ସହ ଓଡ଼ିଶା ସରକାରଙ୍କ ଅଂଶଧନ ରହିଛି। ଓଡ଼ିଶା ସରକାର ଷ୍ଟାମ୍ପଡ୍ୟୁଟି, ରେଜିଷ୍ଟ୍ରେଶନ ଫି ସମେତ ଅଧିଗ୍ରହଣ ଜମିର ପ୍ରିମିୟମ ଛାଡ଼ କରିଛନ୍ତି। ଏହି ୮୨ କି.ମି. ନୂଆ ରେଳପଥ ନିର୍ମାଣ କାର୍ଯ୍ୟ ଏବେ ସରିଛି। ଏହା ନିର୍ମାଣ ହେବା ପରେ କେନ୍ଦ୍ରାପଡ଼ା ଜିଲା ପ୍ରଥମ ଥର ପାଇଁ ରେଳ ମାନଚିତ୍ରରେ ସାମିଲ ହୋଇପାରିଛି। କେନ୍ଦ୍ରାପଡ଼ାବାସୀ ଏଯାଏ ପାସେଞ୍ଜର ଟ୍ରେନ ଦେଖି ନାହାନ୍ତି। ତେଣୁ ପାସେଞ୍ଜର ଟ୍ରେନ ଚାଲିଲେ କେନ୍ଦ୍ରାପଡ଼ା ଜିଲାବାସୀଙ୍କ ଆଶା ପୂରଣ ହୋଇପାରିବ। ଏସ୍‌ପିଭି କମ୍ପାନୀ ମଧ୍ୟ ଉକ୍ତ ମାର୍ଗରେ ପାସେଞ୍ଜର ଟ୍ରେନ ଚଳାଇବାକୁ ସୁପାରିସ୍ କରିଛି। ଏହି ରେଳମାର୍ଗରେ ଗତ ୯ ତାରିଖରେ ପରୀକ୍ଷାମୂଳକ ଭାବେ ଟ୍ରେନ ଚଳାଚଳ କରିଥିଲା।

**ହରିଦାସପୁର-ପାରାଦୀପ ନୂଆ ରେଳପଥ**

## ତ୍ରୁଟିପୂର୍ଣ୍ଣ ରିପୋର୍ଟ ଗୋଳମାଳ କରିଛି: ଶ୍ୟାମଷ୍ଟିଲ

**ଯାଜପୁର ଅଫିସ, ୨୮।୭**

**ସୁକିନ୍ଦା ମେଗା ଜଳ ଯୋଗାଣ ପ୍ରକଳ୍ପ**

ଯାଜପୁର ଜିଲାର ଖଣି ଅଞ୍ଚଳ ସୁକିନ୍ଦା ବ୍ଲକରେ ନିର୍ମାଣାଧୀନ ମେଗା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟରେ ଏମ୍‌ଏସ୍‌ଭି(ମ୍ୟାନେଜମେଣ୍ଟ, ସର୍ଭିସ ଓ ଭାଲ୍ୟୁ) ଅଥରିଟିର ତ୍ରୁଟିପୂର୍ଣ୍ଣ ରିପୋର୍ଟ ଯୋଗୁ ଗୋଳମାଳ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ମର୍ମରେ ଶ୍ୟାମ୍ ଷ୍ଟିଲ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଗତବର୍ଷ ଯାଜପୁର, କେନ୍ଦୁଝର ଓ ସୁନ୍ଦରଗଡ ଜିଲାରେ ଓଏମବିଏଡିସି (ଓଡ଼ିଶା ଖଣି ଅଞ୍ଚଳ ଉନ୍ନୟନ ନିଗମ) ପାଣ୍ଠିରେ ମେଗା ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପଗୁଡ଼ିକରେ ଇନ୍‌ଟେକ ୱେଲ, ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ପାଇପଲାଇନ ଦ୍ୱାରା ଜଳ ଯୋଗାଣ କାର୍ଯ୍ୟ ସାମିଲ ଥିଲା। ୭୯.୫୬ କୋଟି ଟଙ୍କାର ସୁକିନ୍ଦା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ଗତ ବର୍ଷ ଜୁଲାଇରେ ପରାମର୍ଶଦାତା ଏମ୍‌ଏସ୍‌ଭି ଅଥରିଟି ପକ୍ଷରୁ ନିରୀକ୍ଷଣ କରାଯାଇଥିଲା। ଅଥରିଟି ସେଠାରୁ ନମୁନା ସଂଗ୍ରହ କରି ନିଜସ୍ୱ ପରୀକ୍ଷାଗାରରେ ପରୀକ୍ଷା କରିଥିଲା। ତେବେ ଠିକାସଂସ୍ଥା ଏନ୍‌ସିସି(ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ)ଦ୍ୱାରା ସୁକିନ୍ଦା-୧ ମେଗା ପାନୀୟ ଜଳ ପ୍ରକଳ୍ପରେ ବ୍ୟବହୃତ ବିଭିନ୍ନ ନିର୍ମାଣ ସାମଗ୍ରୀ ନିମ୍ନମାନର ବୋଲି ଏମ୍‌ଏସ୍‌ଭି ଅଥରିଟି ରିପୋର୍ଟରେ ଦର୍ଶାଇଥିଲା।

ଏହି ରିପୋର୍ଟ ଆଧାରରେ ପ୍ରକଳ୍ପ କାର୍ଯ୍ୟରୁ ଶ୍ୟାମଷ୍ଟିଲର ସମସ୍ତ ସାମଗ୍ରୀ ହଟାଇ ଦେବାକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆରଡବ୍ଲ୍ୟୁଏସ୍‌ଏସ୍) ବିଭାଗର ଚିଫ୍ ଇଞ୍ଜିନିୟର-୩ ତାଙ୍କ ପତ୍ରସଂଖ୍ୟା ୬୦୩୩/୧୫।୭।୨୦୧୯ରେ ଏନ୍‌ସିସିର ସିନିୟର ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ପରବର୍ତ୍ତୀ ନୋଟିସ୍ ନ ମିଳିବା ପର୍ଯ୍ୟନ୍ତ ଶ୍ୟାମ୍ ଷ୍ଟିଲ୍‌ର କୌଣସି ସାମଗ୍ରୀ ନିର୍ମାଣ କାର୍ଯ୍ୟରେ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କ୍ରମରେ କିଣାଯାଇଥିବା ଷ୍ଟିଲ ସାମଗ୍ରୀକୁ ଦ୍ୱିତୀୟ ଥର ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମାନ୍ୟତାପ୍ରାପ୍ତ ପରୀକ୍ଷାଗାରରେ ପରୀକ୍ଷା କରାଯାଇଥିଲା। ଏମ୍‌ଏସ୍‌ଭି ଅଥରିଟିର ପ୍ରସ୍ତାବରେ ଯାଜପୁର ଆରଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ସଂଗୃହୀତ ନମୁନାକୁ କଟକ ସେଣ୍ଟ୍ରାଲ ଲାବୋରେଟୋରି (ଆର ଆଣ୍ଡ ବି), ଏନ୍‌ଆଇଟି ରାଉରକେଲା ଏବଂ ଭୁବନେଶ୍ୱର ଆଇଏମ୍‌ଏମ୍‌ଟି ଲାବୋରେଟୋରିରେ ପରୀକ୍ଷା କରାଯାଇଥିଲା। ତେବେ ସେଣ୍ଟ୍ରାଲ ଲାବୋରେଟୋରି (ଆର୍‌ଆଣ୍ଡବି) ଡିଭିଜନ ପକ୍ଷରୁ ୧୩୦୯/୯।୭।୨୦୧୯ ନମ୍ବର ପତ୍ରରେ ଶ୍ୟାମ୍ ଷ୍ଟିଲ୍ ସାମଗ୍ରୀର ଗୁଣବତ୍ତା ସନ୍ତୋଷଜନକ ଓ ବ୍ୟବହାର ଉପଯୋଗୀ ବୋଲି ଦର୍ଶାଯାଇଥିଲା। ଏହାସହ ରାଉରକେଲା ଏନଆଇଟି ଓ ଆଇଏମ୍‌ଏମ୍‌ଟି ଭୁବନେଶ୍ୱର ରିପୋର୍ଟ ମଧ୍ୟ ଶ୍ୟାମ୍ ଷ୍ଟିଲ୍ ସାମଗ୍ରୀ ସପକ୍ଷରେ ଯାଇଥିଲା। ଏପରି ଭାବେ ୩ଟି ପର୍ଯ୍ୟାୟରେ ହୋଇଥିବା ସରକାରୀ ମାନ୍ୟତାପ୍ରାପ୍ତ ପରୀକ୍ଷାଗାରର ପରୀକ୍ଷାରେ ଶ୍ୟାମଷ୍ଟିଲ ସାମଗ୍ରୀ ଉତ୍ତୀର୍ଣ୍ଣ ହୋଇଥିଲା।

ଧରିତ୍ରୀ
DHARITRI
ବୁଧବାର, ୨୯ ଜୁଲାଇ, ୨୦୨୦



ଏମ୍ସର ଡାକ୍ତରମାନେ ଜଣେ ବ୍ୟକ୍ତିଙ୍କ ଲିଭରରେ ରହିଥିବା ୨୦ ସେମି ଲମ୍ବର ଷ୍ଟିଲ୍ ଛୁରି ବାହାର କରିଛନ୍ତି। ଏବେ ସମ୍ପୃକ୍ତ ବ୍ୟକ୍ତି ସୁସ୍ଥ ଥିବା ଦିଲ୍ଲୀ ଏମ୍ସ ପକ୍ଷରୁ କୁହାଯାଇଛି। ହରିୟାଣାର ୨୮ ବର୍ଷର ଏହି ବ୍ୟକ୍ତି ଜଣକ ଦେଢ଼ମାସ ତଳେ ଛୁରିକୁ ଗିଳି ଦେଇଥିଲେ। ଏହାପରେ ସାଧାରଣ ଭାବେ ସେ ଚଳପ୍ରଚଳ ହେଉଥିଲେ। ତାଙ୍କର ତଳିପେଟରେ ଯନ୍ତ୍ରଣା ହେବା ସହିତ ଭୋକ ନ ହେବାରୁ ତାଙ୍କର ଏକ୍ସ-ରେ କରାଯାଇଥିଲା। ଜଣାପଡ଼ିଥିଲା ତାଙ୍କର ଲିଭରରେ ଏକ ବଡ଼ ଛୁରି ଅଟକି ରହିଛି। ଏମ୍ସର ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଭାଗର ସର୍ଜନ ଡାକ୍ତର ଏନ୍.ଆର୍. ଦାସଙ୍କ ନେତୃତ୍ୱରେ ବ୍ୟକ୍ତିଙ୍କର ଅପରେଶନ୍ କରାଯାଇଥିଲା।



# ବ୍ରହ୍ମପୁତ୍ର ନଦୀ ତଳେ ହେବ ସୁଡ଼ଙ୍ଗ



## ଚାଇନା ଷଡ଼ଯନ୍ତ୍ରକୁ ରୋକାଯିବ

**ନୂଆଦିଲ୍ଲୀ**

ବ୍ରହ୍ମପୁତ୍ର ନଦୀରେ ଆସୁଥିବା ବନ୍ୟା ଚାଇନାର ପ୍ରତ୍ୟେକ ଷଡଯନ୍ତ୍ରକୁ ଶକ୍ତି ପ୍ରଦାନ କରିଥାଏ ଏବଂ ଆମର ସମସ୍ତ ପ୍ରସ୍ତୁତିକୁ ପଛରେ ପକାଇଥାଏ। ଏଥିପାଇଁ ଅରୁଣାଚଳ ପ୍ରଦେଶକୁ ସୁରକ୍ଷା ଦେବା ପାଇଁ ଭାରତ ସରକାର ଏକ ନୂଆ ଯୋଜନା ପ୍ରସ୍ତୁତ କରିଛନ୍ତି। ଏମିତି ଏକ ଟନେଲ୍ ବା ସୁଡ଼ଙ୍ଗ ବ୍ରହ୍ମପୁତ୍ର ନଦୀ ତଳେ ନିର୍ମାଣ ହେବାକୁ ଯାଉଛି, ଯାହା ଚାଇନାକୁ ପାନେ ଦେବ। ଚାଇନାର ସମସ୍ତ ଷଡ଼ଯନ୍ତ୍ରକୁ ଏହା ରୋକିବ। ଖାଲି ଏତିକି ନୁହେଁ ବରଂ ଅରୁଣାଚଳର ଦୂର ସ୍ଥାନକୁ ଆମର ସେନା ମଧ୍ୟ ସହଜରେ ପ୍ରବେଶ କରିପାରିବେ। ବ୍ରହ୍ମପୁତ୍ର ନଦୀ ତଳେ ୧୫ କିଲୋମିଟର ଲମ୍ବର ଏହି ସୁଡ଼ଙ୍ଗ ନିର୍ମାଣ ହେବ। ଯେଉଁଥିରେ ସେନାର ସଶସ୍ତ୍ର ଯାନଗୁଡ଼ିକ ମଧ୍ୟ ପ୍ରବେଶ କରିପାରିବ। ଫଳରେ ଚାଇନା ଆଉ ବ୍ରହ୍ମପୁତ୍ର ନଦୀକୁ ଅସ୍ତ୍ର ଭାବରେ ବ୍ୟବହାର କରିପାରିବ ନାହିଁ। ଅରୁଣାଚଳ ପ୍ରଦେଶର ଦୁର୍ଗମ ଅଞ୍ଚଳରେ ଚାଇନାର ଜଳ ଖେଳ ଯୋଜନାରେ ଏହି ଅଣ୍ଡର ୱାଟର ସୁଡ଼ଙ୍ଗ ଚାଇନାର ରଣନୀତିକୁ ବଡ଼ ଝଟ୍‌କା ଦେବ। ଭାରତ ସରକାର ବ୍ରହ୍ମପୁତ୍ର ନଦୀ ତଳେ ଏହି ରଣନୈତିକ ସୁଡ଼ଙ୍ଗ ନିର୍ମାଣକୁ ଅନୁମୋଦନ କରିଛନ୍ତି। ଯାହା ଆସାମ ଏବଂ ଅରୁଣାଚଳ ପ୍ରଦେଶ ମଧ୍ୟରେ ଯେକୌଣସି ପାଣିପାଗରେ ସଂଯୋଗ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସୁଡ଼ଙ୍ଗ ଚାଇନା ପାଇଁ ମୁଣ୍ଡବିନ୍ଧାର କାରଣ ହେବ। ଏହି ସୁଡ଼ଙ୍ଗ ଦୁଇଟି ଅଞ୍ଚଳ ଯଥା ଆସାମର ନୁମାଲିଗଡ଼ ସହତ ଗୋହପୁରକୁ ସଂଯୋଗ କରିବ। ଏପରିକି ୨୧୪ କିଲୋମିଟର ଦୂରତା ମାତ୍ର ୧୫ କିଲୋମିଟରକୁ ହ୍ରାସ ପାଇବ। ଯେଉଁଠିକୁ ଯିବା ପାଇଁ ଘଣ୍ଟାଏ ଲାଗୁଥିଲା ତାହା ଏବେ ୧୫ ମିନିଟ୍‌ରେ ଅତିକ୍ରମ କରିହେବ। ଅରୁଣାଚଳ ପ୍ରଦେଶରେ ପହଞ୍ଚିବା ପାଇଁ ଏହା ସେନାଙ୍କ ପାଇଁ ଏକ ବଡ଼ ଆହ୍ୱାନ। ଏହି ସୁଡ଼ଙ୍ଗ ଶତ୍ରୁପକ୍ଷର ଲାଇଫ୍‌ଲାଇନ୍ କାଟିବା ପାଇଁ ଏକ ବଡ଼ ପ୍ରୟାସ।

# କ୍ୱାରାଣ୍ଟାଇନ୍ ପରେ ବାହାରିଲେ ସୋନମ



ସୋନମ କପୁର

ମୁମ୍ବାଇ: ନିକଟରେ ବଲିଉଡ୍ ଅଭିନେତ୍ରୀ ସୋନମ କପୁର ନିଜ ସ୍ୱାମୀ ଆନନ୍ଦ ଆହୁଜାଙ୍କ ସହ ଲଣ୍ଡନ ଫେରିଯାଇଛନ୍ତି। ଲଣ୍ଡନରେ ପହଞ୍ଚିବା ପରେ କରୋନା ସଙ୍କଟ ଯୋଗୁ ଦୁହିଁଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିଥିଲା। କ୍ୱାରାଣ୍ଟାଇନ୍ ଅବଧି ଶେଷ ହେବା ପରେ ସେ ପ୍ରଥମ ଥର ପାଇଁ ଘରୁ ବାହାରକୁ ପାଦ କାଢ଼ିଛନ୍ତି। ସର୍ବ ପ୍ରଥମେ ସୋନମ ଜିମ୍ ଯାଇଥିଲେ। ସେଠାରେ ଜିମ୍ ଟ୍ରେନରଙ୍କୁ ଦେଖି ସେ ଖୁସି ପ୍ରକାଶ କରିଛନ୍ତି। ଏଥିସହ ସୋନମ ତାଙ୍କ ସହିତ ଏକ ଫଟୋ ଉଠାଇ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିବା ଦେଖିବାକୁ ମିଳିଛି। ତାଙ୍କର ଏହି ଫଟୋକୁ ପ୍ରଶଂସକ ବେଶ୍ ପସନ୍ଦ କରିଛନ୍ତି। ଏହାଛଡ଼ା ବାପା ଅନୀଲ କପୁର ମଧ୍ୟ ଝିଅ ସୋନମଙ୍କୁ ଜିମ୍‌କୁ ଫେରିଥିବା ଦେଖି ଖୁସିବ୍ୟକ୍ତ କରିଛନ୍ତି। ତାଙ୍କ ଫଟୋରେ ଅନୀଲ ଏକ ଥମ୍ବସ୍ ଓ ହାର୍ଟର ଇମୋଜି ଶେୟାର କରି ଖୁସି ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆରେ ସବୁବେଳେ ଆକ୍ଟିଭ୍ ରହୁଥିବା ସୋନମ ପ୍ରାୟ ସମୟରେ କିଛି ଭିଡିଓ ଓ ଫଟୋ ଶେୟାର କରିଥାନ୍ତି। ନିକଟରେ ସେ ଏକ ପାର୍କରେ ବୁଲୁଥିବାର ଦେଖି ୟୁଜର୍ସ ତାଙ୍କୁ କମେଣ୍ଟ କରିଥିଲେ। ସେ କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନ କରିଛନ୍ତି ବୋଲି ପ୍ରଶଂସକ ଅଭିଯୋଗ ଆଣିଥିଲେ। ତେବେ ପ୍ରଶଂସକଙ୍କ ଏହି ଅଭିଯୋଗର ଉତ୍ତର ରଖି ସୋନମ କହିଥିଲେ, ଏହା କୌଣସି ପାର୍କର ଫଟୋ ନୁହେଁ। ଏହା ତାଙ୍କ ଘରର ଗାର୍ଡେନ ଯେଉଁଠାରୁ ସେ ଫଟୋ ଓ ଭିଡିଓ ଶେୟାର କରିଥାନ୍ତି।

**ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା**



**ପ୍ରତୀକ୍ଷା ପିୟଦର୍ଶନୀ ପ୍ରଧାନ (ପରୀ)**
ଓରୋକଳ, ଜଟଣୀ, ଖୋର୍ଦ୍ଧା
ଆଜି ତୋର ଅଷ୍ଟମ ଜନ୍ମଦିନ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ସହ ବିଦ୍ୟାବୁଦ୍ଧିର ନିପୁଣ କରନ୍ତୁ।
**-:ଶୁଭେଚ୍ଛା ସହ:-**
ତୋର ଜେଜେ, ମା, ଅଜା, ବାବା, ମାମା, ଦାଦା, ମାଉସୀ, ମାମୁ, ମାଇଁ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୯୫୨୬

# ଅନାହାରରେ ମାସକୁ ୧୦ ହଜାର ଶିଶୁମୃତ୍ୟୁ

## ଜାତିସଂଘ ରିପୋର୍ଟ

ଜେନେଭା: ପୃଥିବୀରେ କରୋନା ମହାମାରୀ ସଙ୍କଟ ଜାରି ରହିଛି। ସଂକ୍ରମଣରୁ ଦୂରେଇ ରହିବା ଲାଗି ବହୁ ଦେଶରେ ଲକ୍‌ଡାଉନ୍ ଜାରି ରହିଛି। ଏହାଯୋଗୁ ଗରିବ ଲୋକେ କାମଧନ୍ଧା ପାଇପାରୁ ନାହାଁନ୍ତି। ସେମାନଙ୍କ ପାଖରେ ଟଙ୍କାର ଅଭାବ ସୃଷ୍ଟି ହୋଇଛି। ଫଳରେ ଏଭଳି ଲୋକେ ଖାଇବାକୁ ପାଉ ନ ଥିବା ଜାତିସଂଘ ପକ୍ଷରୁ ହୋଇଥିବା ଏକ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବୟସ୍କମାନେ ଭୋକକୁ ସମ୍ଭାଳି ପାରୁଥିବାବେଳେ ଛୋଟ ପିଲାଙ୍କ ପାଇଁ ଭୋକ ଅସହ୍ୟ ହେଉଛି। ପ୍ରତିମାସରେ ପୃଥିବୀରେ ୧୦ ହଜାରରୁ ଅଧିକ ପିଲାଙ୍କର ଭୋକ ଯୋଗୁ ମୃତ୍ୟୁ ଘଟୁଛି। ସହର ତୁଳନାରେ ଗ୍ରାମାଞ୍ଚଳରେ ଏଭଳି ଘଟଣା ଅଧିକ ଘଟୁଥିବା ରିପୋର୍ଟ ଦର୍ଶାଯାଇଛି। ବଜାର ବନ୍ଦ ରହିବା ଯୋଗୁ ଗାଁର ଛୋଟ ଚାଷୀ ନିଜ ଫସଲ ବିକ୍ରି କରି ପାରୁନାହାନ୍ତି। ସେମାନଙ୍କର ଆର୍ଥିକ ଅବସ୍ଥା ଖରାପ ହେବାରେ ଲାଗିଛି। ଲାଟିନ୍ ଆମେରିକାଠାରୁ ଆରମ୍ଭ କରି ଦକ୍ଷିଣ ଏସିଆ ଏବଂ ସାହାରା ତଥା ଆଫ୍ରିକାରେ ଏଭଳି ଘଟଣା ଅଧିକ ଘଟିବାରେ ଲାଗିଥିବା ରିପୋର୍ଟ କୁହାଯାଇଛି। ସାହାରା ଏବଂ ଆଫ୍ରିକାରେ ଏଭଳି ଘଟଣା ଥମିବାର ନାଁ ଧରୁନି। ସୁଦାନରେ ୯୬ରୁ ଅଧିକ ଲୋକ ଦିନରେ ଥରେ ଖାଇବାକୁ ପାଉଛନ୍ତି। ତାହା ପୁଣି ଅଳ୍ପ ପରିମାଣରେ ମିଳୁଥିବା ରିପୋର୍ଟରେ ଦର୍ଶାଯାଇଛି। ଖାଦ୍ୟର ଅଭାବ ଯୋଗୁ ପ୍ରତିମାସରେ ୫ ଲକ୍ଷ ୫୦ ହଜାରରୁ ଅଧିକ ଶିଶୁ କୁପୋଷଣର ଶିକାର ହେଉଛନ୍ତି। ସେହିପରି ଆଫଗାନିସ୍ତାନରେ ଜାନୁୟାରୀଠାରୁ ବର୍ତ୍ତମାନ ମଧ୍ୟରେ ଏଭଳି ଶିଶୁଙ୍କ ସଂଖ୍ୟା ୬ ଲକ୍ଷ ୯୦ ହଜାରରୁ ୭ଲକ୍ଷ ୮୦ ହଜାରରେ ପହଞ୍ଚିଛି।



# ୨୮ ବର୍ଷ ପରେ ପୂରା କଲେ ପ୍ରତିଜ୍ଞା

ୱାଶିଂଟନ: ପ୍ରଚୁର ଟଙ୍କା ଦେଖିଲେ ଅନେକଙ୍କର ପ୍ରକୃତି ପରିବର୍ତ୍ତନ ହୋଇଯାଏ। କିନ୍ତୁ ନିଜର କଥା ରଖିବା ପାଇଁ କୋଟି କୋଟି ଟଙ୍କାକୁ ବି ଭାଗ କରିବାକୁ ପଛାଇ ନାହାନ୍ତି ଆମେରିକାର ଟମ୍ କୁକ୍। ୨୮ ବର୍ଷ ତଳେ ସେ ତାଙ୍କର ବନ୍ଧୁ ଜୋଶେଫ୍‌ଙ୍କ ସହ ମିଶି ପରସ୍ପରକୁ କଥା ଦେଇଥିଲେ ଯେ, ସେମାନଙ୍କ ମଧ୍ୟରୁ କେହି ଯଦି କେବେ ଲଟେରି ଜିତନ୍ତି ତେବେ ସେହି ଅର୍ଥକୁ ସମାନ ଭାବେ ବାଣ୍ଟି ନେବେ। ଟମ୍ କୁକ୍ ଏବେ କିଛିଦିନ ତଳେ ଏକ ଲଟେରି ଜିତି ୧୬୪ କୋଟି ଟଙ୍କା ପାଇଥିଲେ। ଆଉ ସେ ତାଙ୍କ ବନ୍ଧୁଙ୍କ ସହ କରିଥିବା ଶପଥ ପୂରା କରିବା ପାଇଁ ଲଟେରିରେ ମିଳିଥିବା ଟଙ୍କାକୁ ସମାନ ଦୁଇଭାଗରେ ବାଣ୍ଟି ତାଙ୍କ ବନ୍ଧୁ ଜୋଶେଫ୍‌ଙ୍କୁ ଦେଇଛନ୍ତି। ଏତେ ଗୁଡ଼ାଏ ଟଙ୍କା ଦେଖି ୨୮ ବର୍ଷ ତଳର ଶପଥକୁ ଯେ କେହି ବି ଭୁଲିଯିବାକୁ ପଛାଇବ ନାହିଁ। କିନ୍ତୁ ଟମ୍ ତାଙ୍କ ବନ୍ଧୁଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ତାଙ୍କୁ ଟଙ୍କା ଦେଇ ଏବେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟି ଯାଇଛନ୍ତି। ଟମ୍ ଯେତେବେଳେ ଲଟେରି ଟଙ୍କା ଦେବା ଖବର ଜୋଶେଫ୍‌ଙ୍କୁ ଶୁଣାଇଥିଲେ ସେ ଆଦୌ ବିଶ୍ୱାସ କରି ପାରି ନ ଥିଲେ। ଲଟେରିରେ ଏତେ ଟଙ୍କା ହଠାତ୍ ପାଇ ସେ ବହୁତ ଖୁସି ହୋଇଯାଇଥିଲେ। ଦୁଇ ବନ୍ଧୁଙ୍କ ମଧ୍ୟରୁ ଜୋଶେଫ୍ ଅବସର ନେଇ ସାରିଥିବା ବେଳେ ଏତେ ଟଙ୍କା ପାଇ ଟମ୍ ମଧ୍ୟ ଆଗୁଆ ଅବସର ନେଇଯାଇଛନ୍ତି। ଲଟେରି ଟଙ୍କାରେ ଏବେ ସେ ବିଭିନ୍ନ ସ୍ଥାନ ବୁଲାବୁଲି କରିବା ସହ ଆରାମରେ ସମୟ କଟାଇବେ ବୋଲି କହିଛନ୍ତି।




# ଏକ ସମୟରେ କ୍ଲାସ୍ କଲେ ୭ହଜାର

**ନୂଆଦିଲ୍ଲୀ**

କରୋନା ଭାଇରସ୍ ପାଇଁ ସବୁଆଡ଼େ ଏବେ ଲକ୍‌ଡାଉନ୍ ଚାଲିଥିବାରୁ ଶିକ୍ଷା ବ୍ୟବସ୍ଥା ପୂରା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଶେଷକରି ନୂଆ ନୂଆ ଦକ୍ଷତା ବିକାଶ ପାଇଁ ଚାହୁଁଥିବା ଲୋକେ ନିରୁତ୍ସାହିତ ହୋଇଛନ୍ତି। କିନ୍ତୁ ଏଭଳି ଏକ ସମୟରେ ପିଆନୋ ବଜାଉଥିବା ଲୋକଙ୍କ ପାଇଁ ଏକ ଆପ୍ ତିଆରି ହୋଇଛି, ଯେଉଁଥିରେ ଏକ ସମୟରେ ୭ହଜାର ଲୋକ ପିଆନୋ ଶିକ୍ଷା ନେଇପାରିବେ। ଏକ ସମୟରେ ଏତେ ଜଣଙ୍କୁ ପିଆନୋ ଶିକ୍ଷା ଦେଉଥିବା ଏହି ଆପ୍‌ଟି ଏବେ ସମସ୍ତଙ୍କୁ ପିଆନୋ ଶିକ୍ଷା ପାଇଁ ଆହ୍ୱାନ ଦେଇଛି। ଏହି ଆପ୍‌ଟି ବିଶ୍ୱର ସବୁଠୁ ବଡ଼ ଆପ୍ ବୋଲି ଦାବି କରାଯାଉଛି। ଏହାକୁ ବାହାର କରିଥିବା ପ୍ଲେଗ୍ରାଉଣ୍ଡ ସେସନ୍ ଏବଂ ଏଥିରେ ଏକ ସମୟରେ ଅନ୍‌ଲାଇନ୍‌ରେ ପିଆନୋ ବଜାଉଥିବାର ଏକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ୫୨ଟି ଦେଶର ୭୦୦୦ ଲୋକ ଏହି ଆପ୍‌ରେ ଏବେ ସୁଦ୍ଧା ଶିକ୍ଷା ନେବା ପାଇଁ ଯୋଗ ଦେଇଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୧୦୦୦ରୁ ଅଧିକ ଏବେ ସେମାନଙ୍କର ପିଆନୋ ଭିଡିଓକୁ ସବ୍‌ମିଟ୍ କରିଛନ୍ତି। ଲକ୍‌ଡାଉନ୍ ସମୟରେ ସମସ୍ତେ ଘରେ ଅଧିକ ସମୟ ରହୁଥିବାବେଳେ ଏହି ଆପ୍‌ଟି ଏବେ ଅନେକଙ୍କର ପସନ୍ଦ ହୋଇପାରିଛି।



# ଯୁବତୀଙ୍କୁ ଚାକିରି ଦେଲେ ସୋନୁ



## ଚାକିରି ହରାଇ ବିକୁଥିଲେ ପରିବା

ହାଇଦ୍ରାବାଦ: କରୋନା ମହାମାରୀ ପରିସ୍ଥିତିରେ ଅନେକ ସମୟରେ ମାନବିକତା ହାରିଯାଉଥିବା ନଜରକୁ ଆସୁଛି। ତେବେ କେତେକେ ଏ ସମୟରେ ମଣିଷପଣିଆର ପରିଚୟ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବଲିଉଡ୍ ଅଭିନେତା ସୋନୁ ସୁଦ୍। ଲକ୍‌ଡାଉନ୍‌ରେ ଫସିଥିବା ଅନେକ ପ୍ରବାସୀ ଶ୍ରମିକଙ୍କୁ ନିଜ ଖର୍ଚ୍ଚରେ ଘରକୁ ପଠାଇବା ବ୍ୟବସ୍ଥା କରି ସେ ସମସ୍ତଙ୍କ ହୃଦୟ ଜିତିଛନ୍ତି। ସେ ଏବେ ଘରେ ଘରେ ପରିଚିତ। ନିକଟରେ ଆନ୍ଧ୍ରପ୍ରଦେଶର ଚିତ୍ତୋର ଅଞ୍ଚଳର ଚାଷୀ ନାଗେଶ୍ୱର ରାଓ ବଳଦ ଭଡ଼ାରେ ଆଣିବା ପାଇଁ ଟଙ୍କା ଅଭାବ ଯୋଗୁ ଦୁଇ ଝିଅଙ୍କ ସାହାଯ୍ୟରେ ଜମିରେ ହଳ କରୁଥିବା ଖବର ପ୍ରଚାର ହେବା ପରେ ସୋନୁ ସହାୟତାର ହାତ ବଢ଼ାଇଥିଲେ। ସୋନୁ ନାଗେଶ୍ୱରଙ୍କୁ ଟ୍ରାକ୍ଟର ଯୋଗାଇ ଦେଇଥିଲେ। ଏବେ ପୁଣି କରୋନା ପରିସ୍ଥିତିରେ ଚାକିରି ହରାଇଥିବା ଜଣେ ସଫ୍ଟୱେର ଇଞ୍ଜିନିୟର(ଯୁବତୀ)ଙ୍କୁ ଚାକିରି ଦେଇ ସୋନୁ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଘଟଣା ହେଲା ହାଇଦ୍ରାବାଦର ୟୁ. ଶାରଦା ବିଟେକ୍ ପଢ଼ା ସରିବା ପରେ ସ୍ଥାନୀୟ ଏକ କମ୍ପାନୀରେ ଚାକିରି ପାଇଥିଲେ। ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସିଥିବା ଶାରଦା ଚାକିରିରେ ବହୁତ ଖୁସିଥିଲେ। ହେଲେ ଲକ୍‌ଡାଉନ ପରେ କମ୍ପାନୀ ତାଙ୍କୁ ଚାକିରିରୁ ବାହାର କରିଦେଇଥିଲା। ପରିବାରର ଆର୍ଥିକ ସ୍ଥିତି ଖରାପ ଥିବାବେଳେ ସେ କ'ଣ କରିବେ ଚିନ୍ତା କରିପାରୁ ନ ଥିଲେ। ପରେ ସେ ବାପାଙ୍କୁ ପରିବା ବ୍ୟବସାୟରେ ସାହାଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ଶ୍ରୀନଗର କଲୋନିଠାରେ ରାସ୍ତାକଡ଼ରେ ବସି ସେ ପରିବା ବିକ୍ରି କରିବା ସମୟର ଏକ ଭିଡିଓକୁ ଟୁଇଟରରେ ଶେୟାରକରି ସୋନୁଙ୍କୁ ଟ୍ୟାଗ୍ କରି ଶାରଦାଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ଏହା ଦେଖି ସୋନୁ ତୁରନ୍ତ ପଦକ୍ଷେପ ନେଇଛନ୍ତି। କାର୍ଯ୍ୟାଳୟ କର୍ମକର୍ତ୍ତାଙ୍କ ଦ୍ୱାରା ଶାରଦାଙ୍କ ଇଣ୍ଟରଭ୍ୟୁ ନେବା ସହ ତାଙ୍କୁ ଅଫର ଲେଟର ପଠାଇଥିବା ସୋନୁ ଟୁଇଟର ମାଧ୍ୟମରେ ସୂଚନା ଦେଇଛନ୍ତି। ସୋନୁଙ୍କ ଏହି କାର୍ଯ୍ୟ ପାଇଁ ଅନେକ ଲୋକ ପ୍ରଶଂସା କରିଛନ୍ତି।



**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ହରପ୍ରିୟା ଦେବୀ**
ଭୁବନେଶ୍ୱର
ଆବିର୍ଭାବ: ୧୨।୦୮।୧୯୪୦
ତିରୋଧାନ: ୧୦।୦୮।୨୦୧୯
ଚାହୁଁ ଚାହୁଁ ବର୍ଷେ ବିତିଗଲା। ତୁମର ସ୍ନେହ, ମମତାଭରା ହସ ହସ ମୁଖ ସଦାବେଳେ ମନେ ପଡୁଛି। ତୁମେ ସବୁଦିନ ପାଇଁ ସେମିତି ଆମ ହୃଦୟରେ ରହିଥିବ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୯୬୦୬

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଗିରିଶ ଚନ୍ଦ୍ର ସାମଲ**
ଗିରାଙ୍ଗ, ଅନୁଗୋଳ
ଆବିର୍ଭାବ: ୦୫।୦୪।୧୯୬୦
ତିରୋଧାନ: ୧୯।୦୭।୨୦୨୦
ତୁମର ଆତ୍ମାର ସଦ୍‌ଗତି କାମନା କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ତୁମେ ଯେଉଁଠି ଥାଅ ଭଲରେ ଥାଅ।
-:ଶୋକସନ୍ତପ୍ତ ପରିବାର:-
ସ୍ତ୍ରୀ: ସୁଫଳା ସାମଲ, ପୁଅ: ଲକ୍ଷ୍ମୀଧର ସାମଲ, କ୍ଷୀରୋଦ କୁମାର ସାମଲ ଓ ସମସ୍ତ ପରିବାର ସଦସ୍ୟ ।
ଧ-୧୭୮୩୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ସାବିତ୍ରୀ ସାମଲ**
ଫୁଲ ପ୍ୟାଲେସ୍, ନୂଆଗାଁ ଛକ, ଘାଟିକିଆ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୪।୧୯୩୫
ତିରୋଧାନ: ୨୭।୦୭।୨୦୧୯
ମା' ଚାହୁଁ ଚାହୁଁ ବର୍ଷେ ପୂରିଗଲା। ଆଜି ବି ତୁ ମନେପଡୁଛୁ, ଯେଉଁଠି ବି ଥାଆ ଭଲରେ ଥାଆ, ଆଉ ଆମକୁ ଆଶୀର୍ବାଦ କର।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୧୭୮୩୫

# ଧାନ ରୋଇବା ସମୟରେ...



ଧାନ ରୋଇବା ପୂର୍ବରୁ ଧନିଚା ୩୫ ଦିନର ହୋଇଯାଇଥିଲେ ହଳକରି ମାଟିରେ ମିଶାଇ ଦିଅନ୍ତୁ ଓ ଦୁଇ ଇଞ୍ଚ ପାଣି ବାନ୍ଧି ରଖନ୍ତୁ। ଧାନ ତଳି ୩-୪ ସପ୍ତାହର ହୋଇଗଲେ ରୋଇବା ଲାଗି ଉପଯୁକ୍ତ ହୋଇଥାଏ। ସେହି ସମୟରେ ତଳି ରୋଇବା ପାଇଁ ମୁଖ୍ୟ କିଆରିକୁ କାଦୁଆ କରନ୍ତୁ। ପ୍ରଥମେ ୩-୪ ଓଡ ଚାଷ କରି ପାଣି ବାନ୍ଧି ରଖନ୍ତୁ। ରୋଇବା ପୂର୍ବଦିନ ଅତ୍ୟଧିକ ପାଣି ନିଗାଡି ଦେଇ ଜମିକୁ କାଦୁଅ କରନ୍ତୁ। ସବୁଜ ସାର ସକଶେ ଆଜୋଲା ବଢ଼ାଇଥିଲେ କାଦୁଅ ସମୟରେ ହଳ କରି ମାଟିରେ ମିଶାଇ ଦିଅନ୍ତୁ। ଏକରପ୍ରତି ଦୁଇ କିଗ୍ରା ଆଜୋଟୋବ୍ୟାକ୍ଟର (ମଧ୍ୟମ ଜମିରେ) ବା ଆଜୋସ୍ପିରିଲମ୍ (ଖାଲ ଜମିରେ) ସହିତ ୨ କିଗ୍ରା ପି.ଏସ.ବି. ଖତ ସହିତ ମିଶାଇ ରୋଇବା ପୂର୍ବରୁ ଜମିରେ ପ୍ରୟୋଗ କରନ୍ତୁ। ଶେଷ ଓଡ କାଦୁଅରେ କିସମ ଅନୁଯାୟୀ ଏକର ପ୍ରତି ୬-୮ କିଗ୍ରା ଯବକ୍ଷାରଜାନ, ୧୨-୧୬ କିଗ୍ରା ଫସଫରସ ଓ ୧୨-୧୬ କିଗ୍ରା ପଟାସ ପ୍ରୟୋଗ କରନ୍ତୁ। ତଳିଘରାରେ ଦାନାଦାର ଔଷଧ ପ୍ରୟୋଗ କରି ନ ଥିଲେ ପ୍ରତି ଲିଟର ପାଣିରେ ୧ ମିଲି ହିସାବରେ କ୍ଲୋରୋପାଇରିଫସ୍ ଗୋଳାଇ ତଳିର ଚେରକୁ ୮-୧୦ ଘଣ୍ଟା ପର୍ଯ୍ୟନ୍ତ ବୁଡାଇ ରଖି ବିଶୋଧନ କରନ୍ତୁ। ଧାଡିକୁ ଧାଡି ୧୫-୨୦ସେମି ଓ ବୁଦାକୁ ବୁଦା ୧୦ସେମି ବ୍ୟବଧାନ ରଖନ୍ତୁ। ବୁଦା ପ୍ରତି ୨-୩ଟି କରି ତଳି ସିଧା ଓ ଅଗଭୀରରେ ରୁଅନ୍ତୁ। ରୁଆ ସମୟରେ କିଆରିରେ ନଖବୁଡା ପାଣି ରଖନ୍ତୁ।

# ଚିନାବାଦାମରେ ଉଇ ଲାଗିଥିଲେ



ସଅଳ ଲଗାଯାଇଥିବା ଚିନାବାଦାମ ତିନି ସପ୍ତାହର ହୋଇଗଲେ କୋଡାଖୁସା ଓ ଘାସ ବଛା ସାରି ଏକର ପ୍ରତି ୧୦୦ କିଗ୍ରା ଜିପ୍ସମ ପ୍ରୟୋଗ କରନ୍ତୁ। ଧାଡି ପାର୍ଶ୍ୱରେ ପ୍ରୟୋଗ କଲେ ଏହାର ଅଧା ଜିପସମ ଲାଗିଥାଏ। ଯଦି ଫସଫରସ ଖାଦ୍ୟସାରକୁ ସିଙ୍ଗଲ ସୁପର ଫସଫେଟ୍ ଆକାରରେ ଦିଆଯାଇଥାଏ, ତେବେ ଜିପସମ ଦେବା ଆବଶ୍ୟକ ପଡି ନ ଥାଏ। ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ କ୍ଲୋରୋପାଇରିଫସ ଗଛ ମୂଳରେ ସିଞ୍ଚନ କରନ୍ତୁ, ଯେପରି କି ମାଟି ଭଲ ଭାବରେ ଭିଜି ପାରିବ। ଚିନାବାଦାମରେ ଝାଉଁଳା ରୋଗ ହୋଇଥିଲେ ପ୍ରତି ୧୦ଲିଟର ପାଣିରେ ୧୫ ଗ୍ରାମ ହିସାବରେ କାର୍ବେଣ୍ଡାଜିମ ଓ ଏକ ଗ୍ରାମ ଷ୍ଟ୍ରେପଟୋସାଇକ୍ଲିନ୍ ମିଶାଇ ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ।

# ନଳିତାରେ ପାଣି ପରିଚାଳନା

ନଳିତା କିଆରିରେ ଅଧିକ ପାଣି ରହିଲେ ଝୋଟର ମାନ କମିଯାଏ। ତେଣୁ ଆବଶ୍ୟକ ମୁତାବକ ପାଣି ରଖି ବଳକା ପାଣି କାଟି ଦିଅନ୍ତୁ। ଅନ୍ତଚାଷ ସମୟରେ ନଳିତା ଲମ୍ବା ହେବା ପାଇଁ ଶାଖାପ୍ରଶାଖାଗୁଡିକୁ ଛିଣ୍ଡାଇ ଦିଅନ୍ତୁ। ନଳିତାରେ ଘୋଡାପୋକ ଏବଂ କାଣ୍ଡବିନ୍ଧା ପୋକ ଦମନ ଏକ ଲିଟର ପାଣିରେ ୨ ମିଲି ହିସାବରେ ଏଣ୍ଡୋସଲଫୋନ୍ କିମ୍ବା ଫୋସାଲୋନ୍ ମିଶାଇ ସିଞ୍ଚନ କରନ୍ତୁ।

# କୀଟନାଶକର ବିକଳ୍ପ



ଡ. ବିଷ୍ଣୁ ଚରଣ ଜେନା



କୃଷି କାର୍ଯ୍ୟରେ କୀଟନାଶକ ପ୍ରୟୋଗର ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ...

ଭାରତ ସ୍ୱାଧୀନତା ପାଇବା ପରେ ଏହାର ବର୍ଦ୍ଧିତ ଜନସଂଖ୍ୟାକୁ ବିଚାରକୁ ନେଇ ସରକାର ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ପାଇଁ ଯୋଜନା ପ୍ରସ୍ତୁତ କଲେ। ସ୍ୱଳ୍ପ ଦିନରେ ଅମଳ ହେଉଥିବା କିସମର ଫସଲ ଚାଷ ଏବଂ ଏହାକୁ ଜଳସେଚନ ଯୋଗାଇ ଦେବା ଓ ପ୍ରଚୁର ପରିମାଣର ସାର ପ୍ରୟୋଗ ସହିତ ଫସଲର ରୋଗ ପୋକ ଦମନ ପାଇଁ କଟୁ କୀଟନାଶକ ପ୍ରୟୋଗ କରିବାକୁ ଚାଷୀମାନଙ୍କୁ ଉତ୍ସାହିତ କରାଗଲା। ଫଳରେ ଫସଲର ଉତ୍ପାଦିକା ଶକ୍ତି ବୃଦ୍ଧି ହେଲା ସତ, କିନ୍ତୁ କଟୁ କୀଟନାଶକ ବ୍ୟବହାର ଯୋଗୁଁ ଜଳ, ବାୟୁ ଓ ମୃତ୍ତିକା ଦୂଷିତ ହେଲା। ଫସଲ କିଆରିରେ ଉପଲବ୍ଧ ହେଉଥିବା ଉପକାରୀ ପୋକ ଯଥା- ପରାଶ୍ରୟୀ, ପରାଙ୍ଗଭୋଜୀ ଓ ପରାଗ ସଂଗମକାରୀମାନେ ମୃତ୍ୟୁ ମୁଖରେ ପଡିଲେ। ଅନ୍ୟାନ୍ୟ ଉପକାରୀ ଜୀବ ଯଥା କାଉ, ବଗ, ବଣି, ବତକ, ମାଛ ଓ ଜିଆ ଆଦି ମଧ୍ୟ ପ୍ରାଣ ହରାଇଲେ। ଗୋଟିଏ ପ୍ରକାର କଟୁ କୀଟନାଶକ ବର୍ଷ ବର୍ଷ ଧରି ପ୍ରୟୋଗ ହେବା ଯୋଗୁଁ କେତେକ ହାନିକାରକ ପୋକମାନେ କୀଟନାଶକ ପ୍ରତି ପ୍ରତିରୋଧକ ଶକ୍ତି ହାସଲ କଲେ। ଫଳରେ ଆମ୍ବ ଫସଲରେ ଫଳବିନ୍ଧା ମାଛି ଦମନ ସମ୍ଭବ ନ ହେବା ଯୋଗୁଁ ଜାପାନ ଭାରତରୁ ଆମ୍ବ ଆମଦାନୀ ନିଷେଧ କଲେ। ଏଥିଯୋଗୁଁ ଭାରତ ବିଦେଶରୁ ବୈଦେଶିକ ମୁଦ୍ରା ପାଇବାରୁ ବଞ୍ଚିତ ହେଲା। ଏହାର ନକାରାତ୍ମକ ପ୍ରଭାବ ଭାରତର ଅର୍ଥନୀତିକୁ ପ୍ରଭାବିତ କଲା। କ୍ରମଶଃ ବିଦେଶ ବଜାରରେ ବିଷମୁକ୍ତ ପନିପରିବା, ମସଲା, ଫଳ- ଆମ୍ବ, ଅଙ୍ଗୁର ଓ କଦଳୀର ଚାହିଦା ବୃଦ୍ଧି ହେଲା।

ଖାଦ୍ୟଶସ୍ୟ ଉତ୍ପାଦନ ଓ ଶସ୍ୟ ସଂରକ୍ଷଣ ପ୍ରକ୍ରିୟାରେ ରୋଗ ପୋକ ଦମନ ନିମନ୍ତେ ସମନ୍ୱିତ ପ୍ରଣାଳୀ ପ୍ରକ୍ରିୟା ପ୍ରତି ଗୁରୁତ୍ୱାରୋଗ କରାଗଲା ଏବଂ ଅଧୁନା ଏହି ପ୍ରଣାଳୀ ପ୍ରତି ଅଗ୍ରାଧିକାର ଦିଆଯାଉଛି। ଏହି ପ୍ରକ୍ରିୟା ଅନ୍ତର୍ଗତ ରୋଗ ପୋକ ନିରୋଧକ ଶକ୍ତି ସମ୍ପନ୍ନ ବିହନର ପ୍ରଚଳନ, ଖରାଟିଆ ଚାଷ, ସମୟାନୁସାରେ ଫସଲ ଚାଷ, ବିହନର ପରିମାଣ, ବୁଣିବା ସମୟ, ଗଛ ଓ ଗଛ ମଧ୍ୟରେ ଉପଯୁକ୍ତ ବ୍ୟବଧାନ, ଖତସାର ଓ ଜଳସେଚନର ପରିଚାଳନା ସହିତ ଜୈବିକ ଉପାୟ ଅବଲମ୍ବନ କରି ଫସଲ ଚାଷ ପ୍ରତି ପ୍ରାଧାନ୍ୟ ଦିଆଯାଉଛି।

ଜୈବିକ କୀଟନାଶକର ବ୍ୟବହାର ବାୟୁମଣ୍ଡଳ ପ୍ରତି ନିରାପଦ। ଫସଲ କିଆରିରେ ରହିଥିବା ପରାଶ୍ରୟୀ ପରାଙ୍ଗଭୋଜୀ ପରାଗ ସଂଗମକାରୀଙ୍କ ପ୍ରତି ମଧ୍ୟ ନିରାପଦ।

ଜୈବିକ କୀଟନାଶକାରୀ ସୂକ୍ଷ୍ମାତିସୂକ୍ଷ୍ମ ଜୀବ ଭୂତାଣୁ, ଜୀବାଣୁ ଏବଂ କବକଜନିତ ବସ୍ତୁ। ଏଗୁଡିକର ବ୍ୟବହାର ପ୍ରତି ଚାଷୀଭାଇଙ୍କର ଆଗ୍ରହ ମଧ୍ୟ ବୃଦ୍ଧି ପାଉଛି। ଜୀବାଣୁଜନିତ ବାୟୋଲେପ, ବାୟୋୟାସପ, ଡେଲଫିନ୍ ଏବଂ ବାୟୋବିଟ୍‌ର ପ୍ରୟୋଗ ଦ୍ୱାରା ବନ୍ଧାକୋବି ଓ ଫୁଲକୋବିର ହୀରାପିଠିଆ ପୋକକୁ ସହଜରେ ଦମନ କରାଯାଉଛି। ଫିମ୍ପି ବା କବକଜନିତ ବାୟୋରିନ ଦମନ ଦ୍ୱାରା ଆମ୍ବ ଫସଲର ପତ୍ରଡିଆଁ ଏବଂ ଚୂର୍ଣ୍ଣପୃଷ୍ଠ କୀଟନାଶକ ଯଥା-ନିମାଜାଲ ଓ ନିମାରିନ୍ କପା ଫସଲରେ ବ୍ୟବହାର କରି ଧଳା ମାଛିକୁ ଦମନ କରାଯାଉଛି। ଭୂତାଣୁଜନିତ ହେଲି ସାଇଡ୍ ଦ୍ୱାରା ତୈଳବୀଜ, ଡାଲିଜାତୀୟ ଓ କପା ଫସଲକୁ ଆକ୍ରମଣ କରୁଥିବା ଛୁଇଁ ଓ ଫଳବିନ୍ଧା ପୋକକୁ ମାରିଦିଆଯାଉଛି। ବିଭିନ୍ନ ପନିପରିବା ଫସଲରେ ପଚାଶଢ଼ା ଏବଂ ଝାଉଁଳା ରୋଗ ସୃଷ୍ଟିକାରୀ ସୂକ୍ଷ୍ମାତିସୂକ୍ଷ୍ମ ଜୀବଙ୍କୁ ଫିମ୍ପିଜନିତ ଟ୍ରାଇକୋଡର୍ମା, ବିଭେରିଆ ଏବଂ ବାୟୋଡର୍ମା ଦ୍ୱାରା ଦମନ କରାଯାଉଛି। ଏତଦବ୍ୟତୀତ ଭଣ୍ଡାରଘରେ ସାଇତା ହୋଇ ରଖାଯାଇଥିବା ମୁଗ, ବିରି, ଚଣା, ହରଡ, ବୁଟ ଓ କୋଳଥକୁ ଅଖାରେ ରଖିବା ସମୟରେ ସେଗୁଡିକୁ ଏକ କିଲୋଗ୍ରାମ ମଞ୍ଜିରେ ୫ମିଲିଲିଟର ନିମତେଲ କିମ୍ବା କରଞ୍ଜ ତେଲ ଗୋଳାଇ ରଖିବାକୁ ପଡେ। ପୁନଶ୍ଚ ଖାଦ୍ୟଶସ୍ୟ ରଖିବା ବସ୍ତାରେ ୧୦୦ କିଗ୍ରା ଖାଦ୍ୟଶସ୍ୟରେ ୩୦୦ରୁ ୫୦୦ଗ୍ରାମ ଓଜନର ନିମ୍ବ ପତ୍ର କିମ୍ବା ବେଗୁନିଆ ପତ୍ର କିମ୍ବା କରଞ୍ଜ ପତ୍ର ମିଶାଇ ରଖିବା ଦ୍ୱାରା ଘୁଣିପୋକ ଓ ଭୃଙ୍ଗ ପୋକର ଆକ୍ରମଣରୁ ଶସ୍ୟଗୁଡିକୁ ରକ୍ଷା କରିହୁଏ।

*-ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, ଓୟୁଏଟି, ଭୁବନେଶ୍ୱର, ମୋ:୯୭୭୬୪୦୪୪୦୬*

# ମକାରେ କାଣ୍ଡବିନ୍ଧା ପୋକ ଦମନ କରିବେ କିପରି

ମକା ଚାଷର ପ୍ରଧାନ ଶତ୍ରୁ କାଣ୍ଡବିନ୍ଧା ପୋକ। ଏହି ପୋକ ଦାଉରୁ ରକ୍ଷା ପାଇଁ ଆକ୍ରାନ୍ତ ଗଛର ପତ୍ର ସନ୍ଧିରେ ୧ ଗ୍ରାମ୍ ଦାନାଦାର କାର୍ବୋଫ୍ୟୁରାନ୍ ପ୍ରୟୋଗ କରନ୍ତୁ। ନଚେତ ଏକ ଲିଟର ପାଣିରେ ୨ ମିଲି କ୍ଲୋରୋପାଇରିଫସ୍ କିମ୍ବା ୧.୫ ମିଲି ଫସ୍ଫାମିଡନ୍ ମିଶାଇ ସିଞ୍ଚନ କଲେ କାଣ୍ଡବିନ୍ଧା ପୋକର ଦମନ ହୋଇଥାଏ। ପ୍ରଥମ ଥର ଔଷଧ ସିଞ୍ଚନର ୧୫ଦିନ ପରେ ଆବଶ୍ୟକ ସ୍ଥଳେ ୨ୟ ଥର ଔଷଧ ସିଞ୍ଚନ କରନ୍ତୁ। ଚଅଁର ବାହାରିବା ଅବସ୍ଥାରେ ଏକରପ୍ରତି ୮ କିଗ୍ରା ଯବକ୍ଷାରଜାନ ସାରକୁ ଗଛ ମୂଳରୁ ୧୦ ସେମି ଛାଡି ପ୍ରୟୋଗ କରନ୍ତୁ। ଗଛ ଉପରେ ବା ଗଛ ସହିତ ଲାଗି କରି ସାର ପଡିଲେ ଗଛ ଝାଉଁଳି ପଡିବାର ଆଶଙ୍କା ରହିଛି। ଲଗାଣ ବର୍ଷା ଯୋଗୁଁ ପାଣି ଜମି ରହିଲେ ଜଳକୁ ନିଷ୍କାସନର ଉପଯୁକ୍ତ ବ୍ୟବସ୍ଥା କରନ୍ତୁ। ମକା ଚାଷରେ ଜଉ ପୋକ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ୍ ଅକ୍ସି ଡେମିଟନ୍ କିମ୍ବା ଡାଇମେଥୋଏଟ୍ ସିଞ୍ଚନ କରନ୍ତୁ। ଯଦି ଶିକାରୀ ପୋକ ଯଥା-ଇନ୍ଦ୍ରଗୋପୀଭୃଙ୍ଗ, ସିରଫିଡ୍ ମାଛି, ଗ୍ରୀନ୍‌ଲେସ୍‌ୱିଙ୍ଗ ବଗ୍ ପୋକ (ଏକର ପ୍ରତି ୧୦୦୦ଟି) ଥିଲେ ସିଞ୍ଚନ କରିବା ଆବଶ୍ୟକ ନାହିଁ।



# କଠିନ ବର୍ଜ୍ୟବସ୍ତୁ ପରିଚାଳନା

(ଶେଷ ଭାଗ)

**ଉପାଦାନ:** ମୋଟ ୧୦୦୦କି.ଗ୍ରା. କମ୍ପୋଷ୍ଟ ପ୍ରସ୍ତୁତ ପାଇଁ- ବର୍ଜ୍ୟବସ୍ତୁ ବିଖଣ୍ଡିତ (୨୦୦୦ କି.ଗ୍ରା.), ସଦ୍ୟ ଗୋବର (୨୦୦ କି.ଗ୍ରା.), ୟୁରିଆ (୨୨ କି.ଗ୍ରା.),ବାୟୋଇନୋକୁଲମ୍ (୧ କି.ଗ୍ରା.), ଦହି (୫ କି.ଗ୍ରା.) ଓ ଗୁଡ (୪ କି.ଗ୍ରା.) ଆବଶ୍ୟକ।

- ଉପରୋକ୍ତ ସମସ୍ତ ଉପାଦାନ ଆବରଣ ଥିବା ପାତ୍ର (କମ୍ପୋଷ୍ଟର)ରେ ୭ଦିନ ପର୍ଯ୍ୟନ୍ତ ୪୦°ରେ ରଖାଯାଏ। ଦୁଇ ପକ୍ଷ ବିଶିଷ୍ଟ ବ୍ଲେଡ୍‌ସାହାଯ୍ୟରେ ମିଶା ଯାଇଥାଏ। ଏହି ପ୍ରକ୍ରିୟା ମାଧ୍ୟମରେ ବାୟୁଚଳାଚଳ ଓ ତାପ ନିୟନ୍ତ୍ରିତ ହୋଇଥାଏ।
- ସାତ ଦିନ ବିଗଳନ ପରେ ୧.୫ଲିଟର ଥର୍ମୋଫିଲିକ୍ ବ୍ୟାକ୍ଟେରିଆ (୧୦୮ଜୀବନକ୍ଷମ ସେଲ/ମିଲି) ଓ



୧.୫ଲିଟର ଆକ୍ଟିନୋମାଇଟିସ୍ (୧୦୫ ଜୀବନକ୍ଷମ ସେଲ/ମିଲି) ମିଶାଯାଏ। ଏହା ଏକ ନିର୍ଣ୍ଣାୟକ ସମୟ ଓ ତାପମାତ୍ରା ୫୦-୫୫° କୁ ବଢାଯାଇ ୨୦ଦିନ ରଖାଯାଏ। ୨୫ଦିନ ବିଗଳନ ପରେ ଏହା ଜମିରେ ବ୍ୟବହାର ପାଇଁ ଉପଯୋଗୀ ହୋଇଥାଏ। ଏହି କମ୍ପୋଷ୍ଟରେ ମୋଟ ଅଙ୍ଗାର ୨୦-୨୭%, ଯବକ୍ଷାରଜାନ ୧.୧୨-୧.୫୩%, ଫସଫରସ୍ ୦.୩୪-୦.୪୧% ଓ ପଟାସ୍ ୦.୭୮ - ୧.୧% ଥାଏ। ପରେ ଏହି କମ୍ପୋଷ୍ଟକୁ ଆହୁରି ଗୁଣାତ୍ମକ କରାଇବା ପାଇଁ ଏହାକୁ ଜିଆଖତ ବା ଭର୍ମିକମ୍ପୋଷ୍ଟରେ ପରିଣତ କରାଯାଏ। ଯେଉଁ ସାଧାରଣ ଜିଆ ଏହି ପ୍ରକ୍ରିୟାରେ ବ୍ୟବହୃତ ହୋଇଥିଲା ତାହା ହେଉଛି ଏଇସିନିଆ ଫୋଏଟିଡା, ପେରିଓନିକ୍ସ ଏକ୍ସାଭେଟସ୍ ଏବଂ ଇଉଡ୍ରିଲସ୍ ଇଉଜେନିଆ। ଏହି ସମସ୍ତ ମିଶ୍ରିତ କଲ୍‌ଚର ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ, ସମସ୍ତିପୁର, ବିହାର ଓ ଭାରତୀୟ ମୃତ୍ତିକା ବିଜ୍ଞାନ ସଂସ୍ଥାନ, ଭୋପାଳରୁ ସଂଗୃହୀତ ହୋଇଥିଲା। ପ୍ରତି ଟନ୍ ପିଛା ସବ୍‌ଷ୍ଟ୍ରେଟ୍ ୩କି.ଗ୍ରା. ହିସାବରେ ମିଶାଯାଇଥାଏ।

**ପ୍ରସ୍ତୁତି ପ୍ରଣାଳୀ :** ଏଇ ସମସ୍ତ ବିଗଳିତ ବର୍ଜ୍ୟବସ୍ତୁ ପିଟ୍ ବା କୁଣ୍ଡରେ ପକାଯାଏ। ଏହା ସ୍ଥାୟୀ ଟିଣ ଛାତରେ ଘୋଡାଇ ହେବା ଭଲ, ଯାହାଦ୍ୱାରା ବର୍ଷା, ପବନରୁ ରକ୍ଷା ପାଇବା ସାଥେ ସାଥେ ଉପଯୁକ୍ତ ଜଳ ଓ ତାପ ନିୟନ୍ତ୍ରଣ କରିପାରିବ। ଛୋଟ ଅଖାରେ କୁଣ୍ଡକୁ ଘୋଡାଯାଏ। ଜିଆଖତ ତିଆରି ପ୍ରଣାଳୀରେ ଅର୍ଦ୍ଧ ବିଗଳନ ଗୋବର ମଧ୍ୟ ଜୈବ ବର୍ଜ୍ୟବସ୍ତୁରେ ମିଶାଯାଏ। ଉପର ବର୍ଣ୍ଣିତ ତିନି ଏପିଜିକ୍ ଜିଆ କଲ୍ଚର ୩ କି.ଗ୍ରା. ହିସାବରେ ବିଭିନ୍ନ ନାଳୀରେ ୩.୬ସେ.ମି. ଗଭୀରତାରେ କୁଣ୍ଡରେ ମିଶାଯାଏ। ପରେ ଝୋଟର ଅଖା କୁଣ୍ଡ ଉପରେ ଘୋଡାଇ ଦିଆଯାଏ। ଜଳୀୟ ଅଂଶକୁ ୬୦-୭୦% (ଶୁଷ୍କ ଓଜନ ଅନୁସାରେ) ରକ୍ଷା କରିବା ପାଇଁ ନିୟମିତ ଭାବେ ପାଣି ଦିଆଯାଏ। ଅଗ୍ରିମ ପ୍ରସ୍ତୁତ ଜିଆଖତ ଗାଢ ବାଦାମୀରୁ ଗଭୀର କଳା ରଙ୍ଗ ଦେଖାଯାଏ ଏବଂ ଏହାର ଗଠନ ପ୍ରକୃତ ଚୂର୍ଣ୍ଣନୀୟ ଓ ଦାନାବତ୍ ହୋଇଥାଏ। କାଠ ତିଆରି ଡଙ୍କି ସାହାଯ୍ୟରେ ଜିଆଖତ ସଂଗ୍ରହ କରାଯାଏ। ପ୍ରଥମେ ଜିଆଖତ ଗଦାର ଉପରସ୍ତର ଖୁବ୍ ହାଲୁକା ଭାବେ ଚାଞ୍ଛି ତାକୁ ଅଧଘଣ୍ଟାଏ ପର୍ଯ୍ୟନ୍ତ ଅବିଘ୍ନ ଅବସ୍ଥାରେ ଛାଡିଦେବା ଆବଶ୍ୟକ। ଏଇ ସମୟ ଭିତରେ ଜିଆଗୁଡିକ ତଳକୁ ଚାଲିଯାଆନ୍ତି। କାଠ ଫଳକରେ ଖତ ସଂଗ୍ରହ କରାହୁଏ ଏବଂ ସମୁଦାୟ ସଂଗୃହୀତ ହେବା ପର୍ଯ୍ୟନ୍ତ ଏଇ ପଦ୍ଧତି ସପ୍ତାହକୁ ସପ୍ତାହ ଦୋହରାଯାଏ। ୩୦ଦିନ ପରେ ଜିଆଖତ ପ୍ରସ୍ତୁତ ହୋଇଯାଏ ଏବଂ ଗୋଟିଏ ଗୋଟିଏ କୁଣ୍ଡରୁ ପ୍ରାୟ ୩୦୦୦ରୁ ୩୫୦୦କି.ଗ୍ରା. ମିଳିଥାଏ। ଏଇ ଜିଆ ଖତର ବ୍ୟବହାରରେ ସମସ୍ତ ପ୍ରକାର ଫସଲର ଉତ୍ପାଦନ ବଢିବା ସଙ୍ଗେ ସଙ୍ଗେ ମୃତ୍ତିକାର ଜଳଧାରଣ ଶକ୍ତି ଓ ଉର୍ବରତା ବଢିଥାଏ।

***-ଡ. ଅଶୋକ କୁମାର ପାତ୍ର,*** *ନିର୍ଦ୍ଦେଶକ*

***-ଡ. ମାଧବ ଚନ୍ଦ୍ର ମାନ୍ନା***

*ବିଭାଗୀୟ ମୁଖ୍ୟ, ଜାତୀୟ ମୃତ୍ତିକା ବିଜ୍ଞାନ ଅନୁଷ୍ଠାନ, ଭୋପାଳ*

***-ଡ. ଶଙ୍କର ଝା,*** *ପ୍ରଫେସର*

*ଡ.ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ, ପୁସା, ସମସ୍ତିପୁର, ବିହାର*

# ଗୋ ପୂଜନ



ଡା. ବୀର କିଶୋର ପରିଡ଼ା

ଗହ୍ମାପର୍ବ ଏକ ମହାନ୍ କୃଷିଭିତ୍ତିକ ପର୍ବ। ଶ୍ରାବଣ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଏହି ଗହ୍ମା ପର୍ବ ବା ଗହ୍ମାପୂର୍ଣ୍ଣିମା ପାଳିତ ହୋଇଥାଏ। ଗହ୍ମାର ଅର୍ଥ ଗୋମାତା ଏବଂ ଗୋମାତାଙ୍କୁ ଏହି ଦିନ ପୂଜା କରାଯାଉଥିବାରୁ ଏହା ଗହ୍ମା ପୂର୍ଣ୍ଣିମା ବୋଲି କୁହାଯାଏ। ଗହ୍ମାର ଅନ୍ୟ ଅର୍ଥ ହେଲା - ଗଭୀର ମୁହାଁ ଲଙ୍ଗଳ ଯାହାକୁ ବଳଭଦ୍ର କୃଷିର ଉନ୍ନତି ପାଇଁ ବ୍ୟବହାର କରିଥିଲେ। ତେଣୁ କୃଷିର ଆଦ୍ୟ ଦେବତା ହେଉଛନ୍ତି ବଳରାମ। ଶ୍ରାବଣ ପୂର୍ଣ୍ଣିମା ଦିନ ଶ୍ରୀକୃଷ୍ଣଙ୍କ ଅଗ୍ରଜ ବଳଭଦ୍ରଙ୍କ ଜନ୍ମତିଥିକୁ କୃଷକର ପର୍ବ ଭାବେ ପାଳନ କରାଯାଏ। ଏହି ପୂର୍ଣ୍ଣିମାକୁ ଶ୍ରାବଣୀ ବା ସୌଭାଗ୍ୟ ପୂର୍ଣ୍ଣିମା ମଧ୍ୟ କୁହାଯାଏ।

ଗହ୍ମାପର୍ବ ଶ୍ରାବଣ ମାସର ପୂର୍ଣ୍ଣିମାଦିନ ଅତି ଆନନ୍ଦ ଉଲ୍ଲାସରେ ଗହ୍ମାପୂନେଇଁ ପର୍ବ ଭାବେ ସର୍ବତ୍ର ପାଳିତ ହୋଇଥାଏ। କୃଷକ ପରିବାର ପାଇଁ ଏହା ହେଉଛି ଏକ ସ୍ୱତନ୍ତ୍ର ପର୍ବ। ଏହି ପବିତ୍ରଦିନରେ ଗୋରୁ ଗୁହାଳ ପରିଷ୍କାର ପରିଚ୍ଛନ୍ନ କରାଯିବା ସହିତ ଲିପାପୋଛା କରାଯାଏ। କୃଷକ ଗୁହାଳ କାନ୍ଥରେ ବଳଦ, ଲଙ୍ଗଳ, ମହି, କୋଡ଼ି, କୋଦାଳ, ବଳଦଗାଡ଼ି (ଶଗଡ଼) ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ଆଦିର ଚିତ୍ର ଆଦି ଆଙ୍କିଥାନ୍ତି। କୃଷକମାନେ ସକାଳୁ ବଳଦକୁ ଗାଧୋଇ ଦେଇ ଫୁଲ, ଚନ୍ଦନ, ସିନ୍ଦୂର, ଅଭିର ଆଦି ଲଗାଇ ସୁସଜ୍ଜିତ କରିଥାନ୍ତି। ଗୋରୁଙ୍କ ଶିଙ୍ଘରେ ତେଲ ମରାଯାଏ। ଏଥିସହିତ ଗୋମାତା ବା ବଳଦମାନଙ୍କୁ ରାଖୀ ପିନ୍ଧା ଯାଇଥାଏ। ଗୃହକର୍ତ୍ତା ଗୋରୁ ଗୁହାଳରେ ଗୋ-ପୂଜନ କରିଥାନ୍ତି, ଯେଉଁଥିପାଇଁ ବ୍ରାହ୍ମଣଙ୍କର ଆବଶ୍ୟକତା ନ ଥାଏ। ଘରେ ଘରେ ପିଠାପଣା, ଖିରି ଖେଚୁଡ଼ି ହୋଇଥାଏ। ଗୋମାତା ତଥା ବଳଦଙ୍କୁ ସୁମିଷ୍ଟ ବ୍ୟଞ୍ଜନ ଯଥା - ପିଠାପଣା, ଏଣ୍ଡୁରିପିଠା, ଦାନା, ସବୁଜ ଘାସ ଆଦି ଖୁଆଇ ପ୍ରଭୁଙ୍କୁ ସୁମରଣା କରିଥାନ୍ତି।

ଶ୍ରୀମନ୍ଦିରରେ ଗହ୍ମା ପର୍ବ ପାଳନର ପରମ୍ପରା ବିଧି ରହିଆସିଛି। ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ ଓ ରାଖୀ ଲାଗି ଅନୁଷ୍ଠିତ ହୁଏ। ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉଙ୍କର ମନ୍ଦିରରେ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପ୍ରଭୁ ଶ୍ରୀ ବଳଭଦ୍ରଦେବଙ୍କର ଜନ୍ମୋତ୍ସବ ଅନୁଷ୍ଠିତ ହୋଇଆସୁଛି। ଭଗବାନ ବଳରାମଙ୍କ ସହ ଭଉଣୀ ଶୁଭଦ୍ରା ଏବଂ ଜଗନ୍ନାଥ ମଧ୍ୟ ଏଠାରେ ପୂଜା ପାଉଛନ୍ତି।

ଗହ୍ମାଡିଆଁ ପର୍ବ - ପ୍ରଭୁ ବଳଦେବଙ୍କ ଜନ୍ମଦିବସ ଗହ୍ମାଡିଆଁ ଖେଳ ମାଧ୍ୟମରେ ପାଳିତ ହେବାର ଦୃଶ୍ୟ କେତେକ ଅଞ୍ଚଳରେ ଦେଖିବାକୁ ମିଳେ। ଗହ୍ମାଡିଆଁର ଅର୍ଥ ହେଉଛି ଗହ୍ମା ଡେଇଁବା ବା ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ଡେଇଁବା। ଏହି ପର୍ବ ପାଳନ ପୂର୍ବରୁ ଇଟା, ମାଟି ଓ ଘାସରେ ଏକ ପ୍ଲାଟଫର୍ମ ତିଆରି କରାଯାଏ। ଏହାର ମଧ୍ୟମ ଭାଗରେ ପଥରଖଣ୍ଡ ପକାଇ ମଜଭୁତ୍ କରାଯାଏ। ଏହା ଏକ ସ୍ୱର୍ ପରି ଉଚ୍ଚ ଉପରଆଡୁ ନୀଚା ତଳଆଡ଼କୁ ହୋଇଥାଏ। ଏହାର ଦୁଇପାର୍ଶ୍ୱରେ ଦୁଇଟି ପୋଲ୍ ପୋତାଯାଏ ଏବଂ ଏହାର ଦୁଇପଟ ପୋଲ ବା ଖୁଣ୍ଟକୁ ବାଉଁଶ ବାଡ଼ି ବା ଦଉଡ଼ି ଦ୍ୱାରା ବାନ୍ଧିଦିଆଯାଏ। ଏଥିରେ ବିଭିନ୍ନ ଫଳ ଯଥା ଲେମ୍ବୁ, କଦଳୀ, ନଡ଼ିଆ ଆଦି ବାନ୍ଧି ଦିଆଯାଏ। ଜଣେ ପରେ ଜଣେ ଏହି ପ୍ଲାଟଫର୍ମ ବା ଗହ୍ମାର ତଳଆଡୁ ଉପରଆଡ଼କୁ ଦୌଡ଼ିଆସି ବନ୍ଧା ଯାଇଥିବା ଫଳକୁ ଡେଇଁକରି ଆଣନ୍ତି। ଏଥିରେ ଯିଏ ଉତ୍ତୀର୍ଣ୍ଣ ହୁଏ ସେ ପୁରସ୍କୃତ ହୁଅନ୍ତି। ସାଧାରଣତଃ ଏହି ପର୍ବ କଟକ, ନୟାଗଡ଼, ଗଜପତି ଜିଲା ସମେତ ରାଜ୍ୟର କେତେକ ଅଞ୍ଚଳରେ ଦେଖିବାକୁ ମିଳେ।

ଝୁଲଣ ପର୍ବ - ଆମ ରାଜ୍ୟର ଜଗନ୍ନାଥ ସଂସ୍କୃତି ଅନୁଯାୟୀ ପ୍ରଭୁ ଶ୍ରୀକୃଷ୍ଣ ଓ ରାଧା ଶ୍ରାବଣମାସର ଶୁକ୍ଳପକ୍ଷ ଏକାଦଶୀ ତିଥିଠାରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ, ବର୍ଷାଋତୁରେ ଧରିତ୍ରୀ ଶସ୍ୟଶ୍ୟାମଳା ଦୃଶ୍ୟକୁ ଉପଭୋଗ କରି ଧରିତ୍ରୀବାସୀଙ୍କୁ ଆଶୀର୍ବାଦ କରିଥାନ୍ତି। ଏହା ଶ୍ରାବଣ ପୂର୍ଣ୍ଣିମା ବା ରାଖୀ ପୂର୍ଣ୍ଣିମାଦିନ ସୁସଜ୍ଜିତ ଦୋଳିରେ ରାଧାକୃଷ୍ଣଙ୍କୁ ଝୁଲାଇ ପୂଜାର୍ଚ୍ଚନା କରାଯାଉଥିବାରୁ ଏହାକୁ ଝୁଲଣ ଯାତ୍ରା ବା ଝୁଲଣପର୍ବ ବୋଲି କୁହାଯାଏ।

ଜନଇଁ ପୂର୍ଣ୍ଣିମା - ରାଖୀ ପୂର୍ଣ୍ଣିମାକୁ ଜନଇଁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହିଦିନ ବ୍ରାହ୍ମଣ, କ୍ଷତ୍ରିୟ ଓ ଅନ୍ୟାନ୍ୟ ସଂପ୍ରଦାୟର ଲୋକମାନେ ସେମାନେ ପରିଧାନ କରିଥିବା ପଇତାକୁ ବର୍ଷକୁ ଥରେ ବଦଳାଇ ଥାନ୍ତି। ସାଧାରଣତଃ ହିନ୍ଦୁ ଓ ଜୈନ୍ୟମାନଙ୍କ ଦ୍ୱାରା ଏହି ପର୍ବ ପାଳିତ ହୋଇଥାଏ। ରାଖୀ ପୂର୍ଣ୍ଣିମା ବା ରକ୍ଷାବନ୍ଧନ - ରକ୍ଷା ବନ୍ଧନର ଅର୍ଥ ହେଉଛି ସୁରକ୍ଷାର ବନ୍ଧନ। ତେଣୁ ଏହାକୁ ସୁରକ୍ଷାର ବନ୍ଧନ କୁହାଯାଏ। ରାଖୀ ହିନ୍ଦୁମାନଙ୍କର ମହାନ୍ ପର୍ବ ଭାବେ ପାଳିତ ହୋଇ ଆସୁଅଛି। ଆମ ଦେଶ ଓ ଦେଶ ବାହାରେ ରକ୍ଷାବନ୍ଧନ ଦିନ ଭାଇ ଓ ଭଉଣୀର ସମ୍ପର୍କର ଉତ୍ସବଭାବେ ପାଳିତ ହେଉଅଛି। ଏହି ରକ୍ଷାବନ୍ଧନ ଉତ୍ସବ ଅଗଷ୍ଟମାସର ଶ୍ରାବଣ ପୂର୍ଣ୍ଣିମାଦିନ ପୁରପଲ୍ଲୀଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଧୁମ୍‌ଧାମରେ ପାରମ୍ପରିକ ରୀତିରେ ପାଳନ କରାଯାଇ ଆସୁଅଛି। ଏହି ପବିତ୍ରଦିନ ଭଉଣୀ ଥାଳିରେ ଅରୁଆଚାଉଳ, ଧୂପକାଠି, ମିଠା, ସିନ୍ଦୂର, ଦୀପ, ଚନ୍ଦନ ଆଦି ସଜାଡ଼ି ପୂଜା ପାଇଁ ପ୍ରସ୍ତୁତ ହୁଅନ୍ତି। ତା'ପରେ ଭଉଣୀ ଆରତି ବା ଦୀପ ମାଧ୍ୟରେ ଭାଇକୁ ପୂଜା କରି ମସ୍ତକରେ ଚନ୍ଦନ, ସିନ୍ଦୂର ଓ ତିଳକ ଦେଇ ସ୍ନେହ ଓ ସମ୍ମାନର ପ୍ରତୀକ ଭାବେ ଭାଇ ହାତରେ ରାଖୀଡୋରି ବାନ୍ଧିଦେଇ ଭାଇର ଦୀର୍ଘାୟୁ କାମନା କରନ୍ତି।



*-ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ (ରୋଗ ନିୟନ୍ତ୍ରଣ), କଳାହାଣ୍ଡି, ମୋ:୯୪୩୭୬୦୭୩୧୨*

**ସଂକ୍ଷେପରେ**

## ପାକିସ୍ତାନ ଦଳକୁ ଫେରିଲେ ଆଲାମ

**କରାଚି, ୨୮।୭ (ପି.ଟି.):** ବ୍ୟାଟ୍ସମ୍ୟାନ ଫୱାଦ ଆଲାମ ୧୧ ବର୍ଷ ବ୍ୟବଧାନରେ ପାକିସ୍ତାନ ଟେଷ୍ଟ ଦଳକୁ ଫେରିଛନ୍ତି। ଇଂଲଣ୍ଡ ବିପକ୍ଷ ଆସନ୍ତା ଟେଷ୍ଟ ସିରିଜ ପାଇଁ ପାକିସ୍ତାନର ୨୦ ଜଣିଆ କ୍ରିକେଟ ଦଳ ମନୋନୀତ କରାଯାଇଛି। ଏଥିରେ ଦୁଇଜଣ ସ୍ପେଶାଲିଷ୍ଟ ସ୍ପିନର ସ୍ଥାନ ପାଇଛନ୍ତି। ମୁଖ୍ୟ କୋଚ୍ ତଥା ଚୟନକର୍ତ୍ତା ମିସ୍‌ବା ଉଲ୍ ହକ୍‌ଙ୍କ ଅଧକ୍ଷତାରେ ଗଠିତ ସିଲେକ୍ସନ କମିଟି ବ୍ୟାଟ୍ସମ୍ୟାନ ଇଫ୍‌ତିକର ଅହମ୍ମଦ, ଖୁସ୍ ଦିଲ ଶାହା, ଫଖର ଜମାନ ଓ ହାଇଦର ଅଲିଙ୍କୁ ବାଦ ଦେଇଥିବାବେଳେ ଫୱାଦଙ୍କୁ ସୁଯୋଗ ଦେଇଛି। ଏହି ବାମହାତି ବ୍ୟାଟ୍ସମ୍ୟାନ ଶେଷ ଥର ୨୦୦୯ରେ ନ୍ୟୁଜିଲାଣ୍ଡରେ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିଥିଲେ। ଚୟନକର୍ତ୍ତାମାନେ ଦୁଇ ଅଲରାଉଣ୍ଡର ଫହିମ୍ ଅଶ୍ରଫ ଓ ଶଦାବ ଖାଁଙ୍କ ବ୍ୟତୀତ ଦୁଇ ସ୍ପେଶାଲିଷ୍ଟ ସ୍ପିନର କାଶିଫ ଭଟି ଓ ଅଭିଜ୍ଞ ୟାସିର ଶାହାଙ୍କୁ ଦଳରେ ନେଇଛନ୍ତି।

## ଆୟର୍ଲାଣ୍ଡ ଦଳ ଘୋଷିତ

**ସାଉଥାମ୍ପଟନ, ୨୮।୭ (ପି.ଟି.):** ଗୁରୁବାର ଏଜାସ ବାଓଲଠାରେ ଆୟର୍ଲାଣ୍ଡ-ଇଂଲଣ୍ଡ ୩ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଆରମ୍ଭ ହେବା ଓପନିଂ ମ୍ୟାଚ ପାଇଁ ଆୟର୍ଲାଣ୍ଡ ୧୪ ଜଣିଆ ଦଳ ଘୋଷଣା କରିଛି। ଅଲରାଉଣ୍ଡର କର୍ଟିସ କାମ୍ଫରଙ୍କୁ ଦଳରେ ସାମିଲ କରାଯାଇଛି। ଚୂଡ଼ାନ୍ତ ଦଳରେ ସ୍ଥାନ ପାଇଲେ ଏହା ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ପଦାର୍ପଣ ହେବ। ଆଣ୍ଡ୍ରୁ ବାଲ୍‌ବିର୍ନେ ଦଳର ଅଧିନାୟକତ୍ୱ କରିବେ। ପଲ୍ ଷ୍ଟର୍ଲିଂ ତାଙ୍କ ଡେପୁଟି ଭାବେ କାର୍ଯ୍ୟକରିବେ। ୨୧ବର୍ଷୀୟ କାମ୍ଫର ହେଉଛନ୍ତି ଜଣେ ଦକ୍ଷିଣ ଆଫ୍ରିକା ଜନ୍ମିତ କ୍ରିକେଟର। କୋଭିଡ୍-୧୯ ପୂର୍ବରୁ ଫେବୃଆରୀରେ ନାମ୍ବିଆ ବିପକ୍ଷ ଏକ ଟି୨୦ ସିରିଜରେ ସେ ଆୟର୍ଲାଣ୍ଡ ତରଫରୁ ଖେଳି ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ।



ଟେଷ୍ଟ ସିରିଜ୍ ଟ୍ରଫି ସହ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍।

# ଇଂଲଣ୍ଡ ସିରିଜ ବିଜୟୀ

**ମାଞ୍ଚେଷ୍ଟର, ୨୮।୭**

କରୋନା ଭାଇରସ ସଂକ୍ରମଣ ଜନିତ ବ୍ରେକ୍ ପରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ କ୍ରିକେଟ ସିରିଜରେ ବିଜୟୀ ହୋଇଛି ଇଂଲଣ୍ଡ। ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟରେ ଘରୋଇ ଦଳ ୨୬୯ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୧ରେ ଜିତି ଇଂଲଣ୍ଡ ୱିଜଡେନ ଟ୍ରଫି ବଜାୟ ରଖିଛି। ସାଉଥାମ୍ପଟନଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ ବିଜୟୀ ହୋଇଥିଲେ ହେଁ ଇଂଲଣ୍ଡ ସଫଳ ପ୍ରତ୍ୟାବର୍ତ୍ତନ କରି ମାଞ୍ଚେଷ୍ଟରରେ ଅନୁଷ୍ଠିତ ୨ଟି ଯାକ ଟେଷ୍ଟକୁ ଜିତିଛି। ସିରିଜଟି ଅନେକ କାରଣରୁ ସ୍ମରଣୀୟ ହୋଇଛି। କରୋନା ସଂକ୍ରମଣ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଥିବାବେଳେ ଇଂଲଣ୍ଡରେ ଏହା ଜୈବ-ସୁରକ୍ଷିତ ପରିବେଶ ଏବଂ ବିନା ଦର୍ଶକରେ ଅନୁଷ୍ଠିତ ହୋଇଥିଲା। ବିଦେଶରୁ ଆସିଥିବା ଖେଳାଳିମାନେ କ୍ୱାରାଣ୍ଟାଇନ୍ ଔପଚାରିକତା ପୂରଣ କରିବା, ଉଭୟ ଦଳର ଖେଳାଳିଙ୍କ କୋଭିଡ୍ ଟେଷ୍ଟ, 'ବ୍ଲାକ୍ ଲାଇଭ୍ସ ମ୍ୟାଟର'କୁ ସମର୍ଥନ ଜଣାଇ ମ୍ୟାଚ ପୂର୍ବରୁ ଆଣ୍ଠୁ ତଳେ ପକାଇ ବସିବା ଆଦି ଏହି ସିରିଜର ସ୍ମରଣୀୟ ଘଟଣା ଥିଲା। ଟେଷ୍ଟ କ୍ରିକେଟରେ ୫୦୦ ଉଇକେଟ ପୂରଣ କରିଥିବା ଷ୍ଟୁଆର୍ଟ ବ୍ରଡ୍ ପ୍ଲେୟର ଅଫ୍ ଦି ମ୍ୟାଚ ଓ ଇଂଲଣ୍ଡର ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ୱେଷ୍ଟଇଣ୍ଡିଜର ପ୍ଲେୟର ଅଫ୍ ଦି ସିରିଜ ହୋଇଥିଲେ ରୋଷ୍ଟନ ଚେଜ୍।

ଦ୍ୱିତୀୟ ଇନିଂସରେ ୩୯୯ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୧୨୯ ରନରେ ଅଲଆଉଟ ହୋଇ ଯାଇଥିଲା। କ୍ରିସ୍ ୱୋକ୍ସ ଓ ଷ୍ଟୁଆର୍ଟ ବ୍ରଡ୍ ଘାତକ ବୋଲିଂ କରି ୱେଷ୍ଟଇଣ୍ଡିଜର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୱୋକ୍ସ ୫୦ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିବାବେଳେ ବ୍ରଡ୍ ୪ଟି ଉଇକେଟ ନେଇଥିଲେ। ମ୍ୟାଚରେ ୧୦ ଉଇକେଟ ସଫଳତା ପାଇଥିବା ବ୍ରଡ୍ ଟେଷ୍ଟ କ୍ରିକେଟରେ ୫୦୦ ଉଇକେଟର ମାଇଲଖୁଣ୍ଟ ମଧ୍ୟ ସ୍ପର୍ଶ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଶାଇ ହୋପ୍ ସର୍ବାଧିକ ୩୧, ଜର୍ମେନ ବ୍ଲାକ୍‌ଉଡ୍ ୨୩ ଓ ଶାମରା ବ୍ରୁକ୍ସ ୨୨ ରନ କରିବାକୁ ସକ୍ଷମ ହୋଇଥିଲେ। ବର୍ଷା ଯୋଗୁ ଏକାଧିକଥର ମ୍ୟାଚ ବାଧାପ୍ରାପ୍ତ ହୋଇଥିଲେ ହେଁ ୱେଷ୍ଟଇଣ୍ଡିଜ ପରାଜୟକୁ ଏଡ଼ାଇପାରି ନ ଥିଲା। କୌଣସି ୩ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ ହାରିବାପରେ ସଫଳ ପ୍ରତ୍ୟାବର୍ତ୍ତନ କରି ବିଜୟ ହାସଲ କରିବା ଇଂଲଣ୍ଡ ପାଇଁ ଏହା ୫ମ ଦୃଷ୍ଟାନ୍ତ। ୧୯୮୨-୮୩ ବନାମ ଅଷ୍ଟ୍ରେଲିଆ, ୧୯୮୮ ବନାମ ଅଷ୍ଟ୍ରେଲିଆ, ୨୦୦୦-୦୧ ବନାମ ଶ୍ରୀଲଙ୍କା, ୨୦୦୭-୦୮ ବନାମ ନ୍ୟୁଜିଲାଣ୍ଡ ସିରିଜରେ ମଧ୍ୟ ଇଂଲଣ୍ଡ ଅନୁରୂପ ଭାବେ ସଫଳ ପ୍ରତ୍ୟାବର୍ତ୍ତନ କରି ସିରିଜ ଜିତିଥିଲା।

**ସଂକ୍ଷିପ୍ତ ସ୍କୋର**

- ଇଂଲଣ୍ଡ ପ୍ରଥମ ଇନିଂସ: ୩୬୯
- ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୯୭
- ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୨୬/୨(ଘୋଷଣା)
- ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୧୨୯/ଅଲଆଉଟ(ଶାଇ ହୋପ୍-୩୧, ଜର୍ମେନ ବ୍ଲାକ୍‌ଉଡ୍-୨୩, ଶାମରା ବ୍ରୁକ୍ସ-୨୨, ଷ୍ଟୁଆର୍ଟ ବ୍ରଡ୍-୪/୩୬, କ୍ରିସ୍ ୱୋକ୍ସ-୫/୫୦)।

## ୫୦୦ ଟେଷ୍ଟ ଉଇକେଟ କ୍ଲବରେ ବ୍ରଡ୍

**ମାଞ୍ଚେଷ୍ଟର, ୨୮।୭:** ଇଂଲଣ୍ଡ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ୍ ଟେଷ୍ଟ କ୍ରିକେଟର ୫୦୦ ଉଇକେଟ କ୍ଲବରେ ସାମିଲ ହୋଇଛନ୍ତି। ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଅନୁଷ୍ଠିତ ତୃତୀୟ କ୍ରିକେଟ ଟେଷ୍ଟର ୫ମ ଦିବସରେ ୱେଷ୍ଟଇଣ୍ଡିଜର କ୍ରେଗ୍ ବ୍ରାଥୱେଟ୍‌ଙ୍କ ଉଇକେଟ ହାସଲ କରି ସେ ଏହି ସୌଭାଗ୍ୟ ଅର୍ଜନ କରିଛନ୍ତି। ଟେଷ୍ଟ କ୍ରିକେଟ ଇତିହାସରେ ୭ମ ଏବଂ ଇଂଲଣ୍ଡର ଦ୍ୱିତୀୟ ବୋଲରଭାବେ ଏହି ମ୍ୟାଜିକ୍ ସଂଖ୍ୟାକୁ ସ୍ପର୍ଶ କରିଛନ୍ତି ବ୍ରଡ୍। ତାଙ୍କ ପୂର୍ବରୁ ଇଂଲଣ୍ଡର ଜେମ୍ସ ଆଣ୍ଡରସନ ୨୦୧୭ରେ ଏହି ସଫଳତା ପାଇଥିଲେ। ଶ୍ରୀଲଙ୍କାର ମୁଥୟା ମୁରଲୀଧରନ ୮୦୦ ଉଇକେଟ ନେଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ମୁରଲୀଧରନ ମାତ୍ର ୮୭ ଟେଷ୍ଟରେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଥିବାବେଳେ ବ୍ରଡ୍ ଏଥିପାଇଁ ୧୪୦ ଟେଷ୍ଟର ସହାୟତା ନେଇଛନ୍ତି। ୫୦୦ ଉଇକେଟ କ୍ଲବରେ ଥିବା ଅନ୍ୟ ବୋଲରମାନେ ହେଲେ ଅଷ୍ଟ୍ରେଲିଆର ଶେନ ୱର୍ନ(୭୦୮ ଉଇକେଟ), ଭାରତର ଅନିଲ କୁମ୍ବଲେ(୬୧୯), ଇଂଲଣ୍ଡର ଆଣ୍ଡରସନ(୫୮୯), ଅଷ୍ଟ୍ରେଲିଆର ଗ୍ଲେନ ମ୍ୟାକଗ୍ରା(୫୬୩) ଏବଂ ୱେଷ୍ଟଇଣ୍ଡିଜର କର୍ଟନୀ ୱାଲ୍ସ(୫୧୯)। ଅଧିକ ଟେଷ୍ଟ ଖେଳିଥିଲେ ହେଁ ବ୍ରଡ୍ ୨୮୪୩୦ ବଲ୍ ବୋଲିଂ କରି ୫୦୦ ଉଇକେଟ ପୂରଣ କରିଛନ୍ତି। ଏହା ଟେଷ୍ଟ କ୍ରିକେଟରେ ତୃତୀୟ ଦ୍ରୁତତମ। ତାଙ୍କ ପୂର୍ବରୁ ମ୍ୟାକଗ୍ରା ୨୫୫୨୮ ଓ ଆଣ୍ଡରସନ ୨୮୧୫୦ ବଲ୍ ବୋଲିଂ କରି ଏହି ସଫଳତା ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୱାଲ୍ସ ୨୮୮୩୩, ମୁରଲୀଧରନ ୨୯୫୧୧, ୱର୍ନ ୩୦୨୦୦ ଓ କୁମ୍ବଲେ ୩୨୨୫୯ ବଲ୍‌ର ସହାୟତା ନେଇଛନ୍ତି।



୫୦୦ ଟେଷ୍ଟ ଉଇକେଟ ପୂରଣ ପରେ ବ୍ରଡ୍।

### କେତେ ଟେଷ୍ଟରେ ୫୦୦ ଉଇକେଟ (ବଲ୍)

୮୭: ମୁଥୟା ମୁରଲୀଧରନ (୨୯୫୧୧)
୧୦୫: ଅନିଲ କୁମ୍ବଲେ (୩୨୨୫୯)
୧୦୮: ଶେନ ୱର୍ନ (୩୦୨୦୦)
୧୧୦: ଗ୍ଲେନ ମ୍ୟାକଗ୍ରା (୨୫୫୨୮)
୧୨୯: ଜେମ୍ସ ଆଣ୍ଡରସନ (୨୮୧୫୦)
୧୨୯: କର୍ଟନୀ ୱାଲ୍ସ(୨୮୮୩୩)
୧୪୦: ଷ୍ଟୁଆର୍ଟ ବ୍ରଡ୍ (୨୮୪୩୦)

### ୫୦୦ ଉଇକେଟ କ୍ଲବ (୫୦୦ତମ ଉଇକେଟ)

୮୦୦: ମୁଥୟା ମୁରଲୀଧରନ(ଏମ୍. କାସ୍ପ୍ରୋୱିଜ)
୭୦୮: ଶେନ ୱର୍ନ(ଏଚ୍: ତିଲକରତ୍ନେ)
୬୧୯: ଅନିଲ କୁମ୍ବଲେ(ଏସ. ହାର୍ମିସନ)
୫୮୯: ଜେମ୍ସ ଆଣ୍ଡରସନ(କେ. ବ୍ରାଥୱେଟ)
୫୬୩: ଗ୍ଲେନ ମ୍ୟାକଗ୍ରା(ଏମ. ଟ୍ରେସ୍କୋଥିକ)
୫୧୯: କର୍ଟନୀ ୱାଲ୍ସ(ଜେ. କାଲିସ)
୫୦୦: ଷ୍ଟୁଆର୍ଟ ବ୍ରଡ୍(କେ. ବ୍ରାଥୱେଟ)

### ବ୍ରଡ୍‌ଙ୍କ ଉଇକେଟ

ପ୍ରଥମ: ଚାମିଣ୍ଡା ଭାସ୍
୧୦୦ତମ: ପ୍ରସନ୍ନା ଜୟବର୍ଦ୍ଧନେ
୨୦୦ତମ: ମାଇକେଲ କ୍ଲାର୍କ
୩୦୦ତମ: କ୍ରିସ୍ ରୋଜର୍ସ
୪୦୦ତମ: ଟମ୍ ଲାଥାମ
୫୦୦ତମ: କ୍ରେଗ୍ ବ୍ରାଥୱେଟ




## ଆଇପିଏଲ୍ ଗଭର୍ନିଂ କାଉନସିଲ ବୈଠକ ୨ରେ

**ନୂଆଦିଲ୍ଲୀ, ୨୮।୭(ପି.ଟି.)**

ଆସନ୍ତା ଅଗଷ୍ଟ ୨ ତାରିଖରେ ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଗଭର୍ନିଂ କାଉନସିଲର ବୈଠକ ବସିବ। ଚଳିତ ବର୍ଷ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଆଇପିଏଲ୍ ଆୟୋଜନ ହେବା ସ୍ଥିର ହୋଇଛି। ଏହି ବୈଠକରେ ଆଇପିଏଲ୍ ଟୁର୍ନାମେଣ୍ଟକୁ ଅନ୍ତିମ ରୂପ ଦିଆଯିବା ନେଇ ଚର୍ଚ୍ଚା ହେବ। ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ସମେତ ଆୟୋଜନ ନେଇ ବିଭିନ୍ନ ପଦକ୍ଷେପକୁ ଏହି ବୈଠକରେ ଅନ୍ତିମ ରୂପ ଦିଆଯିବ।

କୋଭିଡ୍-୧୯ ମହାମାରୀ କାରଣରୁ ଆଇପିଏଲ୍‌କୁ ଭାରତ ବାହାରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ୟୁଏଇରେ ଆଇପିଏଲ୍ ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ନଭେମ୍ବର ୮ ତାରିଖରେ ଶେଷ ହେବ। ଗଭର୍ନିଂ କାଉନସିଲ ବୈଠକ ୨ ତାରିଖରେ ଆୟୋଜନ ହେବ ବୋଲି ଆଇପିଏଲ୍ ଚେୟାରମ୍ୟାନ ବ୍ରିଜେଶ ପଟେଲ ସୂଚନା ଦେଇଛନ୍ତି। ଏହି ବୈଠକରେ ୮ଟି ଯାକ ଫ୍ରାଞ୍ଚାଇଜ୍ ଆଇପିଏଲ୍ ସଂକ୍ରାନ୍ତରେ ସ୍ପଷ୍ଟ ଭାବେ ସମ୍ପୂର୍ଣ୍ଣ ବିବରଣୀ ପାଇପାରିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ବୈଠକ ପରେ ଫ୍ରାଞ୍ଚାଇଜ୍‌ଗୁଡ଼ିକୁ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁର) ପ୍ରଦାନ କରାଯିବ ବୋଲି ଆଶା କରାଯାଉଛି।

ଏହି ବୈଠକରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି, ସମ୍ପାଦକ ଜୟ ଶାହାଙ୍କ ସମେତ ବୋର୍ଡର ଅନ୍ୟ ବରିଷ୍ଠ ଅଧିକାରୀ ଓ କ୍ରିକେଟ ଜଗତ ସହ ସମ୍ପର୍କ ରଖୁଥିବା ଅନ୍ୟ ବ୍ୟକ୍ତିମାନେ ଯୋଗ ଦେବେ।

ଉଲ୍ଲେଖଥାଉ କି, ଗାଙ୍ଗୁଲି ଓ ଶାହଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ବହୁ ଚର୍ଚ୍ଚିତ ଜଷ୍ଟିସ୍ ଆର.ଏମ୍. ଲୋଧା କମିଟି ପ୍ରସ୍ତାବ ଅନୁଯାୟୀ କୁଲିଂ ଅଫ୍ ପିରିୟଡ୍‌ରେ ରିହାତି ନେଇ ଉଭୟ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଅଗଷ୍ଟ ୧୭ ତାରିଖରୁ ଏ ନେଇ ଶୁଣାଣି ଜାରି ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏଥର ଆଇପିଏଲ୍‌ରେ କମ୍ ସଂଖ୍ୟକ ଡବଲ ହେଡର ରହିବ। ଅର୍ଥାତ୍ କାର୍ଯ୍ୟସୂଚୀରେ ଗୋଟିଏ ଦିନରେ ଦୁଇଟି ମ୍ୟାଚ୍ ରହିବାର ସମ୍ଭାବନା କମ୍ ରହିବ। ଫଳରେ ବ୍ରଡ୍‌କାଷ୍ଟରମାନେ ଲାଭବାନ ହେବେ। ଦର୍ଶକଙ୍କ ଅନୁପସ୍ଥିତିରେ ଜୈବ ସୁରକ୍ଷିତ ପରିବେଶରେ ମ୍ୟାଚ୍ ଆୟୋଜନ ହେଉଥିବାରୁ ଫ୍ରାଞ୍ଚାଇଜ୍‌ଗୁଡ଼ିକ କ୍ଷତି ସହିବେ।




## ସ୍ଥାନ ବଜାୟ ରଖିଲେ କୋହଲି, ରୋହିତ

**ଦୁବାଇ, ୨୮।୭ (ପି.ଟି.):** ଭାରତ ଅଧିନାୟକ ବିରାଟ କୋହଲି ଏବଂ ତାଙ୍କ ଡେପୁଟି ରୋହିତ ଶର୍ମା ସଦ୍ୟ ପ୍ରକାଶିତ ଆଇସିସି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ର୍ୟାଙ୍କିଙ୍ଗ୍ ତାଲିକାରେ ଯଥାକ୍ରମେ ସେମାନଙ୍କ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ବୋଲର ତାଲିକାରେ ଯଶପ୍ରୀତ ବୁମ୍‌ରା ପୂର୍ବଭଳି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କୋହଲି ୮୭୧ ରେଟିଂ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ରୋହିତ (୮୫୫) ଓ ପାକିସ୍ତାନର ବାବର ଆଜାମ୍ (୮୨୯) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ବୋଲର ତାଲିକାରେ ବୁମ୍‌ରା (୭୧୯) ନ୍ୟୁଜିଲାଣ୍ଡ ପେସ୍ ବୋଲର ଟ୍ରେଣ୍ଟ ବୋଲ୍ଟ (୭୨୨)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଆଫଗାନିସ୍ତାନର ମୁଜିବ୍ ଉର୍ ରହମନ(୭୦୧)ଙ୍କୁ ତୃତୀୟ ସ୍ଥାନ ମିଳିଛି। ଅନ୍ୟପକ୍ଷରେ ଟପ୍ ୧୦ ଅଲରାଉଣ୍ଡର ର୍ୟାଙ୍କିଙ୍ଗରେ ରବୀନ୍ଦ୍ର ଜାଡେଜା ଏକମାତ୍ର ଭାରତୀୟ ଭାବେ ୮ମ ସ୍ଥାନରେ ଅଛନ୍ତି। ଏହି କାଟାଗୋରିରେ ଆଫଗାନିସ୍ତାନର ମହମ୍ମଦ ନବି ଶୀର୍ଷରେ ରହିଥିବା ବେଳେ ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ତାଙ୍କ ପଛକୁ ଦ୍ୱିତୀୟରେ ଅଛନ୍ତି। ବହୁ ପ୍ରତିକ୍ଷୀତ ସୁପର ଲିଗ୍ ଗୁରୁବାର ଇଂଲଣ୍ଡ-ଆୟର୍ଲାଣ୍ଡ ସିରିଜ ସହ ଆରମ୍ଭ ହେବାକୁ ଯାଉଛି। ଏଥିରେ ୧୩ଟି ଦଳ ୨୦୨୩ରେ ଭାରତରେ ହେବାକୁଥିବା ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବାକୁ ଚେଷ୍ଟା କରିବେ।

**ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍**




# କୁହୁଳୁଛି ପ୍ରତିବାଦର ସ୍ୱର

**ସ୍ପୋର୍ଟ୍ସ ହଷ୍ଟେଲକୁ ଚିଠି ପ୍ରସଙ୍ଗ**

**କଟକ ଅଫିସ, ୨୮।୭**

ସ୍ପୋର୍ଟ୍ସ ହଷ୍ଟେଲକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆସିଥିବା ଏକ ଚିଠିକୁ ନେଇ ପ୍ରତିବାଦର ସ୍ୱର କୁହୁଳିବାରେ ଲାଗିଛି। ସ୍ପୋର୍ଟ୍ସ ହଷ୍ଟେଲରେ ରହୁଥିବା ୧୬ବର୍ଷରୁ ଅଧିକ ବୟସ ଖେଳାଳିଙ୍କୁ ବାଦ୍ ଦିଆଯାଇ ପାରେ ବୋଲି ଆଶଙ୍କା କରି ଏବେ ବିଭିନ୍ନ କ୍ରୀଡ଼ା ସଂଘ ଏକଜୁଟ ହେଉଛନ୍ତି। ପଶ୍ଚିମାଞ୍ଚଳ କ୍ରୀଡ଼ାସଂଘଗୁଡ଼ିକ ଏ ନେଇ ବାରମ୍ବାର ବୈଠକ ଡାକୁଛନ୍ତି। ରାଜ୍ୟର ଅନ୍ୟ କ୍ରୀଡ଼ା ସଂଘ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି।

ସୂଚନା ଯୋଗ୍ୟ, ଗତ ଜୁନ ୧୮ରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ସମସ୍ତ ସ୍ପୋର୍ଟ୍ସ ହଷ୍ଟେଲକୁ ଚିଠି(ନଂ-ଏସ୍‌ୱାଇଏସ୍-ଏସଏଚ୍-୨୨-୨୦୨୦)କରାଯାଇଥିଲା। ଚିଠିରେ ଉଲ୍ଲେଖ ରହିଥିଲା ଯେ, ସ୍ପୋର୍ଟ୍ସ ହଷ୍ଟେଲଗୁଡ଼ିକୁ ନବୀକରଣ କରାଯିବ। ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କ ମଧ୍ୟରୁ କେତେଜଣ ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଛନ୍ତି କିମ୍ବା ଚଳିତବର୍ଷ ୧୦ମ ପରୀକ୍ଷା ଦେଇଥିଲେ, ସେମାନଙ୍କ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ରହିଥିଲା। କିଛି ବରିଷ୍ଠ କ୍ରୀଡ଼ା ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଉଦୀୟମାନ ଖେଳାଳିଙ୍କ ପ୍ରତିଭାକୁ ବଳି ଦେବା ଭଳି ହେବ। ୧୬ବର୍ଷରୁ ଅଧିକ ବୟସ ଖେଳାଳିଙ୍କୁ ବାଦ୍ ଦେବା ପାଇଁ ଯୋଜନା ଆରମ୍ଭ ହୋଇଛି। ଏହି ବୟସରେ ହିଁ ଖେଳାଳିମାନେ ଅଧିକ ପରିଶ୍ରମ କରନ୍ତି ଓ ଜାତୀୟ କିମ୍ବା ଅନ୍ତର୍ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟ ଖେଳିବା ପାଇଁ ପ୍ରସ୍ତୁତ ହୁଅନ୍ତି। ୧୬ବର୍ଷରୁ ଅଧିକ ବୟସ ଖେଳାଳିମାନେ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ରୁହନ୍ତି। ଏମାନଙ୍କୁ ବାଦ ଦିଆଯିବା ଅର୍ଥ ସେଣ୍ଟର ଅଫ୍ ଏକ୍ସିଲେନ୍ସକୁ ବନ୍ଦ କରିବା। ରାଜ୍ୟ ସରକାରଙ୍କ ଏହି ଚିଠିକୁ ନେଇ ପ୍ରତିବାଦ ତୀବ୍ର ହେବାରେ ଲାଗିଲାଣି।



ଆଶୀର୍ବାଦ ବେହେରା



ପ୍ରବୋଧ ତିର୍କୀ



ପ୍ରତାପ ଶତପଥୀ

### ସରକାରଙ୍କ ସହ ଆଲୋଚନା ହେବ

ଆମେ ମଧ୍ୟ ସମାନ ଖବର ପାଇଛୁ। ୧୬ବର୍ଷରୁ ଅଧିକ ବୟସ ଖେଳାଳିଙ୍କୁ ସ୍ପୋର୍ଟ୍ସ ହଷ୍ଟେଲରୁ ବାଦ୍ ଦିଆଯାଇ ପାରେ ବୋଲି ଶୁଣିବାକୁ ମିଳିଛି। ରାଜ୍ୟ ସରକାରଙ୍କ ଏହି ଚିଠି କାର୍ଯ୍ୟକାରୀ ହେଲେ କ୍ରୀଡ଼ାଜଗତ ପାଇଁ କ୍ଷତି। ଏହା କ୍ରୀଡ଼ାବିତଙ୍କ ପାଇଁ ଅନ୍ୟାୟ ହେବ। ମୁଖ୍ୟମନ୍ତ୍ରୀ, କ୍ରୀଡ଼ାମନ୍ତ୍ରୀ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀଙ୍କ ନିକଟକୁ ଆମେ ଖୁବଶୀଘ୍ର ଏକ ଚିଠି ଲେଖିବୁ। ରାଜ୍ୟ ସରକାରଙ୍କ ସହ ଏ ନେଇ ଆଲୋଚନା ମଧ୍ୟ କରାଯିବ।

– **ଆଶୀର୍ବାଦ ବେହେରା**, ସମ୍ପାଦକ, ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ

### କ୍ରୀଡ଼ା ମୂଳଦୁଆ ଭୁଶୁଡ଼ିଯିବ

ଦଳ ଗଠନ କରିବା ଦାୟିତ୍ୱ କ୍ରୀଡ଼ା ସଙ୍ଘର। ଖେଳାଳିଙ୍କ ଭବିଷ୍ୟତ ପ୍ରତି କ୍ରୀଡ଼ା ସଙ୍ଘଗୁଡ଼ିକ ବେଶୀ ଯତ୍ନବାନ। ଏ ପର୍ଯ୍ୟନ୍ତ ସରକାର କ୍ରୀଡ଼ାସଙ୍ଘଗୁଡ଼ିକ ସହିତ କୌଣସି ଆଲୋଚନା କରି ନାହାନ୍ତି। ୧୬ବର୍ଷରୁ ଅଧିକ ବୟସ ଖେଳାଳିଙ୍କୁ ବାଦ୍ ଦିଆଯିବ ବୋଲି ମଧ୍ୟ ଏଯାଏଁ ସ୍ପଷ୍ଟ କରିନାହାନ୍ତି। ମାତ୍ର ଯଦି ଏଭଳି ହୁଏ, ତାହେଲେ କ୍ରୀଡ଼ାର ମୂଳଦୁଆ ଭୁଶୁଡ଼ି ଯିବ। ସ୍ପୋର୍ଟ୍ସ ହଷ୍ଟେଲ ବିନା କୌଣସି ଖେଳାଳି ଅନ୍ତର୍ଜାତୀୟ ସ୍ତରକୁ ଯାଇ ପାରିନାହାନ୍ତି। ଆଶଙ୍କା କରାଯାଉଥିବା ପ୍ରସଙ୍ଗ ସତ ହେଲେ, ଭାରତ କ୍ରୀଡ଼ା ମାନଚିତ୍ରରୁ ଓଡ଼ିଶାର ନାଁ ନିଶ୍ଚିହ୍ନ ହୋଇଯିବ।

– **ପ୍ରତାପ ଶତପଥୀ**, ସମ୍ପାଦକ, ହକି ଓଡ଼ିଶା

### ଖେଳାଳିଙ୍କ କ୍ୟାରିୟର ନଷ୍ଟ ନ ହେଉ

ଜଣେ ଖେଳାଳି ସଫଳ ହେବା ପାଇଁ କେତେ ବୟସ ଦରକାର ତାହାର କୌଣସି ମାପକାଠି ନାହିଁ। ୧୫/୧୬ବର୍ଷ ପରେ ହିଁ ଖେଳାଳିମାନେ ସଫଳ ହେବାର ସ୍ୱପ୍ନ ଦେଖନ୍ତି। ନିଜ ପାଠପଢ଼ାକୁ ନ ଚାହିଁ ଜଣେ କ୍ରୀଡ଼ାବିତ୍ ସ୍ପୋର୍ଟ୍ସ ହଷ୍ଟେଲରେ ଭର୍ତ୍ତି ହୁଏ। ଏହି ବୟସରେ ଖେଳାଳିମାନଙ୍କୁ ନିରୁତ୍ସାହିତ କଲେ ସେମାନଙ୍କ କ୍ୟାରିୟର ନଷ୍ଟ ହୋଇଯିବ। ଏହି ଘଟଣା ଏବେ ଆଲୋଚନାର ବିଷୟ। ଆଶଙ୍କା ଯଦି ସତ ପ୍ରମାଣିତ ହୁଏ, ତାହେଲେ ନିନ୍ଦନୀୟ। ରାଜ୍ୟ କ୍ରୀଡ଼ା ପାଇଁ ଦୃଷ୍ଟି ଦିଆଯାଉ। ଖେଳାଳିଙ୍କ କ୍ୟାରିୟର କିପରି ନଷ୍ଟ ନ ହେବ, ସେଥିପ୍ରତି ରାଜ୍ୟ ସରକାର ଯତ୍ନବାନ ହୁଅନ୍ତୁ।

–**ପ୍ରବୋଧ ତିର୍କୀ**, ପୂର୍ବତନ ଅନ୍ତର୍ଜାତୀୟ ହକି ଖେଳାଳି




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ